NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 12 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
31 OCTOBER 2024
ଗୁରୁବାର
୩୧ ଅକ୍ଟୋବର ୨୦୨୪

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 163 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ ● ସଂଖ୍ୟା ୧୬୩ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


### ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

# ବିକଶିତ ଓଡ଼ିଶାର ରୂପରେଖ ପାଇଁ ପ୍ରସ୍ତାବ ଦିଅନ୍ତୁ

**ଭୁବନେଶ୍ୱର,୩୦।୧୦/ଏନ୍‌ଏନ୍‌ଏସ୍:**

ସମୃଦ୍ଧ ଓଡ଼ିଶା ୨୦୩୬ରେ ଗଠିତ ହେବ। ୨୦୪୭ର ବିକଶିତ ଭାରତ ପାଇଁ ଓଡ଼ିଶାର ରହିବ ମହତ୍ତ୍ୱପୂର୍ଣ୍ଣ ଅବଦାନ। ଏହି ଲକ୍ଷ୍ୟ ହାସଲ ପାଇଁ ଏକ 'ଭିଜନ ଡକ୍ୟୁମେଣ୍ଟ' ପ୍ରସ୍ତୁତ କରାଯିବ। ଏଥିପାଇଁ

## ■ ଭିଜନ ଡକ୍ୟୁମେଣ୍ଟ ପାଇଁ ଉନ୍ମୋଚିତ ହେଲା ୱେବ୍ ପୋର୍ଟାଲ, ଲୋଗୋ
## ■ ପୋର୍ଟାଲ, ହ୍ୱାଟସ୍ ଆପ୍ ଚାଟ୍ ଜରିଆରେ ଲୋକେ ପଠାଇବେ ପ୍ରସ୍ତାବ



ଉନ୍ମୋଚିତ ହୋଇଛି ସ୍ୱତନ୍ତ୍ର ୱେବ୍ ପୋର୍ଟାଲ। ବିକଶିତ ଓଡ଼ିଶାର ରୂପରେଖ ପ୍ରସ୍ତୁତ କରିବେ ଓଡ଼ିଶା ଲୋକେ। ସେଥିପାଇଁ ଜନସାଧାରଣଙ୍କୁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁରୋଧ କରିଛନ୍ତି।

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଜନ୍ ଡକ୍ୟୁମେଣ୍ଟ ପାଇଁ ଓଡ଼ିଶାର ଲୋକଙ୍କୁ ସୁଚିନ୍ତିତ ମତାମତ ଦେବା ପାଇଁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ମିଳିତ ପ୍ରଚେଷ୍ଟାରେ ଏହି ୱେବ୍ ପୋର୍ଟାଲ ପ୍ରସ୍ତୁତ କରାଯାଇଛି। ତାହା ହେଉଛି- ଷଷ୍ପଷ୍ପକ୍ଷ୍ପ://ଙ୍ଗସଷ୍ପସକ୍ଷଭ.କ୍ଷୟସଷ୍ପଷବ.ଶକ୍ଷଙ୍ଗ.ସଭ/। ଜନସାଧାରଣ ଏହି ୱେବ୍ ପୋର୍ଟାଲ ସହିତ ହ୍ୱାଟସ୍ ଆପ୍ ୯୧ ୬୩୭୦୯୫୧୯୨୦ ଏବଂ ଇ-ମେଲ ଙ୍ଗସଷ୍ପସକ୍ଷଭଅକ୍ଷୟସଷ୍ପଷବ.ଶକ୍ଷଙ୍ଗ.ସଭ ଜରିଆରେ ରାଜ୍ୟ ସରକାରଙ୍କୁ ଆଜିଠାରୁ ତିନି ସପ୍ତାହ ମଧ୍ୟରେ ପ୍ରସ୍ତାବ ପଠାଇପାରିବେ। ବିକଶିତ ଓଡ଼ିଶା ଗଠନ ପାଇଁ ଆମେ ଯେଉଁ ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ ଯାଉଛୁ, ତାହା ଲୋକଙ୍କ ମତାମତ ଆଧାରରେ ହିଁ ପ୍ରସ୍ତୁତ ହେବ। ବିକଶିତ ଓଡ଼ିଶାର ରୂପରେଖ ଓଡ଼ିଶାର ଲୋକମାନେ ହିଁ ପ୍ରସ୍ତୁତ କରିବେ। ଏହା କେବଳ ଏକ ସରକାରୀ ଦସ୍ତାବିଜ ହେବନାହିଁ, ବରଂ ରାଜ୍ୟର ଜନସାଧାରଣଙ୍କ ଦ୍ୱାରା, ଜନସାଧାରଣଙ୍କ ପାଇଁ ଏକ ଦସ୍ତାବିଜ ହେବ। ଜନସାଧାରଣଙ୍କ ଆକାଂକ୍ଷାର ପ୍ରକୃତ ପ୍ରତିଫଳନ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେ ନିଜେ, ତାଙ୍କର ସହଯୋଗୀ ଦୁଇ ଉପ-ମୁଖ୍ୟମନ୍ତ୍ରୀ ଏବଂ ▶▶ ୭

# ସରୋଜିନୀ ସାହୁଙ୍କୁ ଶାରଳା ପୁରସ୍କାର

### ତାନ୍‌ସେନ୍ ସିଂ ଓ ସୁଦର୍ଶନ ସାହୁଙ୍କୁ କଳା ସମ୍ମାନ



**ଭୁବନେଶ୍ୱର, ୩୦।୧୦/ଏନ୍‌ଏନ୍‌ଏସ୍:**

ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ପ୍ରତି ବର୍ଷ ଇଣ୍ଡିଆନ୍ ମେଟାଲ୍‌ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତ ବର୍ଷ ସୁଖ୍ୟାତ କଥାକାର ଡ. ସରୋଜିନୀ ସାହୁଙ୍କୁ ପ୍ରଦାନ କରାଯାଇଛି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କବି ଓ କଥାକାର ଦେବଦାସ ଛୋଟରାୟ ଡ. ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଉପନ୍ୟାସ 'ଅସ୍ଥିର ପାଦ' ପାଇଁ ପ୍ରାପ୍ତ ଏହି ପୁରସ୍କାର ବାବଦରେ ଲେଖିକାଙ୍କୁ ତାମ୍ରଫଳକ, ଉପାୟନ ସହିତ ସାତଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ ବର୍ଷିୟାନ୍ ସ୍ଥପତି ସୁଦର୍ଶନ ସାହୁ ଏବଂ ଲୋକପ୍ରିୟ ▶▶ ୭



### ଦୀପାବଳି ଅଭିନନ୍ଦନ

ପବିତ୍ର ଦୀପାବଳି ଉପଲକ୍ଷେ ସମସ୍ତ ପାଠକ, ବିତରକ ଓ ବିଜ୍ଞାପନଦାତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

-ପରିଚାଳନା ନିର୍ଦ୍ଦେଶକ

### 'ନିତିଦିନ'ର ଛୁଟି

ଦୀପାବଳି ଉପଲକ୍ଷେ 'ନିତିଦିନ' କାର୍ଯ୍ୟାଳୟ ଓ ପ୍ରେସ୍ ୩୧ ଅକ୍ଟୋବର ଗୁରୁବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ନଭେମ୍ବର ୨ ତାରିଖ ଶନିବାର ପ୍ରକାଶ ପାଇବ।

-ପ୍ରକାଶକ

# ୨୬ରୁ ବିଧାନସଭା ଶୀତ ଅଧିବେଶନ

### ■ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ ଗୃହ ■ ପ୍ରଥମ ଦିନ ଅତିରିକ୍ତ ବଜେଟ୍ ଉପସ୍ଥାପନ

**ଭୁବନେଶ୍ୱର,୩୦।୧୦/ଏନ୍‌ଏନ୍‌ଏସ୍:**

ନଭେମ୍ବର ୨୬ରୁ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ତାହା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଏହାରି ମଧ୍ୟରେ ୩୦ଟି କାର୍ଯ୍ୟଦିବସ ରହିବ। ବୁଧବାର ବିଧାନସଭା ସଚିବାଳୟ ପକ୍ଷରୁ ଜାରି ହୋଇଛି ଏହି ବିଜ୍ଞପ୍ତି। ମୋଟ୍ ୩୦ କାର୍ଯ୍ୟକାରୀ ଦିବସ ମଧ୍ୟରୁ ନଭେମ୍ବରରେ ୫ ଓ ଡିସେମ୍ବର ମାସରେ ୨୫ କାର୍ଯ୍ୟ ଦିବସ ରହିବ। ପ୍ରଥମ ଦିବସରେ ▶▶ ୭

# ଦୀପାବଳି ପାଇଁ ମୋହନ, ନବୀନଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୩୦।୧୦/ଏନ୍‌ଏନ୍‌ଏସ୍:**

ଦୀପାବଳି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ଉଭୟ ରାଜ୍ୟର ଉନ୍ନତି କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆଲୋକର ପର୍ବ ଦୀପାବଳି ରାଜ୍ୟର ଲୋକମାନଙ୍କ ଜୀବନକୁ ଆଲୋକିତ କରି ସୁଖ ଓ ସମୃଦ୍ଧିରେ ଭରିଦେଉ। ସେହିପରି ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଭିଡିଓ ▶▶ ୭

### ଯାଯାବର ଗୋଷ୍ଠୀ ମଧ୍ୟରେ ସଂଘର୍ଷ


# ୩ ମହିଳାଙ୍କ ସମେତ ଗଡ଼ିଲା ୫ ମୁଣ୍ଡ


**ସୁନ୍ଦରଗଡ଼,୩୦।୧୦/ଏନ୍‌ଏନ୍‌ଏସ୍:**

ଗତ ରାତିରେ ସୁନ୍ଦରଗଡ଼ରେ ଏକ ରକ୍ତାକ୍ତ ସଂଘର୍ଷ ଘଟିଛି। ପରକିୟା ପ୍ରୀତିରୁ ଦୁଇ ଯାଯାବର ଗୋଷ୍ଠୀ ମଧ୍ୟରେ ଦେଖିବାକୁ ମିଳିଛି ଭୟଙ୍କର ରକ୍ତପାତ। ସଂଘର୍ଷରେ ୫ ଜଣ ଜୀବନ ହରାଇଛନ୍ତି। ୪ ଆହତଙ୍କୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା ଅଛନ୍ତି। ସୁନ୍ଦରଗଡ଼ ସଦର ଥାନା କରମଡିହି ଅଞ୍ଚଳର ଗୀତାପଡ଼ାରେ ଏହି ରକ୍ତାକ୍ତ ଗୋଷ୍ଠୀ ସଂଘର୍ଷ।

ଏହି ଘଟଣାରେ ୫ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଛାନ୍‌ଭିନ୍ ଚଳାଇଛି। ପରକୀୟା ପ୍ରୀତିରୁ ଗୋଷ୍ଠୀ ସଂଘର୍ଷ ଘଟିଥିବା ସୂଚନା ମିଳିଛି।

ଆକ୍ରମଣକାରୀ ଗୋଷ୍ଠୀ ଜଣେ ମହିଳା ଓ ଦୁଇ ଶିଶୁଙ୍କୁ ନେଇ ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି। ଘଟଣାସ୍ଥଳରେ ପଶ୍ଚିମାଞ୍ଚଳ ଡିଆଇଜି ଓ ସୁନ୍ଦରଗଡ଼ ଏସପି ପହଞ୍ଚିଛନ୍ତି। ଗତ କିଛି ମାସ ହେଲା ମହାରାଷ୍ଟ୍ର ୱାର୍ଦ୍ଧା ଅଞ୍ଚଳର ଏକ ଯାଯାବର ଦଳ ଆସି କରମଡିହି ନିକଟରେ ତମ୍ବୁ ଲଗାଇ ରହି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅବିନାଶ ପାୱାରର ପ୍ରଥମ ପତ୍ନୀ ନିଜ ସ୍ୱାମୀ ଓ ପୁଅକୁ ଛାଡ଼ି ଅନ୍ୟ କାହା ସହିତ ପଳାଇଥିଲେ। ଏହାପରେ ଅବିନାଶ ଆଉ ଜଣେ ବିବାହିତା ମହିଳାଙ୍କୁ ବିବାହ କରିଥିଲେ। ତାଙ୍କ ଦ୍ୱିତୀୟ ପତ୍ନୀଙ୍କର ବି ଦୁଇ ସନ୍ତାନ ଅଛନ୍ତି। ତେବେ ତାଙ୍କ ଦ୍ୱିତୀୟ ପତ୍ନୀଙ୍କର ପୂର୍ବ ପରିବାର ସହ ପୂର୍ବରୁ ଝଗଡ଼ା ଲାଗି ରହୁଥିଲା। ଗତକାଲି ରାତି ପ୍ରାୟ ୧୧ ଟା ବେଳେ ସମସ୍ତେ ଶୋଇଥିବା ବେଳେ ହଠାତ୍ ୪ ଜଣ ଆସି ଅତର୍କିତ ଭାବେ ଅବିନାଶଙ୍କ ପରିବାର ସଦସ୍ୟଙ୍କୁ ଭୁଜାଲି ଦ୍ୱାରା ଆକ୍ରମଣ କରିଥିଲେ। ଯାହା ଫଳରେ ତିନି ମହିଳାଙ୍କ ସହିତ ପାଞ୍ଚ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣରେ ଦୁଇ ଶିଶୁଙ୍କ ସମେତ ଅବିନାଶ ଓ ତାଙ୍କ ଦ୍ୱିତୀୟ ପତ୍ନୀ ଆହତ ହୋଇଛନ୍ତି। ଆଖି ପିଛୁଳାକେ ରକ୍ତର ହୋଲି ଖେଳିବା ପରେ ଆକ୍ରମଣକାରୀମାନେ ଅବିନାଶଙ୍କ ଦ୍ୱିତୀୟ ପତ୍ନୀ ଓ ଦୁଇ ଶିଶୁଙ୍କୁ ନେଇ ଫେରାର ହୋଇ ଯାଇଛନ୍ତି। ଖବର ପାଇ ସଦର ଥାନା ପୁଲିସ ପହଞ୍ଚି ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇ ଥିବା ବେଳେ ସଦର ଏସଡିପିଓ, ଏସପି ଏବଂ ଡିଆଇଜି ପଶ୍ଚିମାଞ୍ଚଳ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି। ଆକ୍ରମଣକାରୀମାନେ ଅପର ଯାଯାବର ▶▶ ୭



# ୧ରୁ ବାଗୁଡ଼ି ମହୋତ୍ସବ




**ସୋର,୩୦।୧୦/ଏନ୍ଏନ୍ଏସ୍:** ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା ବାଗୁଡ଼ି ମହୋତ୍ସବ ଆସନ୍ତା ନଭେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଏକ ସମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ବାଗୁଡ଼ି ଭଗବତୀ ଟ୍ରେଡର୍ସ ସଭାଗୃହରେ କମିଟି ସଭାପତି ଲକ୍ଷ୍ମୀନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଜିତ୍ କୁମାର ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ।

ଅନ୍ୟତମ ଅତିଥି ତଥା ଉପଦେଷ୍ଟା ଦେବେନ୍ଦ୍ର କୁମାର ପ୍ରଧାନ ଏହି ମହୋତ୍ସବ ସ୍ଥାନୀୟ ପର୍ଯ୍ୟଟନ କ୍ଷେତ୍ର ସିନ୍ଧୁଆ ଡ୍ୟାମ୍ ଏବଂ ମଣି ପାହାଡ଼ ଉପରେ ଗୁରୁତ୍ୱ ପ୍ରଦାନ କରିବ ବୋଲି ସୂଚନା ଦେଇଥିଲେ। ଉତ୍ସବରେ ଆଞ୍ଚଳିକ ଲୋକକଳା ପ୍ରତିଭାମାନଙ୍କ ଦ୍ୱାରା ନୃତ୍ୟ ଗୀତ, ବାଦ୍ୟକଳା ପ୍ରଦର୍ଶିତ କରାଯିବ। ଏଥି ସହିତ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ ପାରମ୍ପରିକ ନୃତ୍ୟ, ଚିତ୍ର ତାରକା, ଯାତ୍ରା କଳାକାର, କଣ୍ଠଶିଳ୍ପୀ, ହାସ୍ୟ ଅଭିନେତା ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ଅତିଥି ଭାବେ ରାଜନେତା, ବୈଜ୍ଞାନିକ, ପ୍ରଶାସନିକ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ମହୋତ୍ସବରେ ମୀନାବଜାର, ରାମଦୋଳି, ବ୍ରେକ୍‌ଡ୍ୟାନ୍ସ, ଟୋରୋଟାରା, ଡ୍ରାଗନ ସୋ', ବୋଟିଂର ଆନନ୍ଦ ଦର୍ଶକମାନେ ନେଇପାରିବେ। ଏଥି ସହିତ ବନାରସୀ ପାନ, ରାଜସ୍ଥାନୀ ମଥୁରା କେକ୍, ସମ୍ବଲପୁରୀ ଚାଟ୍, କଟକ ଠୁଙ୍କାପୁରୀ, ରାଜସ୍ଥାନୀ ଭେଲପୁରୀ, କଲକତି ଜିଲାପି, ଚିକେନ୍ କବାବ, ଗୁପ୍‌ଚୁପ୍ ଓ ଚାର୍ଟ ପ୍ରଭୃତି ଖାଇବାର ମଜା ନେବେ ଦର୍ଶକ। ଏହି ଅବସରରେ ସୋର ମହୋତ୍ସବର ସମ୍ପାଦକ ଅଜିତ୍ ନାୟକ, ଗୟାଧର ସାହୁ, ଜୀବନ କୁମାର ଦାସ, ଅକ୍ଷୟ କୁମାର ଦାସ, କୈଳାସ ଜେନା, ସୁବ୍ରତ ବାରିକ, ଗୌରୀ ଶଙ୍କର ସିଂ, ସପନ କୁମାର ମହାନ୍ତି ଏବଂ ଲଳିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କମିଟି ସମ୍ପାଦକ ମୁକ୍ତିକାନ୍ତ ଘଡ଼ାଇ ଧନ୍ୟବାଦ୍ ଦେଇଥିଲେ।

## ବଦଳି ପରେ ଅସନ୍ତୋଷ ବ୍ୟକ୍ତକଲେ ଜନତା

# କେନ୍ଦ୍ରାପଡ଼ା ବିଡିଓଙ୍କ ପ୍ରକୋଷ୍ଠକୁ ଅଣ୍ଡାମାଡ଼

**କେନ୍ଦ୍ରାପଡ଼ା,୩୦।୧୦/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ବ୍ଲକ ବିଡିଓ ବନ୍ଦନା ଖଟୁଆଙ୍କ ବଦଳି ପରେ ଜନତା ଉତ୍ତ୍ୟକ୍ତ ହୋଇ ସେମାନଙ୍କ ଆକ୍ରୋଷ ବ୍ୟକ୍ତ କରିଛନ୍ତି। ଫଳସ୍ୱରୂପ ବିଡିଓଙ୍କ କାର୍ଯ୍ୟାଳୟକୁ ଘନ ଘନ ଅଣ୍ଡାମାଡ଼ ହୋଇଛି। ଏହା ଦ୍ୱାରା ଦୀର୍ଘଦିନର ଅସନ୍ତୋଷର ବହ୍ନି ଜଳିଛି।




କେନ୍ଦ୍ରାପଡ଼ା ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନାମରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଅର୍ଥ ତୋଷରପାତ କରାଯାଇଥିବା ଅଭିଯୋଗ ହୋଇଛି। ସରକାରୀ ନୀତିନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇ ବେଆଇନ ଭାବରେ ବିଲ୍ କରାଯାଇ କୋଟି କୋଟି ଟଙ୍କାର ସରକାରୀ ଅର୍ଥକୁ ଚଲୁ କରି ଦିଆଯାଇଛି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ବି ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ଲୋକମାନେ ସେମାନଙ୍କର ବହୁ ଦିନର ଅସନ୍ତୋଷକୁ ବ୍ୟକ୍ତ କରି ଏଭଳି କରିଥିବା ଆଲୋଚନା ହେଉଛି। ସେମାନେ ବିଡିଓଙ୍କ ଉପରେ ଅଣ୍ଡାମାଡ଼ କରିବାକୁ ଯାଇଥିଲେ। ହେଲେ ସେ ନ ଆସିବାରୁ ବାଧ୍ୟ ହୋଇ ତାଙ୍କ କାର୍ଯ୍ୟାଳୟ ଉପରକୁ ଅଣ୍ଡାମାଡ଼ କରିଥିଲେ। ସେ କେନ୍ଦ୍ରାପଡ଼ା ବ୍ଲକରେ ଯେତିକି ଦିନ ରହିଛନ୍ତି ସେହି ଅବଧି ମଧ୍ୟରେ କୋଟି କୋଟି ଟଙ୍କା ଜନତାଙ୍କ ଟିକସ ଅର୍ଥ ଲୁଟିନେଇଛନ୍ତି। ତାଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ମଧ ଅଭିଯୋଗପତ୍ର ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିକଟକୁ ପଠାଯାଇଛି। ଏହି ଅଣ୍ଡାମାଡ଼କୁ ନେଇ ବ୍ଲକ କାର୍ଯ୍ୟାଳୟରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କେନ୍ଦ୍ରାପଡ଼ା ଟାଉନ୍ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ବିଡିଓଙ୍କୁ ବିରୋଧ କରୁଥିବା କେତେକ ପଞ୍ଚାୟତର ଜନପ୍ରତିନିଧି ଓ କର୍ମୀମାନେ ଏହି ଅଣ୍ଡା ମାଡ଼ କରିଛନ୍ତି। ସେମାନେ ପ୍ରଥମେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ବିଡିଓଙ୍କୁ ସେଠାରେ ପାଇ ନ ଥିଲେ। ଏହାପରେ ସେମାନେ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଅଣ୍ଡାମାଡ଼ କରିବାକୁ ଛକି ବସିଥିଲେ। ହେଲେ ବିଡିଓ ନଆସି ବାରୁ ସେମାନେ ପୁନର୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ପ୍ରକୋଷ୍ଠକୁ ଲକ୍ଷ୍ୟ କରି ଅଣ୍ଡାମାଡ଼ କରିଥିଲେ। ଏ ନେଇ ବିଡିଓ କେନ୍ଦ୍ରାପଡ଼ା ଥାନାରେ ଏତଲା ଦେଇଛନ୍ତି। ଏତଲା ପାଇବାପରେ ଟାଉନ୍ ଥାନାଧିକାରୀ ଦିଲ୍ଲୀପ କୁମାର ସାହୁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରକୋଷ୍ଠ ଦୁଆର ମୁହଁରେ ଅଣ୍ଡା ପଡ଼ିଥିବା ଦେଖିଥିଲେ। ନିକଟରେ କେନ୍ଦ୍ରାପଡ଼ା ବ୍ଲକ ବିଡିଓଙ୍କ ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। କିଛି ଦିନ ହେବ କେତେକ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ନେଇ ଜନ ପ୍ରତିନିଧିମାନେ ବିଡିଓଙ୍କୁ ବିରୋଧ କରୁଥିଲେ। ଏପରିକି କେତେକ ଜନପ୍ରତିନିଧିଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏପରିକି ଜଣେ ପୂର୍ବତନ ବିଧାୟକ ମଧ ତାଙ୍କ ବିରୋଧରେ କହିଛନ୍ତି ଯେ ସେ ବିଧାୟକ ଥିବାବେଳେ ଦୁହୁରିଆରୁ ଗରାପୁର କୋଠି ଛକ ପର୍ଯ୍ୟନ୍ତ ଯେଉଁ ଷ୍ଟ୍ରିଟ ଲାଇଟ୍ ଲାଗିଥିଲା ତାହାର ୱାର୍କଅର୍ଡର ଜଣଙ୍କ ନାମରେ ଥିବା ବେଳେ ବିଡିଓ ଅନ୍ୟ ଜଣଙ୍କ ନାମରେ ବିଲ୍ କରିଦେଇଛନ୍ତି। ସେହିପରି ବ୍ଲକ କାର୍ଯ୍ୟାଳୟରେ ଲାଗିଥିବା ସୋଲାର୍ ପ୍ୟାନେଲ୍ ସଂସ୍ଥାର ଦେୟ ବିଡିଓ ପ୍ରଦାନ କରୁନାହାଁନ୍ତି। ଏହିପରି ସେ ବହୁ ଅନିୟମିତତା କରିଛନ୍ତି ବୋଲି ପୂର୍ବତନ ବିଧାୟକ ଜଣକ କହିଛନ୍ତି। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ବିଭାଗରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ବିଡିଓ ଶ୍ରୀମତୀ ଖଟୁଆଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇନାହିଁ।

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

**କେନ୍ଦୁଝର,୩୦।୧୦/ଏନ୍ଏନ୍ଏସ୍:** ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କେନ୍ଦୁଝରରେ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ତେଲକୋଇ ଥାନା ଅନ୍ତର୍ଗତ ଆଲୁଣି ଗ୍ରାମର ବାରିଆଳ ମାରାଣ୍ଡି(୩୦) କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ପ୍ରକାଶ ଯେ, ପୀଡ଼ିତା ଜଣେ ଦିବ୍ୟାଙ୍ଗ ନାବାଳିକା। ଘର ଲୋକ ନଥିବା ସମୟରେ ନାବାଳିକା ଗାଁ ପାଖ ନାଳକୁ ପାଣି ଆଣିବାକୁ ଯାଇଥିବା ସମୟରେ ଏକୁଟିଆ ପାଇ ଆସାମୀ ତା' ସହ ଦୁଷ୍କର୍ମ କରିଥିଲା। ଫଳରେ ନାବାଳିକା ୫ ମାସର ଗର୍ଭବତୀ ହୋଇଥିଲା। ଏ ସମ୍ପର୍କରେ ନାବାଳିକା ଜଣକ ତା'ର ମାଆ ପାଖରେ କହିବାରୁ ନାବାଳିକାର ମାଆ ତେଲକୋଇ ଥାନାରେ ଏକ ଲିଖିତ ଅଭିଯୋଗ କରିବାରୁ ତେଲକୋଇ ଥାନା କେସ୍ ନଂ ୨୦୫/୨୨ରେ ଏକ ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା। ପୁଲିସ ଅନୁସନ୍ଧାନ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୁଧବାର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରା ଦଣ୍ଡାଦେଶ ଦେଇଛନ୍ତି। ଏହା ସହ ବିଚାରପତି ପୀଡ଼ିତାକୁ ୧୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ପେଶାଲ ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ।

# ଅସହାୟଙ୍କ ଘରେ ଦୀପାବଳି ପାଳିଲା ଗ୍ରାମୀଣ ସେବକ ସମାଜ

**ଜଗତସିଂହପୁର, ୩୦।୧୦/ଏନ୍ଏନ୍ଏସ୍:** କଟକ ଜିଲ୍ଲା ନିଆଳୀ ବ୍ଲକ ଅଧିନସ୍ଥ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧୀବାଦୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ତରଫରୁ ଅସହାୟଙ୍କ ଘରେ ଦୀପାବଳି ପାଳନ କରାଯାଇଛି। ବାତ୍ୟା 'ଦାନା' ପ୍ରଭାବରେ ଶଗଡ଼ାଇଲୋ ପଞ୍ଚାୟତ ଦିଘିର ସବିତା ଜେନାଙ୍କର ଘରର କାନ୍ଥ ଭୁଷୁଡ଼ିପଡ଼ିଥିଲା। ସେ ତାଙ୍କ ପରିବାର ଦିଘି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ରହୁଥିବା ଜାଣି ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା ତାଙ୍କ ଘରେ ପହଞ୍ଚି ତାଙ୍କୁ ମାସକ ପାଇଁ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି।



ଏଡ୍ ଇଣ୍ଡିଆ ସହଯୋଗରେ ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡ୍. ଧନଦାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠାନର ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ, ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ଉପସଭାପତି ତଥା ସାମ୍ବାଦିକ ଦ୍ୱିଜବର ମହାପାତ୍ର, ସ୍ଥାନୀୟ ବରିଷ୍ଠ ନାଗରିକ ଅଗାଧୁ ଚରଣ ଜେନା, ବାସ୍ତବବାଦୀ କବି ସନ୍ଦୀପ ମଲ୍ଲିକ, ମହାତ୍ମା ଗାନ୍ଧୀ କମ୍ପ୍ୟୁଟର ସେଣ୍ଟର୍ ଛାତ୍ରୀ ପ୍ରୀତି ପ୍ରଜ୍ଞା ପଙ୍କ ନାୟକ, ସୋନାଲି ବେହେରା ଏବଂ ସୋନାଲି ସୁନ୍ଦରାୟ ପ୍ରମୁଖ ଶ୍ରୀମତୀ ଜେନାଙ୍କ ଘରେ ପହଞ୍ଚି ମାସକ ପାଇଁ ଚାଉଳ, ଡାଲି, ପରିବା, ରିଫାଇନ ତେଲ, ଅଟା, ଚୁଡ଼ା ମୁଢ଼ି, ଚିନି, ଚା ପତି, ଅମୁଲ, ଲୁଣ, ଦିଆସିଲି, ଏବଂ ଦୀପାବଳି ପାଇଁ ପୋଲାଙ୍ଗ ତେଲ, ଦୀପ, ସଳିତା ପ୍ରଦାନ କରିଥିଲେ। ନିଆଳୀ ବିଡିଓ ଦିଲ୍ଲୀପ କୁମାର ଷଡ଼ଙ୍ଗୀଙ୍କ ସହ ଆଲୋଚନା କରି ସବିତା ଜେନା ପରିବାରକୁ ଘର ଖଣ୍ଡେ ଦେବା ପାଇଁ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ଅନୁରୋଧ କରିବ ବୋଲି ବରିଷ୍ଠ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଅର୍ଥାଭାବ ଯୋଗୁଁ ସବିତାଙ୍କ ବଡ଼ଝିଅ ତିନିବର୍ଷ ହେବ ଦଶମ ଶ୍ରେଣୀ ପାସ୍ ପରେ ଆଗକୁ ପଢ଼ିପାରିନାହାନ୍ତି। ତାଙ୍କୁ +୨ ଓ +୩ ପଢ଼ାଇବା ସହିତ ମାଗଣା କମ୍ପ୍ୟୁଟର ଶିକ୍ଷାଦେବା ପାଇଁ ଅନୁଷ୍ଠାନର ଚେୟାରମ୍ୟାନ୍ ପ୍ରତିଶ୍ରୁତି ଦେଇଛନ୍ତି।

# ପାରାଦୀପ କଳିଙ୍ଗ ବାଲିଯାତ୍ରା ପାଇଁ ଭୂମିପୂଜନ

**ପାରାଦୀପ,୩୦।୧୦/ଏନ୍ଏନ୍ଏସ୍:** ପାରାଦୀପ ସମୁଦ୍ର ବେଳାଭୂମିରେ ନଭେମ୍ବର ୧୪ ତାରିଖରୁ ଆଠ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଛି କଳିଙ୍ଗ ବାଲିଯାତ୍ରା ମହୋତ୍ସବ। ଏହି ଉପଲକ୍ଷେ ବୁଧବାର ପୂର୍ବାହ୍ନରେ ବିଜୁ ମଇଦାନରେ ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ନଗରପାଳ ବସନ୍ତ ବିଶ୍ୱାଳଙ୍କ ସମେତ ବାଲିଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ଚଳିତ ବର୍ଷ ବାଲିଯାତ୍ରା ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିବେ। ଏଥି ସହିତ ଓଡ଼ିଶାର ଲୋକକଳା ଓ ସ୍ଥାନୀୟ କଳାକାରମାନଙ୍କୁ ଅଗ୍ରାଧିକାର ଦିଆଯିବ। ଚଳିତ ବର୍ଷ ୧୫୦୦ ଷ୍ଟଲ୍‌ର ବ୍ୟବସ୍ଥା କରାଯାଉଛି। ଯେଉଁଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ବାହାର ଜିଲ୍ଲାର ପାରମ୍ପରିକ ସାମଗ୍ରୀ ସହିତ ହସ୍ତତନ୍ତ ସାମଗ୍ରୀର ଷ୍ଟଲ୍ ଖୋଲାଯିବ। ବାଲିଯାତ୍ରା ପଡିଆକୁ ସିସିଟିଭି ନଜରରେ ରଖାଯିବା ସହିତ ୧୬ ପ୍ଲାଟୁନ୍ ପୁଲିସ ମୁତୟନ କରାଯିବ। ଭୂମିପୂଜନ କାର୍ଯ୍ୟକ୍ରମ ସରିବା ପରେ ବୁଧବାରଠାରୁ ବାଲିଯାତ୍ରା ପଡ଼ିଆରେ ଷ୍ଟଲ ତିଆରି କାର୍ଯ୍ୟ ଆରମ୍ଭ ହୋଇଛି।



# ବିକ୍ରି ହେବନି ବିପଜ୍ଜନକ ବାଣ

## ୪୦ଟି ଅସ୍ଥାୟୀ ବାଣ ଦୋକାନ ଖୋଲିଲା

**କେନ୍ଦୁଝର,୩୦।୧୦/ଏନ୍ଏନ୍ଏସ୍:** କେନ୍ଦୁଝର ସହର କଲେଜ ରୋଡ୍ ରାସ୍ତାର ଏମ୍‌ସିସି ସେଣ୍ଟର୍ ନିକଟରେ ୪୦ଟି ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ ଅନୁମତି ମିଳିଛି। ପ୍ରତ୍ୟେକ ବର୍ଷ ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅସ୍ଥାୟୀ ବାଣ ଦୋକାନ ଖୋଲିଥାଏ। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାଣ ଦୋକାନ ଖୋଲିବାକୁ ଅନୁମତି ନ ଦେବାରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ନିକଟରେ ଥିବା ଏମ୍‌ସିସି ପାଖ ପଡ଼ିଆରେ ଅସ୍ଥାୟୀ ବାଣ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ଚଳିତ ବର୍ଷ ବାତ୍ୟା ଦାନା ପାଇଁ ବିଳମ୍ବରେ ବାଣ ଦୋକାନ ଖୋଲିଛି। ସମ୍ପ୍ରତି ଦୋକାନୀମାନେ ଆବଶ୍ୟକ ଫର୍ମ ଆଣି ପୌରପାଳିକା, ଅଗ୍ନିଶମ ଓ ଥାନାରୁ ଅନୁମତି ଆଣିବା ପରେ ସ୍ଥାନୀୟ ଥାନାରେ ସମସ୍ତ କାଗଜପତ୍ର ଜୁଡିସିଆଲ ବିଭାଗରେ ଦାଖଲ କରିଥିଲେ। ଏହାପରେ ଆବେଦନକାରୀଙ୍କୁ ଜିଲ୍ଲାପାଳଙ୍କ ଜୁଡିସିଆଲ ବିଭାଗ ପକ୍ଷରୁ ଲାଇସେନ୍ସ ପ୍ରଦାନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅଗ୍ନିଶମ ବିଭାଗ ନିୟମାନୁସାରେ ଅସ୍ଥାୟୀ ବାଣ ଦୋକାନରେ ଅଗ୍ନି ନିର୍ବାପକ ଯନ୍ତ୍ର ସହିତ ପାଣି ଏବଂ ବାଲି ବାଲଟି ରଖିବେ, ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ଦୋକାନ ନିର୍ମାଣ କରିବେ, ପ୍ରଚଣ୍ଡ ଶବ୍ଦ ଓ ପ୍ରଦୂଷଣ ସୃଷ୍ଟି ଭଳି ବାଣ ବିକ୍ରି କରିପାରିବେ ନାହିଁ। କେବଳ ସବୁଜ ବାଣ ବିକ୍ରି କରିବେ। ଚଳିତ ବର୍ଷ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଲାଇସେନ୍ସ ଆଣିବା ବାଧ୍ୟତାମୂଳକ କରାଯାଇଛି। ଅନୁମତି ନ ନେଇ ବାଣ ଦୋକାନ ଖୋଲିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ଚଳିତ ବର୍ଷ ବାଣ ଦୋକାନୀଙ୍କ ପାଇଁ ନିୟମ କଡ଼ାକଡ଼ି କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ପିସିବି) ନିୟମ ଉଲ୍ଲଙ୍ଘନରେ ଜୋରିମାନା ସହିତ ବାଣ ଦୋକାନୀଙ୍କୁ ଗିରଫ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି। ବାଣ ବିକ୍ରି ପାଇଁ ପିସିବିର ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ବିଷୟରେ ଦୋକାନୀଙ୍କୁ ଅବଗତ କରାଯାଇଛି। ଅସ୍ଥାୟୀ ବାଣ ଦୋକାନ ପାଇଁ ଗାଇଡଲାଇନ ଜାରି କରାଯାଇଛି। ପୁଲିସ ସହ ଅଗ୍ନିଶମ, ପୌରାପାଳିକା ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଟିମ୍ ଯାଞ୍ଚ କରିବେ। ପ୍ରଥମେ ଦୋକାନ ଖୋଲା ଥିବା ସ୍ଥାନ ଏବଂ ଦୋକାନ ନିର୍ମାଣ ଶୈଳୀ, ପରେ ଦୋକାନରେ ବିକ୍ରି ହେଉଥିବା ସମସ୍ତ ବାଣଗୁଡ଼ିକର ଯାଞ୍ଚ କରାଯିବ। ଯଦି କେହି ଧାର୍ଯ୍ୟ ନିୟମର କୌଣସି ଗୋଟିଏ ନିୟମ ଉଲ୍ଲଙ୍ଘନ କରିଥିବେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଭଳି ଘଟଣାରେ ସମ୍ପୃକ୍ତ ଦୋକାନୀଙ୍କର ଲାଇସେନ୍ସ ରଦ୍ଦ କରାଯିବା ସହିତ ତାଙ୍କୁ ଗିରଫ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି।

# ଚୂଡ଼ାନ୍ତ ପର୍ଯ୍ୟାୟରେ କାଳୀପୂଜା ମେଳା

## ଆକର୍ଷଣ ସାଜିବ ଅପେରା, ମେଳା ଓ ମୀନାବଜାର





**କେନ୍ଦୁଝର,୩୦।୧୦/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ତଥା ରାଜ୍ୟରେ ପ୍ରସିଦ୍ଧିଲାଭ କରିଥିବା କାଳୀପୂଜା ମେଳା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ମଧ ଅପେରା, ମେଳା ଓ ମୀନାବଜାର ପାଇଁ ଲୋକେ ବେଶ ଉତ୍ସାହିତ ଥିବା ଜଣାପଡ଼ିଛି। ଚଳିତବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି। ଜିଲ୍ଲାବାସୀଙ୍କର ବହୁ ପ୍ରତୀକ୍ଷାର ଅନ୍ତ ହେବାକୁ ଆଉ ଦିନେ ଦୁଇଦିନ ବାକି। ଗୁରୁବାର ବିଳମ୍ବିତ ରାତିରୁ ମା'ଙ୍କର ପୂଜା ଆରମ୍ଭ ହେଉଥିବାବେଳେ ଏହି ଦିନ ଦୀପାବଳୀ ପାଳନ କରାଯିବ। କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ମେଳା ପାଇଁ କେନ୍ଦୁଝର ସହରର ସାମନ୍ତରାୟପୁର ଶାସନର ବାଣେଶ୍ୱର ମହେଶ କଲଚରାଲ ଆସୋସିଏସନ୍‌କୁ ଦେବୋତ୍ତର କମିଶନର୍ ଆବଶ୍ୟକୀୟ ଅନୁମତି ପ୍ରଦାନ କରିଛନ୍ତି।

ଦୀର୍ଘ ୮୪ ବର୍ଷ ତଳେ କେନ୍ଦୁଝରର ତତ୍କାଳୀନ ମହାରାଜ ବଳଭଦ୍ର ନାରାୟଣ ଭଞ୍ଜଦେଓଙ୍କ ଦ୍ୱାରା ପ୍ରଥମେ ଏହି ସ୍ଥାନରେ କାଳୀପୂଜା ଅନୁଷ୍ଠିତ କରାଯାଉଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଏକ ମହୋତ୍ସବରେ ପରିଣତ ହୋଇଥିଲା। ଏଠାରେ ଆୟୋଜିତ ହେଉଥିବା ମୀନାବଜାର ଓ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବ୍ୟବସାୟୀ ଓ ଦୋଳି ମାଲିକମାନେ ସେମାନଙ୍କର ବିପଣୀ ଖୋଲୁଥିବାବେଳେ ଚଳିତବର୍ଷ ମଧ ମେଳାରେ ଏସବୁ ଦେଖିବାକୁ ମିଳିବ। ଚଳିତ ବର୍ଷ ଗୌରୀ ଗଣନାଟ୍ୟ, ରଙ୍ଗମହଲ ଓ ସ୍ୱପ୍ନମହଲ ଅପେରା ହେବ। ବାଣେଶ୍ୱର ମହେଶ କଲ୍‌ଚରାଲ୍ ଆସୋସିଏସନ୍‌ର ସମ୍ପାଦକ ମନୋଜ ମିଶ୍ର ମେଳାକୁ ଶୃଙ୍ଖଳିତ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ପୂର୍ବପରି କାଳୀତୀର୍ଥ ତରଫରୁ ମା'ଙ୍କର ପୂଜା ଶାସ୍ତ୍ର ଓ ରୀତିନୀତି ମତେ ଅନୁଷ୍ଠିତ ହେବ। ଟେଲିଫୋନ୍ ଏକ୍ସଚେଞ୍ଜ କାଳୀପୂଜା କମିଟି ତରଫରୁ ପୂଜା ପ୍ରସ୍ତୁତି ଏକପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୫୬ ବର୍ଷ ପୂର୍ତ୍ତି ଅବସରରେ ମା'ଙ୍କର ଭୋଗ ଓ ପୂଜା କାର୍ଯ୍ୟକୁ ଶାସ୍ତ୍ରମତେ କରାଯିବ ବୋଲି କମିଟିର ବରିଷ୍ଠ ସଦସ୍ୟ ସୁରେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିଳ୍ପୀ ମାଗୁଣୀ ଚରଣ କୁଅଁରଙ୍କ ଅବର୍ତ୍ତମାନରେ ଚଳିତ ବର୍ଷ ନିରଞ୍ଜନ ମହାପାତ୍ର ଦ୍ୱାରା ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ, ପ୍ରସିଦ୍ଧ ତାରକସି ଶିଳ୍ପୀ ଓ କୋଲକାତାର କଳାକାରମାନଙ୍କ ଦ୍ୱାରା ସୁଦୃଶ୍ୟ ତୋରଣ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ଭଦ୍ରକରୁ ବେଦଜ୍ଞ ବ୍ରାହ୍ମଣମାନଙ୍କୁ ଅଣାଯାଇ ପୂଜା କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ଟେଲିଫୋନ୍ ଏକ୍ସଚେଞ୍ଜ କାଳୀଙ୍କ ନିକଟରେ ମେଳା ଓ ଏକ୍ସପୋ ସୁପର ବଜାର ବସିବ ବୋଲି ସତ୍ୟ ନାରାୟଣ ସାହୁ ସୂଚନା ଦେଇଛନ୍ତି। କାଳୀପୂଜାକୁ ନେଇ କେନ୍ଦୁଝର ସହର ଉତ୍ସବମୁଖର ହୋଇପଡ଼ିଥିବାବେଳେ ଚଳିତବର୍ଷ ପଡିଆରେ ମେଳା ହେବା କଥା ଜଣାପଡିବା ପରେ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ସେହିପରି କାଶିପୁରଠାରେ ମା' ଶ୍ମଶାନକାଳୀଙ୍କ ପୂଜା ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି ବୋଲି ବରିଷ୍ଠ ସଭ୍ୟ ଜୟକୃଷ୍ଣ ପଣ୍ଡା ପ୍ରକାଶ କରିଛନ୍ତି। ଏଥିପାଇଁ କାଶିପୁର ଶ୍ମଶାନକାଳୀ ପୂଜା ମଣ୍ଡପରେ ସୁଦୃଶ୍ୟ ତୋରଣ ନିର୍ମାଣ ହୋଇଛି। ଏଥିସହ ଶକ୍ତିପୀଠ ଭାବରେ ପରିଗଣିତ ସିଦ୍ଧମଠ ଓ ମାଧପୁରଠାରେ ମା' କାଳୀଙ୍କ ମନ୍ଦିରରେ ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ଷ୍ଟ୍ରୋକ୍ ଦିବସ



**ଜଗତସିଂହପୁର,୩୦।୧୦/ଏନ୍ଏନ୍ଏସ୍:** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ବିଶ୍ୱ ଷ୍ଟ୍ରୋକ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ସଭାରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ ସମସ୍ତଙ୍କୁ ସ୍ୱାଗତ କରି ଷ୍ଟ୍ରୋକର ଲକ୍ଷଣ ହଠାତ୍ ମୁଖର ମାଂସପେଶୀ ଦୁର୍ବଳ ହେବା କିମ୍ବା ଝିମ୍ ଝିମ୍ ଲାଗିବା, ହାତ ଏବଂ ଗୋଡ଼ ଦୁର୍ବଳ କିମ୍ବା ଅଳସ ଲାଗିବା, ମାଂସପେଶୀ ଟାଣ ହୋଇଯିବା, ପାଟି ଖନି ମାରିବା ବା କଥାବାର୍ତ୍ତା ନ କରିପାରିବା, ଆଖିକି ଝାପସା ଦେଖାଯିବା ଓ ହଠାତ ଅସହ୍ୟ ମୁଣ୍ଡ ବ୍ୟଥା ହେବା ସମ୍ପର୍କରେ ଅବଗତ କରାଇଥିଲେ।

ଏପିଡେମିଓଲୋଜିଷ୍ଟ ଡାକ୍ତର ସ୍ମୃତିରଞ୍ଜନ ପଣ୍ଡା ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ମସ୍ତିଷ୍କ ଆଘାତ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମଧୁମେହ ଏବଂ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ରଖିବା, କମ୍ ଲୁଣ ଏବଂ ଅଧିକ ତନ୍ତୁ ଜାତୀୟ ଖାଦ୍ୟ ଖାଇବା, କମ୍ ଚର୍ବିଜାତୀୟ ଖାଦ୍ୟ ଖାଇବା, ନିୟମିତ ବ୍ୟାୟାମ କରିବା, ଯୋଗ ଓ ପ୍ରାଣାୟାମ ଇତ୍ୟାଦି ଅଭ୍ୟାସ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରୋଗ୍ରାମ୍ ମ୍ୟାନେଜର୍ ଚକ୍ରଧର ଜେନା ନିଜ ଅଭିଭାଷଣରେ ଗୋଷ୍ଠୀସ୍ତରରେ ଆଶା ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ନାରାୟଣୀ ଓ ମହିମା ସ୍କୁଲ ଓ କଲେଜ ଅଫ୍ ନର୍ସିଂ ପିଲାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ସଭାରେ ଜିଲ୍ଲାସ୍ତରରୁ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ସଚଳା ମହାନ୍ତି ଧନ୍ୟବାଦ୍ ଦେଇଥିଲେ। ଆସିଷ୍ଟାଣ୍ଟ୍ ମ୍ୟାନେଜର ଅନିତା ଦାଶ, ଅସିତ ଦାଶ, ସୁସ୍ମିତା ରାଉତ, ବିଜୟଲକ୍ଷ୍ମୀ ସାହୁ, ନର୍ସିଂ ଅଫିସର ସଂଯୁକ୍ତା ସାହୁ, ରାଜେନ୍ଦ୍ର ସେଠୀ, ଅନିମା ବଳ, ପ୍ରଭାସ ସାହୁ, ମହିମା କଲେଜ ଅଫ୍ ନର୍ସିଂର ଟିଉଟର୍ ଅୟଂ ସେନ, ବିଶ୍ୱଜିତ ରାଉତ ଓ ଛାତ୍ରଛାତ୍ରୀ, ନାରାୟଣୀ ସ୍କୁଲ ଅଫ୍ ନର୍ସିଂର ଟିଉଟର୍ ବିଶ୍ୱଜିତା ସାମଲ, ଛାତ୍ରଛାତ୍ରୀ, ଆଶାକର୍ମୀମାନଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଆଇନ ଆଣିବେ ସରକାର

# ଯାତ୍ରାରେ ଅଶ୍ଳୀଳ ନୃତ୍ୟ ଉପରେ ଲାଗିବ ରୋକ୍

**ଭୁବନେଶ୍ବର,୩୦।୧୦/ଏନ୍ଏନ୍ଏସ୍:** ଯାତ୍ରାରେ ଅଶ୍ଳୀଳ ନୃତ୍ୟ ଉପରେ ଲାଗିବ ରୋକ୍। ଏନେଇ ରାଜ୍ୟ ସରକାର ଆଇନ ଆଣିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସ୍ପଷ୍ଟ କରିଛନ୍ତି। ବୁଧବାର ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ହେଉଥିବା ନଜରକୁ ଆସିଛି। ଏଭଳି ନୃତ୍ୟ ଓଡ଼ିଆ ସଂସ୍କୃତି ବିରୋଧୀ। ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ରାଜ୍ୟ ସରକାର ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ଗ୍ରହଣ କରିଛନ୍ତି। ଏହାକୁ ନେଇ ବିଚାର ବିମର୍ଶ ଚାଲିଛି। ଯାତ୍ରା ମାଲିକମାନେ ଏବାବଦରେ ନିଷ୍ପତ୍ତି ନେବା ଜରୁରୀ। ତେଣୁ ସରକାର କୌଣସି ପଦକ୍ଷେପ ନେବା ପୂର୍ବରୁ ଯାତ୍ରା ପାର୍ଟିର ମାଲିକଙ୍କ ସହ ଆଲୋଚନା କରିବେ।



ମନ୍ତ୍ରୀ କହିଛନ୍ତି ଯେ, ଯାତ୍ରା ଆରମ୍ଭ ହେବା ପୂର୍ବରୁ ହେଉଥିବା ଆଇଟମ୍ ଡ୍ୟାନ୍ସକୁ ନେଇ ଯେଉଁ ବିଶୃଙ୍ଖଳା ସହ ବିବାଦ ଦେଖା ଦେଉଛି, ସେଥିପାଇଁ ସରକାର ଆଇନ ଆଣିବେ। ଏହା ହେଲେ ଯାତ୍ରା ମାଲିକମାନେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣକୁ ଆଉ ପ୍ରୋତ୍ସାହିତ କରିବେ ନାହିଁ। ଫଳରେ ଯୁବପିଢ଼ି ଆଉ ପଥଭ୍ରଷ୍ଟ ହେବାକୁ ସୁଯୋଗ ପାଇବେ ନାହିଁ। ଅନ୍ୟପକ୍ଷରେ ନୂଆ ନିୟମ ଆଧାରରେ ଡ୍ୟାନ୍ସ ବାରରେ କେବଳ ଅର୍କେଷ୍ଟ୍ରା ବା ଗୀତ ସଙ୍ଗୀତ ପରିବେଷଣ ହେବ ବୋଲି ବୋଲି ଶ୍ରୀ ହରିଚନ୍ଦନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆଜି ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ରାଜ୍ୟର ସବୁ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ମାଧ୍ୟମରେ ଯାତ୍ରା, ମେଲୋଡି, ମଞ୍ଚରେ ଅଶ୍ଳୀଳ, ଦ୍ୱିଅର୍ଥବୋଧକ ସଂଳାପ, ଅଭିନୟ, ନୃତ୍ୟ ପ୍ରଦର୍ଶନ ବନ୍ଦ କରାଯିବା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି।

# ଆରମ୍ଭ ହେଲା ବିଜେପିର ସକ୍ରିୟ ସଦସ୍ୟତା ଅଭିଯାନ

**ଭୁବନେଶ୍ବର,୩୦।୧୦/ଏନ୍ଏନ୍ଏସ୍:** ଆଜିଠାରୁ ବିଜେପିର ସକ୍ରିୟ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ନଭେମ୍ବର ୫ ତାରିଖରେ ସକ୍ରିୟ

### ନଭେମ୍ବର ୨୦ରୁ ଆରମ୍ଭ ବୁଥ୍‌ସ୍ତରୀୟ ନିର୍ବାଚନ ପ୍ରକ୍ରିୟା

### ଜିଲ୍ଲା ରିଟର୍ଣ୍ଣିଂ ଅଫିସର ତାଲିକା ଘୋଷଣା




ସଦସ୍ୟତାର ପ୍ରଥମ ସୂଚୀ ପ୍ରକାଶ ପାଇବ। ନଭେମ୍ବର ୨୫ ତାରିଖ ଦିନ ସକ୍ରିୟ ସଦସ୍ୟର ଦ୍ୱିତୀୟ ସୂଚୀ ପ୍ରକାଶ ପାଇବ ଏବଂ ସକ୍ରିୟ ସଦସ୍ୟମାନେ ପାର୍ଟିର ବିଭିନ୍ନ ଦାୟିତ୍ୱ ଓ ପଦପଦବୀରେ ରହିବେ। ନଭେମ୍ବର ୨୦ ତାରିଖରୁ ଆରମ୍ଭ ହେବ ସ୍ଥାନୀୟ ସମିତି ବା ବୁଥସ୍ତରୀୟ ନିର୍ବାଚନ ପ୍ରକ୍ରିୟା। ବୁଥଠାରୁ ଆରମ୍ଭ କରି ମଣ୍ଡଳ, ଜିଲ୍ଲା, ପ୍ରଦେଶ ଏବଂ ରାଷ୍ଟ୍ରୀୟସ୍ତରରେ ବିଭିନ୍ନ କମିଟିମାନର ଗଠନ ପ୍ରକ୍ରିୟା ଆଗାମୀ ଦୁଇ ମାସ ଧରି ଚାଲିବ। ଏଥିପାଇଁ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇସାରିଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି କହିଛନ୍ତି। ପ୍ରକାଶ ଯେ ଗତ ସେପ୍ଟେମ୍ବର ୨ ତାରିଖରୁ ଦଳର 'ସଂଗଠନିକ ପର୍ବ - ୨୦୨୪' ଆରମ୍ଭ ହୋଇ ପ୍ରଥମେ 'ପ୍ରାଥମିକ ସଦସ୍ୟତା ଅଭିଯାନ' ଆରମ୍ଭ ହୋଇଥିଲା। ଏବେ ସୁଦ୍ଧା ଅନଲାଇନରେ ୫୦ ଲକ୍ଷ ସଦସ୍ୟ ବିଜେପି ସହିତ ଯୋଡ଼ି ହୋଇ ସାରିଛନ୍ତି ଏବଂ ଅଫଲାଇନରେ ସଦସ୍ୟ ଯୋଡ଼ିବା ପ୍ରକ୍ରିୟା ଜାରୀ ରହିଛି। ବର୍ତ୍ତମାନ ସକ୍ରିୟ ସଦସ୍ୟ ଅଭିଯାନ ଆରମ୍ଭ ହୋଇଛି। ତେବେ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ସାଂଗଠନିକ ନିର୍ବାଚନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏହି ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ ଏବଂ ସୁରୁଖୁରୁରେ ସଂପାଦିତ କରିବା ପାଇଁ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡା.ସମ୍ବିତ ପାତ୍ର, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସଦସ୍ୟତା ପ୍ରଭାରୀ ଅଶୋକ ମିଶ୍ର ପ୍ରମୁଖ ଥିଲେ। ଏହି ଅବସରରେ ପ୍ରାଥମିକ ସଦସ୍ୟ, ସକ୍ରିୟ ସଦସ୍ୟ ଓ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ସାଧାରଣ ସଂପାଦକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ରିଟର୍ଣ୍ଣିଂ ଅଫିସର ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ସହଯୋଗ କରିବା ପାଇଁ ତିନି ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଯତୀନ ମହାନ୍ତି। ସେହିପରି ଆଜି ଜିଲ୍ଲା ରିଟର୍ଣ୍ଣିଂ ଅଫିସର ନାମ ତାଲିକା ମଧ୍ୟ ଘୋଷଣା କରାଯାଇଛି।

### କୁଚିଣ୍ଡା ନାବାଳିକା ଗଣଦୁଷ୍କର୍ମ ମାମଲା/

# ବିଚାର ବିଭାଗୀୟ ତଦନ୍ତ ଦାବି କଲା ବିଜେଡି

**ଭୁବନେଶ୍ବର,୩୦।୧୦/ଏନ୍ଏନ୍ଏସ୍:** କୁଚିଣ୍ଡା ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାର ବିଭାଗୀୟ ତଦନ୍ତ ସହିତ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ବିଜେଡି ଦାବି କରିଛି। ଏନେଇ ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ କୁଚିଣ୍ଡା ନାବାଳିକା ଗଣଦୁଷ୍କର୍ମ ଘଟଣାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମେତ ସ୍ଥାନୀୟ ବିଜେପି ନେତାଙ୍କ ନିର୍ଦ୍ଦେଶରେ ପୁଲିସ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରିଥିଲା। ବିଜେପି ନେତାଙ୍କ ପ୍ରରୋଚନାରେ ପୁଲିସ ପ୍ରଥମେ ଗଣଦୁଷ୍କର୍ମ ମାମଲା ରୁଜୁ କରି ନଥିଲା, କେବଳ



ଅପହରଣ ମାମଲାରେ ସୀମିତ ରଖିଥିଲା। ଘଟଣାକୁ ଗୁରୁତ୍ୱ ଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ ହେବା ପରେ ଗଣଦୁଷ୍କର୍ମ ମାମଲା ଯୋଡ଼ା ହୋଇଥିଲା। କିନ୍ତୁ ପୋକ୍ସୋ ଆକ୍ଟ ଲଗାଯାଇ ନାହିଁ। ଏହି ଘଟଣାରେ ତୁରନ୍ତ ପୋକ୍ସୋ ଆକ୍ଟ ଲଗାଇବା ପାଇଁ ଶ୍ରୀମତୀ ଛୁରିଆ ଦାବି କରିଛନ୍ତି। ଏଥିସହ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଓ କୁଚିଣ୍ଡା ବିଜେପିର ପୂର୍ବତନ ସଭାପତି ସୁଶୀଲ କରଙ୍କ ସମ୍ପୃକ୍ତି ଏହି କେସରେ ରହିଥିବାରୁ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସେ ଦଳ ପକ୍ଷରୁ ଦାବି କରିଛନ୍ତି।

### ଟିକେଟ କଟାର ଗୁମର ଖୋଲିଲେ ସୁନନ୍ଦା

# ରାତିରେ ଅଲ୍ ଦି ବେଷ୍ଟ କହି ସକାଳୁ କାଟିଦେଲେ

**ଭୁବନେଶ୍ବର,୩୦।୧୦/ଏନ୍ଏନ୍ଏସ୍:** ଟିକେଟ କଟାର ଗୁମର ଖୋଲିବା ସହ ପରାଜୟର ପୋଲ୍ ଖୋଲିଛନ୍ତି ପୂର୍ବତନ ବିଜେଡି ବିଧାୟିକା ସୁନନ୍ଦା ଦାସ। ଟିକେଟ ବଣ୍ଟା ଦିନ ରାତିରେ ମୋତେ ଡାକି ବେଷ୍ଟ ଅଫ୍ ଲକ୍ ବୋଲି କହିଥିଲେ। ମାତ୍ର ସକାଳେ ମୋ ଟିକେଟ କାଟିଦେଲେ ବୋଲି ଶ୍ରୀମତୀ ଦାସ କହିଛନ୍ତି। ବିଜେଡିରୁ ଇସ୍ତଫା ଦେବା ପରେ ଶ୍ରୀମତୀ ଦାସ ବୁଧବାର କହିଛନ୍ତି ଯେ ନବୀନ ପଟ୍ଟନାୟକ ଯଦି ଟିକେଟ ବାଣ୍ଟିଥାନ୍ତେ, ତାହେଲେ ଦଳର ପରାଜୟ ହୋଇନଥାନ୍ତା। ଭି.କେ ପାଣ୍ଡିଆନ, ଆଶିଷ ସିଂ, ଡିଏସ କୁଟ୍ଟେ ଓ ବବି ଟିକେଟ



ଦାୟିତ୍ୱରେ ଥିଲେ। ବିଜେଡିରେ ମନମୁଖୀ ଶାସନ ଓ ମନଇଚ୍ଛା ଟିକେଟ ବଣ୍ଟନ ଯୋଗୁ ଦଳ ହାରିଲା। ଏମିତି କି ମୋତେ ଟିକେଟ ପାଇଁ ଆଶିଷ ସିଂ ଓ କୁଟ୍ଟେଙ୍କୁ ଭେଟିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁଇ ଆଇପିଏସ୍ ମଧ୍ୟ ଟିକେଟ୍ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଟିକେଟ କଟିବାରୁ ପାଣ୍ଡିଆନ ଡାକି କହିଥିଲେ, ମୁଁ ଯାଜପୁରରେ ମୁଣ୍ଡ ପୂରେଇଲିନି ବୋଲି ତମ ଟିକେଟ କଟିଲା। ସେପଟେ ବବି ଟିକେଟ ଦେଲେ ମୁଁ ଦେବି, କାଟିଲେ ମୁଁ କାଟିବି ବୋଲି କହିଥିବା ଶ୍ରୀମତୀ ଦାସ କହିଛନ୍ତି।

ସୁନନ୍ଦା ଆହୁରି କହିଛନ୍ତି, ବିଶ୍ୱାସରେ ବିଷ ଦେଇଥିଲେ ବବି। ମୋ' ଟିକେଟ କାଟିଥିଲେ। ଜଗନ୍ନାଥ ତାଙ୍କୁ ଶାସ୍ତି ଦେଇଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ବବି କହିଥିଲେ ଟିକେଟ ଦେବା ଲୋକ ମୁଁ, ଟିକେଟ କାଟିବା ଲୋକ ମଧ୍ୟ ମୁଁ। ଟିକେଟ କଟିବା ଚର୍ଚ୍ଚା ଭିତରେ ବି ବବି କହିଥିଲେ ମୁଁ ଅଶୋକ ଦାସଙ୍କ ପୁଅ, ପଛରୁ ଛୁରୀ ଭୁଷିବା ମୋ ଅଭ୍ୟାସ ନୁହେଁ। କିନ୍ତୁ ଶେଷ ସମୟରେ ମୋ ଟିକେଟ କାଟିଦେଲେ ବୋଲି ଶ୍ରୀମତୀ ଦାସ କହିଛନ୍ତି।

ଅନ୍ୟପଟେ ସୁନନ୍ଦାଙ୍କ ଉପରେ ପାଲଟା ଅଭିଯୋଗ ଆଣିଛନ୍ତି ବିଜେଡି ବିଧାୟକ ବିଶ୍ୱରଂଜନ ମଲ୍ଲିକ। ସୁନନ୍ଦା ନିର୍ବାଚନରେ ବିଜେପି ପାଇଁ କାମ କରୁଥିଲେ। ସେ ଦଳ ଛାଡିଲେ କୌଣସି ପ୍ରଭାବ ପଡିବନି ବୋଲି କହିଛନ୍ତି ବିଶ୍ୱରଞ୍ଜନ ମଲ୍ଲିକ।

## ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

### ୬ଲକ୍ଷ ଟଙ୍କା ଆର୍ଥିକ ସହାୟତା ଘୋଷଣା

**ଭୁବନେଶ୍ବର,୩୦।୧୦/ଏନ୍ଏନ୍ଏସ୍:** ଚଳିତ ମାସ ୨୮ ତାରିଖରେ ବିହାରର ପାଟଣାଠାରେ ନିର୍ମାଣଧୀନ ମେଟ୍ରୋ ରେଳ ପ୍ରକଳ୍ପରେ ଦୁର୍ଘଟଣା ଘଟି ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତକ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ଗୋଛାବାଡି ଗାଁର ମନୋଜ ବେହେରା ଏବଂ କାଦୁଆ ଗାଁର ବିଜୟ ବେହେରା ବୋଲି ଜଣାପଡ଼ିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଦୁଇ ମୃତ ଶ୍ରମିକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୬ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

### ବାତ୍ୟା କ୍ଷତିଗ୍ରସ୍ତଙ୍କ ସହାୟତା ଓ ପୁନରୁଦ୍ଧାର

# ୬ ସଂସ୍ଥା ପକ୍ଷରୁ ସିଏମ୍ଆରଏଫ୍‌କୁ ମିଳିଲା ୭୧ ଲକ୍ଷ

**ଭୁବନେଶ୍ବର,୩୦।୧୦/ଏନ୍ଏନ୍ଏସ୍:** ବାତ୍ୟା 'ଦାନା' କ୍ଷତିଗ୍ରସ୍ତଙ୍କ ସହାୟତା ଓ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଆଜି ଲୋକସେବା ଭବନ ଠାରେ ବିଭିନ୍ନ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି(ସିଏମଆରଏଫ)କୁ ସହାୟତା ପ୍ରଦାନ କରିଛନ୍ତି। ବାତ୍ୟା ବିପନ୍ନଙ୍କ ସହାୟତା ପାଇଁ ସେମାନଙ୍କ ଠାରୁ ଏହି ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରହଣ କରିଛନ୍ତି।

ସୂଚନା ଯୋଗ୍ୟ ଯେ କେଏମ୍‌ଭି ପ୍ରୋଜେକ୍ଟ ଲିମିଟେଡେ ପକ୍ଷରୁ ୫୦ଲକ୍ଷ ଟଙ୍କା, ବିଜ୍ଞାନ ଭାରତୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୧୦ଲକ୍ଷ ଟଙ୍କା, ହାଇ ଇଲ୍‌ଡ ଇଷ୍ଟେଟ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ୫ ଲକ୍ଷ ଟଙ୍କା, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ପକ୍ଷରୁ ୨ ଲକ୍ଷ ଟଙ୍କା, ଶିବାନୀ ରିସୋର୍ସେସ ପକ୍ଷରୁ ୨ ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱର ସେଣ୍ଟ ଜାଭିୟର୍ସ ସ୍କୁଲ ପିଲାମାନଙ୍କ ପକ୍ଷରୁ ୨ଲକ୍ଷ ୧ ହଜାର ଟଙ୍କାର ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ସମୁଦାୟ ୬ଟି ସଂସ୍ଥା ପକ୍ଷରୁ ୭୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟର ବିପଦ ସମୟରେ ରାଜ୍ୟ ବାସୀଙ୍କୁ ସହାୟତା କରିବା ପାଇଁ ସହୃଦୟତାର ସହ ଆଗେଇ ଆସିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।




# 'ତୃତୀୟ ପର୍ଯ୍ୟାୟରେ ଅଙ୍ଗନବାଡ଼ି କର୍ମୀଙ୍କୁ ମିଳିବ ସୁଭଦ୍ରା ଟଙ୍କା'

■ ଖାରଜ ଆବେଦନର ହେବ ରିଚେକ୍ ■ ନିଯୁକ୍ତ ହେବେ ନୋଡାଲ ଏଜେନ୍ସି

**ଭୁବନେଶ୍ବର,୩୦ ।୧୦/ଏନ୍ଏନ୍ଏସ୍:** ତୃତୀୟ ପର୍ଯ୍ୟାୟରେ ରାଜ୍ୟରେ ଅଙ୍ଗନବାଡ଼ି କର୍ମୀଙ୍କୁ 'ସୁଭଦ୍ରା'ର ପ୍ରଥମ କିସ୍ତି ପ୍ରଦାନ କରାଯିବ। ଏନେଇ 'ସୁଭଦ୍ରା'ର ତୃତୀୟ ପର୍ଯ୍ୟାୟ ତାରିଖ ଘୋଷଣା ଖୁବ୍‌ଶୀଘ୍ର କରାଯିବ। ଆବେଦନ କରିଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୃତୀୟ ପର୍ଯ୍ୟାୟରେ ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୨୭ରେ ୨୫ ଲକ୍ଷ ଓ ଅକ୍ଟୋବର ୮ ତାରିଖରେ ୩୫ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ପ୍ରଥମ କିସ୍ତି ଦିଆଯାଇଥିଲା। ତେବେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ଅଙ୍ଗନବାଡ଼ି କର୍ମୀମାନେ ସାମିଲ ହୋଇ ପାରିନାହାନ୍ତି ସେମାନଙ୍କୁ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ଟଙ୍କା ମିଳିବ। ୨ ଲକ୍ଷ ୬୭ ହଜାର ଖାରଜ ହୋଇଥିବା ଆବେଦନ ଆଉ ଥରେ ରିଚେକ୍ ହେବ। ଏଥିପାଇଁ କ୍ୟାବିନେଟ ଅନୁମତି ମିଳିଛି। କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବେନି। ବାରମ୍ବାର ରିଜେକ୍ଟ ଲିଷ୍ଟ ଚେକ ହେବ। ଖୁବଶୀଘ୍ର ରୂପରେଖ ଫାଇନାଲ ହେବ। ଏନେଇ ୧ ତାରିଖ ଦିନ ନୋଡାଲ ଏଜେନ୍ସି ନିଯୁକ୍ତ ହେବେ। ବର୍ତ୍ତମାନସୁଦ୍ଧା ୧ କୋଟି ୬୦ହଜାର ମହିଳା ଆବେଦନ କରିସାରିଲେଣି। ୨ଟି ପର୍ଯ୍ୟାୟରେ ମୋଟ୍ ୬୦ଲକ୍ଷ ମହିଳାଙ୍କୁ ସହାୟତା ପ୍ରଦାନ କରାଯାଇଛି।



### କ୍ରୁଟ୍ ପକ୍ଷରୁ ଇ-ବସ୍ ଏବଂ ଏଟିଭିଏମ୍‌ର ଶୁଭାରମ୍ଭ

# ସାଧାରଣ ଯାତ୍ରୀଙ୍କୁ ଦେବ ଶ୍ରେଷ୍ଠ ଯାତ୍ରା ଅନୁଭୂତି

**ଭୁବନେଶ୍ବର,୩୦।୧୦/ଏନ୍ଏନ୍ଏସ୍:** କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ନୂତନ ୧୨ଟି ଇ-ବସ୍ ସେବାର ଶୁଭାରମ୍ଭ କରାଯାଇଛି। ଅନ୍ୟପକ୍ଷରେ ଆଜି ବିଏସ୍ଏବିଟି, ପୁରୀ ବସ୍‌ଷ୍ଟାଣ୍ଡ ଏବଂ ମାଷ୍ଟରକ୍ୟାଣ୍ଟିନ୍ ଠାରେ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ (ଏଟିଭିଏମ୍) ସେବା ଆରମ୍ଭ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡ଼କ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜିର ଶୁଭାରମ୍ଭ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ବାବା ସାହେବ ଭିମ୍‌ରାଓ ଆମ୍ବେଦକର ବସ୍‌ଷ୍ଟାଣ୍ଡ (ବିଏସ୍ଏବିଟି)ଠାରେ ୧୨ଟି ନୂତନ ଇ-ବସ୍ ଏବଂ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ (ଏଟିଭିଏମ୍) ସେବାର ଶୁଭାରମ୍ଭ କରିଛନ୍ତି। ମାଷ୍ଟରକ୍ୟାଣ୍ଟିନ୍‌ରୁ ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଭାୟା ୱାଣ୍ଡର୍‌ଲା ୱାଟର୍ ପାର୍କ ଓ ଭୁବନେଶ୍ୱର ବିମାନବନ୍ଦରରୁ ପଥରଗାଡ଼ିଆ ଏବଂ କିସ୍ ମହାବିଦ୍ୟାଳୟ ଭାୟା ମାଷ୍ଟରକ୍ୟାଣ୍ଟିନ୍ ଭଳି ୨ଟି ନୂଆ ରୁଟ୍ ୬୫ ଏବଂ ୬୬ ନମ୍ବର ଆରମ୍ଭ ହୋଇଛି। ସହରାଞ୍ଚଳ ପରିବହନ ଯାତାୟାତର ନେଟୱାର୍କକୁ ବୃଦ୍ଧି କରି କ୍ରୁଟ୍ ୪୭୫ ମୋ ବସ୍



୯୭ଟି ରୁଟ୍‌ରେ ଯାତାୟାତ ସେବା ପ୍ରଦାନ କରୁଛି। ସେଥିମଧ୍ୟରୁ ୯୫ଟି ଇ- ବସ୍ ଚଳାଚଳ କରୁଛି। କ୍ରୁଟ୍ ସର୍ବଦା ନୂଆ ଟେକ୍ନୋଲୋଜିକୁ ଗ୍ରହଣ କରି ଯାତ୍ରୀମାନଙ୍କୁ ଏକ ସୁରକ୍ଷିତ, ସୁଗମ ଓ ସୁଲଭ ଯାତ୍ରାର ଅନୁଭୂତି ଦେଇଆସୁଛି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ଯାତ୍ରୀମାନଙ୍କ ପାଇଁ ନିରାପତ୍ତା ଓ ଜନପରିବହନର ଆବଶ୍ୟକତାକୁ ପ୍ରାଥମିକତା ଦିଆଯାଇ ଇ-ବସ୍ ଏବଂ ଏଟିଭିଏମ୍ ସେବାର ଆରମ୍ଭ କରାଯାଇଛି। ଏହା ସାଧାରଣ ଯାତ୍ରୀଙ୍କୁ ଏକ ଶ୍ରେଷ୍ଠ ଯାତ୍ରା ଅନୁଭୂତି ପ୍ରଦାନ କରିବ। ବିକଶିତ ଓଡ଼ିଶା ଦର୍ଶନ ଅଧିନରେ ଏକ ସ୍ଥାୟୀ ବିକାଶ ଦିଗରେ ସାମୂହିକ ପ୍ରତିବଦ୍ଧତାର ପ୍ରତୀକ ସ୍ୱରୂପ। ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍‌ଗୁଡିକ ଦ୍ୱାରା ସାଧାରଣ ଯାତ୍ରୀଟିଏ ଯାତ୍ରା କରିବା ପୂର୍ବରୁ ନିଜେ ଟିକେଟ୍ କାଟି ବସ୍‌ରେ ଯାତ୍ରା କରିପାରିବ। ଏଥିରେ ସମସ୍ତ ରୁଟ୍‌ଗୁଡ଼ିକର ବିସ୍ତୃତ ମାର୍ଗ ସୂଚନା ପ୍ରଦାନ ପାଇଁ ଉନ୍ନତ ଜ୍ଞାନକୌଶଳ ପଦ୍ଧତିକୁ ବ୍ୟବହାର କରାଯାଇଛି। ଟିକେଟ୍ କରିବା ପାଇଁ ନଗଦ ଟଙ୍କା ଆକାରରେ ନୋଟ୍ ଏବଂ

### 'ଓଡ଼ିଶା ଯାତ୍ରୀ' ଆପ୍‌ର ଲୋଗୋ ଉନ୍ମୋଚିତ

ମୁଦ୍ରା ସହିତ ୟୁପିଆଇ ପେମେଣ୍ଟର ସୁବିଧା ରହିଛି। ଏହି ସେବା କେବଳ ଟିକେଟ୍ ପ୍ରକ୍ରିୟାକୁ ସରଳ କରିବ ତାହା ନୁହେଁ, ବରଂ ଯାତ୍ରୀ ସଂଖ୍ୟା ଏବଂ ରାଜସ୍ୱର ବୃଦ୍ଧି ଉପରେ ପ୍ରଭାବ ପକେଇବାକୁ ସକ୍ଷମ ହେବ ବୋଲି ଆଶା କରାଯାଉଛି। ଓଡ଼ିଶା ସରକାର କ୍ରୁଟ୍ ସହିତ ମିଳିତ ଭାବେ ସହରାଞ୍ଚଳ ପରିବହନ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି।

ଡକ୍ଟର ମହାପାତ୍ର ତାଙ୍କ ଗସ୍ତ ସମୟରେ 'ଓଡ଼ିଶା ଯାତ୍ରୀ' ଆପ୍‌ର ଲୋଗୋ ଉନ୍ମୋଚନ କରିବା ସହିତ କିଓସ୍କର ଉଦ୍‌ଘାଟନ କରିଛନ୍ତି। ଏହି ଆପ୍ ଏକ ଶୂନ କମିଶନକୁ ପ୍ରାଧାନ୍ୟ ଦେବା ସହିତ କ୍ରୁଟ୍ ହେଉଛି ରାଜ୍ୟର ପ୍ରଥମ ସରକାରୀ ସଂସ୍ଥା ଯିଏକି ଆଗ୍ରିଗେଟର୍ ଲାଇସେନ୍ସ ପ୍ରାପ୍ତ କରିପାରିଛି। ଏହି ଓଡ଼ିଶା ଯାତ୍ରୀ ଆପ୍ ଉଭୟ କ୍ୟାବ୍ ଏବଂ ଅଟୋ ଡ୍ରାଇଭରଙ୍କୁ ସଶକ୍ତ କରିବ। ଡ୍ରାଇଭର୍‌ମାନେ ଓପେନ୍ ନେଟ୍‌ୱର୍କ ଡିଜିଟାଲ କମର୍ସ 'ଓଏନ୍‌ଡିସି' ପଦ୍ଧତିର ଲାଭ ଉଠାଇବା ସହିତ ଯାତ୍ରୀ ଓ ଡ୍ରାଇଭରଙ୍କ ଡିଜିଟାଲ ବାଣିଜ୍ୟ ପ୍ରତିଷ୍ଠାରେ ବ୍ୟାପକ ଦୃଷ୍ଟିରେ ବିକାଶ କରିବ। ଏନେଇ ପୂର୍ବରୁ କ୍ରୁଟ୍ ସହିତ 'ନମଃ ଯାତ୍ରୀ'ର ଅନ୍ୟ ଏକ କମ୍ପାନୀ 'ମୁଭିଙ୍ଗ୍ ଟେକ୍' ଓଏନ୍‌ଡିସି ଏବଂ ଓଡ଼ିଶା ସଡ଼କ ସୁରକ୍ଷା ସୋସାଇଟି (ଓଆର୍‌ଏସ୍‌ଏସ୍) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଓଏନ୍‌ଡିସି ହେଉଛି ଭାରତ ସରକାରଙ୍କ ଅନ୍ୟ ଏକ ପଦକ୍ଷେପ ଯାହା ଦ୍ରବ୍ୟ ଏବଂ ସେବା କାରବାରରେ ଏକ ପାରସ୍ପରିକ କାର୍ଯ୍ୟକ୍ଷମ ନେଟୱାର୍କ ପ୍ରତିଷ୍ଠା କରି ଡିଜିଟାଲ ବାଣିଜ୍ୟକୁ ବିମୁଦ୍ରୀକରଣ କରିବାକୁ ଲକ୍ଷ୍ୟ ରଖିଛି। ରାଜ୍ୟରେ ଗ୍ରାହକଙ୍କ ଅଭିଜ୍ଞତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ବିକଶିତ ଓଡିଶା'ର ବ୍ୟାପକ ଦୃଷ୍ଟିକୋଣ ସହିତ ଏହାର ଆରମ୍ଭ କରାଯାଇଛି।

# ରାଜ୍ୟସ୍ତରୀୟ କାଜୁ ପ୍ରଦର୍ଶନୀ



**ଭୁବନେଶ୍ବର,୩୦ ।୧୦/ଏନ୍ଏନ୍ଏସ୍:** ଆଜି କୃଷି ଭବନସ୍ଥିତ ଅଡିଟୋରିଅମ ହଲ୍‌ରେ ଓଡ଼ିଶା ରାଜ୍ୟ କାଜୁ ନିଗମ ତରଫରୁ ଏକ କାଜୁ ସମ୍ମିଳନୀ ତଥା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଜୁ ନିଗମ ପରିଚାଳନା ନିର୍ଦ୍ଦେଶକ ତଥା ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ଯୋଗଦେଇ ଓଡ଼ିଶାରୁ ଉତ୍ପାଦିତ ହେଉଥିବା ଏକ ନିଜସ୍ୱ କାଜୁ ବ୍ରାଣ୍ଡ ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ପ୍ରତି ରାଜ୍ୟର ୨୭୦୦୦ ହେକ୍ଟର ଜମିରେ କାଜୁ ଫସଲ କରାଯାଉଛି। କାଜୁ ନିଗମ ଅଧୀନରେ ୫୮୭ଟି ପ୍ଲାଣ୍ଟେସନ ସାଇଟ ରହିଛି ତଥା ୨୦ଟି ନର୍ସରୀ ମଧ୍ୟ ରହିଛି, ଯେଉଁଥିରୁ ପ୍ରାୟ ୩୫ ରୁ ୪୦ ଲକ୍ଷ ଉଚ୍ଚକୋଟୀର କାଜୁ ଚାରା ଉତ୍ପାଦନ ହେଉଛି। କାଜୁ ଫସଲର ଚାଷଜମି ଅନୁଯାୟୀ ଭାରତରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ ଅଟେ। ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କାଜୁ ମଞ୍ଜି ଉତ୍ପାଦନକାରୀ, ନିଲାମଧାରୀ ପ୍ରମୁଖ ସାମିଲ ହୋଇ କାଜୁର ବିଭିନ୍ନ କିସମ ତଥା ଜଳବାୟୁ ପରିବର୍ତ୍ତନର କାଜୁ ଉତ୍ପାଦନ ଉପରେ ପ୍ରଭାବ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। କାଜୁ ଫସଲକୁ ଅଧିକ ଲାଭଜନକ କରିବା ସହ ଏହାର ଫଳରୁ ମଧ୍ୟ ବିଭିନ୍ନ ପ୍ରକାର ଉତ୍ପାଦ ପ୍ରସ୍ତୁତ ଦିଗରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ୨୦୨୫ ବର୍ଷ ପାଇଁ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏହି ସମ୍ମିଳନୀରେ ଓୟୁଏଟି ପ୍ରଫେସର କବିତା ସେଠୀ, ଡକ୍ଟର ପ୍ରଭୁ ଚରଣ ଲେଙ୍କା, କାଜୁ ନିଗମର ସଂଘମିତ୍ରା ବେହେରା, ଲକ୍ଷ୍ମୀଧର ଜେନା ଓ ନୀତିନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୂର୍ଯ୍ୟମନ୍ଦିର ବେଢ଼ାରୁ ପଡ଼ି ପର୍ଯ୍ୟଟକ ଆହତ



**କୋଣାର୍କ,୩୦।୧୦/ଏନ୍‌ଏନ୍‌ଏସ୍:** ବୁଧବାର ପୂର୍ବାହ୍ନରେ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ବୁଲୁଥିବାବେଳେ ସିଡିରୁ ଖସିପଡ଼ି ଜଣେ ବଙ୍ଗୀୟ ପର୍ଯ୍ୟଟକ ଝିଅ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକଙ୍କ ନିମନ୍ତେ ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଖବରରୁ ପ୍ରକାଶ ଯେ କୋଲକାତା ରାଜ୍ୟର ଦକ୍ଷିଣ ଚବିଶ ପ୍ରଗଣା ଜିଲ୍ଲାର ଦେବପ୍ରସାଦ ହାଲଦାରଙ୍କ ସପରିବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସି ମନ୍ଦିର ବୁଲୁଥିବା ବେଳେ ତାଙ୍କ ଝିଅ ରୂପସା ହାଲଦାର(୧୫) ମୁଣ୍ଡ ବୁଲାଇ ତଳେ ପଡ଼ିଯିବାରେ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ସଂପୃକ୍ତ ପର୍ଯ୍ୟଟକ ଜଣଙ୍କୁ ପ୍ରାଥମିକ ଚିକିତ୍ସା ନିମନ୍ତେ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ସଂପୃକ୍ତ ପର୍ଯ୍ୟଟକ ଜଣଙ୍କୁ ଚିକିତ୍ସା କରିବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀଙ୍କ ମନୋମୁଖୀ ଓ ଦାୟିତ୍ୱହୀନତା ନୀତି ଯୋଗୁଁ ବାରମ୍ବାର ବିଭିନ୍ନ ସମୟରେ ମନ୍ଦିରରୁ ପଡ଼ି ପର୍ଯ୍ୟଟକମାନେ ଆହତ ଓ ମୃତ୍ୟୁବରଣ କରୁଥିବା ନଜିର ରହିଛି। ସୂର୍ଯ୍ୟମନ୍ଦିର ପରିସରରେ ପର୍ଯ୍ୟଟକମାନଙ୍କ ନିମନ୍ତେ କୌଣସି ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ନଥିବାକୁ ନେଇ ପର୍ଯ୍ୟଟକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା ବେଳେ ତୁରନ୍ତ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିବା ଓ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ସମେତ ପର୍ଯ୍ୟଟକ ମହଲରେ ଦାବି କରାଯାଇଛି।

# ରାଷ୍ଟ୍ରୀୟ ଏକତା ଦିବସ

**କୃଷ୍ଣପ୍ରସାଦ,୩୦।୧୦/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ ତରଫରୁ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମତିଥିରେ ଛୁଟିଦିନ ପଡୁଥିବାରୁ ବୁଧବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ଛକଠାରୁ ପଞ୍ଚୁଦୋଳ ପଡ଼ିଆ ପର୍ଯ୍ୟନ୍ତ ଏକତା ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, କର୍ମଚାରୀ ଯୋଗଦେଇ ବିଭିନ୍ନ ପ୍ଲା କାର୍ଡ଼ ଧରି ଦେଶାତ୍ମବୋଧ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରିଥିଲେ। ଜାତୀୟ ସଙ୍ଗୀତ ଗାନ ପରେ ଆୟୋଜିତ କାର୍ଯ୍ୟକ୍ରମର ସଭାପତି ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧିରନ୍ ରାଷ୍ଟ୍ରର ଅଖଣ୍ଡତା ପ୍ରତି ନିଜକୁ ସଚେତନ ରଖି ନିଜକୁ ନିୟୋଜିତ କରିବାକୁ ସମସ୍ତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ରାଷ୍ଟ୍ରୀୟ ସୁରକ୍ଷା ସମ୍ବନ୍ଧୀୟ ଶପଥପାଠ କରାଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବରିଷ୍ଠ ଇଂରାଜୀ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ମଧୁସୂଦନ ସାହୁ, ଦିନେଶ ରଥ, ମୁଖ୍ୟକିରାଣି ଦିଲ୍ଲୀପ କୁମାର ଦଳାଇ, ରମାନାଥ ପ୍ରଧାନ, ଅଧ୍ୟାପିକା ସ୍ମିତା ମହାରଣା, ଅଧ୍ୟାପିକା ଚନ୍ଦନା ନାୟକ, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, ସୁକାନ୍ତ ଜେନା, ଏସ୍‌କେ ଉହ୍ୱା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# କ୍ଲଷ୍ଟର୍‌ସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକ

**ଅସ୍ତରଙ୍ଗ,୩୦।୧୦/ଏନ୍‌ଏନ୍‌ଏସ୍:** କାକଟପୁର ବାଳିକା ଉଚ୍ଚବିଦ୍ୟାଳୟ କ୍ଲଷ୍ଟର ଅଧୀନସ୍ଥ ବିଭୁତିପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ ସିଆର୍‌ସିସି ଦୁର୍ଗାପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ କ୍ଲଷ୍ଟର୍‌ର ୬ଜଣ ପ୍ରଧାନଶିକ୍ଷକ ଓ ୭ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ ଜେନା, ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ପଙ୍କଜିନୀ ଦେଇ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ରମେଶ ବଲ୍ଲଭ ସାହୁ ଓ ରାଜଶ୍ରୀ ମିଶ୍ର ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତିକୁମାରୀ ମହାନ୍ତି, ଜ୍ୟୋତିର୍ମୟୀ ବେହେରା, ସବ୍‌ନମ୍ ଆରା, ବରିଷ୍ଠ ଶିକ୍ଷକ ମୁନିର ଅହମଦ ଖାଁ, ଶେଖ ଇଦ୍ରିସ, ଅନ୍‌ସର୍ ହୋସେନ୍ ଖାଁ, ଶେଖ ଲୋକମାନ ହାକିମ, ମୋକାରିବ ଖାଁ, ବିକ୍ରମ ଚରଣ ସେଠୀ ଓ ଅନ୍ୟଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

# ଖଣ୍ଡପଡ଼ାରେ ପ୍ରାଣୀ ଚିକିତ୍ସା ସେବା ବାଧାପ୍ରାପ୍ତ



**ଖଣ୍ଡପଡ଼ା,୩୦।୧୦/ଏନ୍‌ଏନ୍‌ଏସ୍:** ପ୍ରାଣୀ ସମ୍ପଦର ସୁରକ୍ଷା ନେଇ ସରକାରଙ୍କ ପ୍ରାଣୀ ସମ୍ପଦ ବିକାଶ ବିଭାଗ କାର୍ଯ୍ୟ କରୁଛି। ମାତ୍ର ବର୍ଷ ବର୍ଷ ଧରି ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ଯେଗୁଁ ଏ ଅଞ୍ଚଳର ଗୋପାଳକ ଓ ପଶୁପାଳକମାନେ ଜରୁରୀକାଳୀନ ପରିସ୍ଥିତିରେ ଆବଶ୍ୟକୀୟ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଜଣାପଡିଛି। ସନ ୧୯୫୦ ମସିହାରେ ଖଣ୍ଡପଡା ସହରର ୧ନଂ ୱାର୍ଡରେ ପ୍ରାଣୀ ଚିକିତ୍ସାଳୟଟି ପ୍ରତିଷ୍ଠା କରାଯାଇଥିଲା। ଏଠାରେ ୪ ଗୋଟି ଡ଼ାକ୍ତର ପଦବୀ ଥିବା ବେଳେ କଂଟିଲୋ ପ୍ରାଣୀ ଚିକିତ୍ସାଳୟରେ କାର୍ଯ୍ୟରତ ଡ. ଶ୍ୱେତପଦ୍ମା ଷଡଙ୍ଗୀ ଏକମାତ୍ର ଡ଼ାକ୍ତର ଭାବେ ଖଣ୍ଡପଡା ପ୍ରାଣୀ ଚିକିତ୍ସାଳୟରେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଜଣାପଡିଛି। ଜଣେ ମାତ୍ର ମହିଳା ଡ଼ାକ୍ତର କଂଟିଲୋ ଓ ଖଣ୍ଡପଡା ପ୍ରାଣୀ ଚିକିତ୍ସାଳୟର ଦାୟୀତ୍ୱ ତୁଲାଉ ଥିବାରୁ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଛି। ଖଣ୍ଡପଡା ପ୍ରାଣୀ ଚିକକିତ୍ସାଳୟ ଅଧିନରେ ୬ଗୋଟି ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର କାର୍ଯ୍ୟ କରୁଛି। ଜଣେ ମାତ୍ର ଡ଼ାକ୍ତର ୨ଟି କାର୍ଯ୍ୟାଳୟର ଦାୟିତ୍ୱ ସମ୍ଭାଳୁଥିବାରୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ବାଧାପ୍ରାପ୍ତ ହେଉଛି। ଉପରୋକ୍ତ ସମସ୍ୟା ସଂପର୍କରେ ଉପରିସ୍ଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ଦିଗରେ କେହି ହେଲେ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ପ୍ରାଣୀ ଚିକିତ୍ସାଳୟରେ ଆବଶ୍ୟକୀୟ ଔଷଧ, ଇଞ୍ଜେକ୍ସନ ପର୍ଯ୍ୟାପ୍ତ ପରିମାଣର ମହଜୁଦ ଥିଲେ ହେଁ କୁକୁର କାମୁଡ଼ା ଇଞ୍ଜେକ୍ସନ ମିଳୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଇତି ମଧ୍ୟରେ ୮୩ଜଣ ନୂତନ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିଯୁକ୍ତି ଦେଇଥିଲେ ହେଁ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟ ଦୀପ ତଳ ଅନ୍ଧାର ପରି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଦୈନିକ ୨୫ରୁ ୩୦ଜଣ ପଶୁପାଳକ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ବେଳେ ଏଠାରେ ଆବଶ୍ୟକ ଅନୁଯାୟୀ ଡାକ୍ତର ନଥିବା ହେତୁ ପଶୁପାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର ଓ କର୍ମଚାରୀ ପଦବୀଗୁଡ଼ିକ ପୂରଣ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି। ନୟାଗଡ଼ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ବସନ୍ତ କୁମାର ବେହେରାଙ୍କ ସହ ଯୋଗାଯୋଗ କରିବାରେ ଉପରୋକ୍ତ ସମସ୍ୟା ସଂପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନେଇ ସୂଚନା ଦେଇଛନ୍ତି। ସମସ୍ୟାର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟିଦେବାକୁ ଦାବି ହେଉଛି।

# ଦଧିଚୀ ଶିଳ୍ପ ତାଲିମ କେନ୍ଦ୍ରର ସମାବର୍ତ୍ତନ ଉତ୍ସବ



**କଣ୍ଟାପଡ଼ା,୩୦।୧୦/ଏନଏନଏସ:** କଣ୍ଟାପଡା ବ୍ଲକ ସୁନ୍ଦରଗ୍ରାମ ବିଦ୍ୟା ବିହାର ସ୍ଥିତ ଦଧିଚୀ ଶିଳ୍ପ ତାଲିମ କେନ୍ଦ୍ରର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସରକାରୀ ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉତ୍କଳ ଚ୍ୟାମ୍ବର ଅଫ୍ କମର୍ସର ସମ୍ପାଦକ ଡ. ସଞ୍ଜିବ ମହାପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ସ୍କିଲ ଡେଭଲପ୍‌ମେଣ୍ଟ ଅନୁଷ୍ଠାନର ସିଇଓ ରଞ୍ଜନ ଭୌମିକ୍ ପୂର୍ତ୍ତୀ ଯୋଗଦେଇ ଶିଳ୍ପ ତାଲିମ ନେଉଥିବା ଛାତ୍ରଛାତ୍ରୀ ମାନେ ଜଣେ ଇଂଜିନିୟରଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କହିଥିଲେ। ସେହିପରି ଶିଳ୍ପ ତାଲିମ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ନିଜର ଅଧ୍ୟବସାୟ, ନିଷ୍ଠା ଓ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଦଧିଚୀ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ଟ୍ରଷ୍ଟି ବବିତା ଦାଶ ଓ ସମସ୍ତ ନିର୍ଦ୍ଦେଶକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ନିବେଦିତା ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ହରେକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷକ ବିକାଶ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

**ଫୁଲନଖରା, ୩୦।୧୦/ଏନ୍‌ଏନ୍‌ଏସ୍:** ଦି ନିୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଫୁଲନଖରା ନିକଟ ଲାଲବାହାଦୁର ସରକାରୀ ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଛି। କମ୍ପାନୀର ଓଡ଼ିଶା ଡେପୁଟି ଜେନେରାଲ ମ୍ୟାନେଜର ସଦାନନ୍ଦ ମହାନ୍ତି, ଭୁବନେଶ୍ୱର ମଣ୍ଡଳ ରିଜିଓନାଲ ମ୍ୟାନେଜର ଦିଲ୍ଲୀପକୁମାର ପାତ୍ର, ମ୍ୟାନେଜର କୃଷ୍ଣଚନ୍ଦ୍ର ବେହେରା, ଭିଜିଲାନ୍ସ ମ୍ୟାନେଜର ଅଧିକାରୀ ନାୟକ, ଜ୍ଞାନେନ୍ଦ୍ର ମହାନ୍ତି, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନାଗରିକଙ୍କ ପାଇଁ ସାଧୁତାର ଶପଥପାଠ କରାଇଥିଲେ। ତୃଣମୂଳସ୍ଥଳରୁ ଦୁର୍ନୀତିକୁ କିପରି ରୋକାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଦୁର୍ନୀତି ନିବାରଣ ସମ୍ପର୍କିତ ଏକ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱର ଡିଏଭି ବ୍ରାଞ୍ଚ ମ୍ୟାନେଜର ଲୋକନାଥ ରାଉତ ପରିଚାଳନା କରିଥିଲାବେଳେ ସଂଯୋଜକ ଗଜେନ୍ଦ୍ରଶାଶ୍ୱତ ରାୟ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।






# ଓଡ଼ଗାଁରେ ବିଜେଡିର ବିଶାଳ ପଦଯାତ୍ରା



**ଓଡ଼ଗାଁ,୩୦।୧୦/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲାର ଓଡ଼ଗାଁ ହେଉଛି ପ୍ରଭୁ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ପବିତ୍ରପୀଠ। ସବୁବେଳେ ଠାକୁରଙ୍କ ଆଶୀର୍ବାଦରୁ ମୁଁ ସଫଳତା ପାଇଆସିଛି। ତେଣୁ ମୁଁ ପ୍ରଭୁଙ୍କ ପୀଠରୁ ପଦଯାତ୍ରା ଶୁଭାରମ୍ଭ କରିବାକୁ ସଂକଳ୍ପ ନେଇଥିଲି ବୋଲି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ବୁଧବାର ପ୍ରଭୁ ରଘୁନାଥଙ୍କ ମନ୍ଦିରଠାରୁ ହଜାର ହଜାର କର୍ମୀଙ୍କ ଗହଣରେ ସହର ପରିକ୍ରମାକରି ଦଳକସ୍ଥିତ ଗୟଳସିଂହ ମନ୍ଦିର ପରିସରରେ ଏକ ବିଶାଳସଭାର ଆୟୋଜନ କରିବା ଅବସରରେ ବିଧାୟକ ଡ. ସାହୁ ଡବଲ ଇଞ୍ଜିନ ସରକାର ପ୍ରିୟାପ୍ରୀତି ତୋଷଣକୁ କଡ଼ା ସମାଲୋଚନା କରିବା ସହିତ ଦରଦାମ ବୃଦ୍ଧି ପ୍ରସଙ୍ଗକୁ ନେଇ ବିଜେପି ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ବିଜେଡି ସରକାର ସମୟରେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ସରକାର ଅହରହ ସୁବିଧା ଯୋଗାଇ ଦେଉଥିଲେ। ଏବେ ଚାରିମାସର ସରକାର ବାଉଳି ଚାଉଳିହୋଇ କାର୍ଯ୍ୟକରୁଛନ୍ତି। ବିଜେଡି ସରକାରଙ୍କ ସମୟରେ ଯେତେସବୁ କାର୍ଯ୍ୟହୋଇଛି ତାକୁ ସରକାର ମାନୁଛନ୍ତି। ଲୋକଙ୍କ ସହିତ ବିଜେଡି ସରକାର ସବୁବେଳେ ରହି କାମ କରୁଥିବା କହିଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବିଜେପି ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ ବିଜେପି ସରକାର ଲୋକଙ୍କ କାମ କରିବାରେ ବିଫଳ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ, ବିରଜାଲକ୍ଷ୍ମୀ ସାହୁ, ସୁବାଷ ଚନ୍ଦ୍ର କଅଁରଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଓ କର୍ମୀ ବହୁସଂଖ୍ୟାରେ ଯୋଗଦେଇଥିଲେ।













# ସାହସିକତା ପାଇଁ ସରୋଜଙ୍କୁ ମିଳିଲା କର୍ମବୀର ପୁରସ୍କାର



**କଣ୍ଟିଲୋ,୩୦।୧୦/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର ଉତ୍ତର ଦିଗରେ ବହିଯାଉଥିବା ଓଡ଼ିଶାର ବଡ଼ ନଦୀ ମହାନଦୀରେ ଗାଧୋଇଲା ବେଳେ ବୁଡ଼ି ଯାଉଥିବା ବ୍ୟକ୍ତିଙ୍କ ଜୀବନରକ୍ଷା କରି ରାଜ୍ୟ ସରକାରଙ୍କ ତରଫରୁ ସାହସୀ କର୍ମବୀର ପୁରସ୍କାର ପାଇ ଗୌରବ ଅର୍ଜନ କରିଛନ୍ତି ସ୍ଥାନୀୟ ସମିତିସଭ୍ୟାଙ୍କ ସ୍ୱାମୀ ସରୋଜ କୁମାର ସାହୁ। ସୂଚନାରୁ ପ୍ରକାଶ ଯେ, ଗତ ସେପ୍ଟେମ୍ବର ମାସ ୨୦ତାରିଖ ଦିନ ଶ୍ରୀନୀଳମାଧବ ଜିଉଙ୍କ ଦର୍ଶନ ପାଇଁ ପଶ୍ଚିମବଙ୍ଗରୁ ଆସିଥବା ପର୍ଯ୍ୟଟକମାନଙ୍କ ମଧ୍ୟରୁ ଚନ୍ଦ୍ରକାନ୍ତ ମାଇଁଟି(୫୬) ଓ ତାଙ୍କ ସହଧର୍ମିଣୀ ବେଲା ମାଇଁଟି(୫୨) ମହାନଦୀରେ ଗାଧୋଉଥିବା ସମୟରେ ଭାସିଯାଇଥିଲେ। ଏହି ସମୟରେ ସ୍ଥାନୀୟ ସମିତିସଭ୍ୟଙ୍କ ସ୍ୱାମୀ ସରୋଜ ସାହସର ସହିତ ପହଁରି ପହଁରି ଦୁଇ ପର୍ଯ୍ୟଟକଙ୍କ ଜୀବନରକ୍ଷା କରିପାରିଥିଲେ। ସରୋଜଙ୍କ ଏହି ସାହସିକତା ପାଇଁ ତାଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ସାହସୀ କର୍ମବୀର ପୁରସ୍କାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରିବା ସହ ୨୦ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ତାଙ୍କର ଏହି ସାହସିକତା କାର୍ଯ୍ୟ ପାଇଁ କଣ୍ଟିଲୋ ତଥା ବିଭିନ୍ନ ସ୍ଥାନରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।







## ତାରାତାରିଣୀ କଲେଜର ନୂତନ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

**ପୁରୁଷୋତ୍ତମପୁର,୩୦।୧୦/ଏନ୍ଏନ୍ଏସ୍:** ଚଳିତବର୍ଷ ତାରାତାରିଣୀ ମହାବିଦ୍ୟାଳୟର ଯୁକ୍ତ ଦୁଇ ରାଷ୍ଟ୍ରୀୟ ସେବା ଯୋଜନା ଯୁଗ୍ମ ଏକକ ତରଫରୁ ସ୍ୱେଚ୍ଛାସେବୀଙ୍କ ନିମନ୍ତେ ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁରେନ୍ଦ୍ରନାଥ ପଣ୍ଡା ଏକତା ହିଁ ବଳ ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟ ଅତିଥି ରୂପେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁନୀଲ କୁମାର ମୁନି ଯୋଗଦେଇ ଏନ୍ଏସ୍ଏସ୍‌ର ଲକ୍ଷ୍ୟକୁ କବିତା ମାଧ୍ୟମରେ ଉପସ୍ଥାପନା କରିଥିଲେ । ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଯଥା ଯାମୀନି ମୀର୍ଦ୍ଧା, ମୀନକେତନ ନାହକ, ସାକମ୍ଭରୀ ସାହୁ, ସୁଜାତା ଦାସ, ସୁଧାଂଶୁ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ମୀନାକ୍ଷୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଶିବିରରେ ୧୦୦ ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

## ଦୀପାବଳି ଲାଗି ମାଟି ଦୀପ ବାଣ୍ଟିଲେ ଯୁବ ସମାଜସେବୀ



**ବ୍ରହ୍ମପୁର,୩୦।୧୦/ଏନ୍ଏନ୍ଏସ୍:** ଦୀପାବଳି ପାଇଁ ବଜାରରେ ଭଳିକି ଭଳି ଦୀପ ବିକ୍ରି ହେଉଛି । କିନ୍ତୁ ମାଟି ଦୀପ ତୁଳନାରେ କସମେଟିକ ଦୀପର ଚାହିଦା ବଢ଼ିବାରେ ଲାଗିଛି । ଫଳରେ କୌଳିକ ବୃତ୍ତି ଆପଣାଇ ପରିବାର ଚଳାଇବା କୁମ୍ଭାର ପରିବାର ପାଇଁ କାଠିକର ପାଠ ହୋଇପଡିଛି । ଏପରି କିଛି କୁମ୍ଭାର ପରିବାରଙ୍କ ନିକଟରୁ କିଣି ଆଣି ମାଟି ଦୀପ ବାଣ୍ଟିଲେ ବ୍ରହ୍ମପୁରର ଯୁବ ସମାଜସେବୀ ଏସ. ଅଜିତ କୁମାର ପାତ୍ର । ସ୍ଥାନୀୟ ଗାନ୍ଧୀ ନଗର ଛକ ଠାରେ ପ୍ରାୟ ପାଞ୍ଚ ହଜାର ମାଟିଦୀପ ବଣ୍ଟନ କରିଛନ୍ତି ଶ୍ରୀ ପାତ୍ର । ଦିନ ଥିଲା ମାଟି ସାମଗ୍ରୀ ବିକ୍ରି କରି ବେଶ ଦୁଇ ପଇସା ରୋଜଗାର କରୁଥିଲେ କୁମ୍ଭାର ସମ୍ପ୍ରଦାୟର ଲୋକେ । ସଂପ୍ରତି ପ୍ଲାଷ୍ଟିକ, ଷ୍ଟିଲ, ଚାଇନା ମାଟି ଭଳି ଘରୋଇ ଉପକରଣ ମିଳିବା ପରେ ମାଟି ସାମଗ୍ରୀର ଚାହିଦା କମିବାରେ ଲାଗିଛି । କେବଳ ପୂଜାପାର୍ବଣ, ଯାନିଯାତ୍ରା, ବିବାହ ଓ ବ୍ରତରେ ଖୋଜା ପଡ଼ିଥାଏ ମାଟି ତିଆରି ଦୀପ, ହାଣ୍ଡି ଇତ୍ୟାଦି । ତେଣୁ ଏହି କୌଳିକ ବୃତ୍ତି ଆପଣାଇ ପରିବାର ଚଳାଇବା କୁମ୍ଭାର ପରିବାର ପାଇଁ କାଠିକର ପାଠ ହୋଇପଡିଛି । ବର୍ତ୍ତମାନ ଅଳ୍ପ କିଛି ପରିବାର ମାଟି ସାମଗ୍ରୀ ତିଆରି କରି ନିଜ କୌଳିକ ବୃତ୍ତିକୁ ଆପଣାଇ ପରିବାର ଚଳାଉଛନ୍ତି । କିନ୍ତୁ ମାଟି ସାମଗ୍ରୀ ବିକ୍ରି କରି ପରିବାର ଚଳାଇବାରେ ସମସ୍ୟା ଦେଖାଦେଉଥିବା କୁମ୍ଭାର ସଂପ୍ରଦାୟର ପରିବାର କହିଛନ୍ତି । କିନ୍ତୁ ଯୁଗ ପରିବର୍ତ୍ତନ ସହିତ ଷ୍ଟିଲ, ପ୍ଲାଷ୍ଟିକ, ଫାଇବର ଭଳି ଘରୋଇ ସାମଗ୍ରୀର ଚାହିଦା ବୃଦ୍ଧି ପାଇବାରୁ ମାଟି ସାମଗ୍ରୀ ପ୍ରତି ଆଉ ଲୋକ ମନ ବଳାଉନାହାଁନ୍ତି । ଏଥିଯୋଗୁଁ ମାଟି ସାମଗ୍ରୀର ଚାହିଦା କମିବାରେ ଲାଗିଛି । ଯଦି ପ୍ରଶାସନ ପକ୍ଷରୁ ମାଟି ସାମଗ୍ରୀ ବିକ୍ରୟ ପାଇଁ ବଜାର ବ୍ୟବସ୍ଥା କରାଯିବା ସହ କୁମ୍ଭାର ପରିବାରଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଏ ତେବେ ଏହି କୌଳିକ ବୃତ୍ତି ବଞ୍ଚି ରହିବ ଓ ଦୀପାବଳି ଦିନ ସମସ୍ତେ ଘରେ ଘରେ ମାଟି ଦୀପ ପ୍ରଜ୍ୱଳନ କରିବା ପାଇଁ ଶ୍ରୀ ପାତ୍ର କହିଛନ୍ତି ।

## ଆନ୍ତଃମହାବିଦ୍ୟାଳୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ବୁଗୁଡ଼ା,୩୦।୧୦/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପିପୁଲ୍ସ କଲେଜ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ୫୩ତମ ଆନ୍ତଃମହାବିଦ୍ୟାଳୟ ପୁରୁଷ କବାଡି ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟରେ ୨୭ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ବୁଗୁଡା ପିପୁଲ୍ସ କଲେଜ ଦଳ ୪୪-୧୬ ପଏଣ୍ଟରେ କେନ୍ଦୁପଦର ଏନବିସି କଲେଜ ଦଳକୁ ହରାଇ ଚାମ୍ପିଅନ ହୋଇଥିଲା । ଉକ୍ତ ଟୁର୍ଣ୍ଣାମେଣ୍ଟର ମ୍ୟାଚଗୁଡିକୁ ଆମ୍ପାୟର ଭଞ୍ଜ କିଶୋର ଗୌଡ, ହରିହର ବିଶ୍ୱାଳ, ଅଂଶୁମାନ ବିଷୋୟୀ ଏବଂ ରେଫରି ଅକ୍ଷୟ ନାୟକ ଓ ଦୀପକ ସେଠୀ ପ୍ରମୁଖ ପରିଚାଳନା କରିଥିଲେ । ସ୍କୋରର୍ ଭାବେ ଦୀପକ କୁମାର ସାହୁ, ରୁଚିସ୍ମିତା ନାୟକ ଏବଂ ଲାଇନ୍ସମ୍ୟାନ୍ ଭାବେ ଶିବାଶିଷ ଶତପଥି, ସଞ୍ଜିବ ମହାରଣା, ବ୍ରଜବିହାରୀ ଦଳେଇ ପ୍ରମୁଖ ନିୟୋଜିତ ଥିଲେ । କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସ୍ପୋର୍ଟସ୍ କାଉନସିଲ୍ ସେକ୍ରେଟାରି ଶାରଦା ପ୍ରସାଦ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ପିପୁଲ୍ସ କଲେଜ ଗଭର୍ଣ୍ଣିଂବଡି ପ୍ରେସିଡେଣ୍ଟ ରଜନୀ କାନ୍ତ ଭଞ୍ଜ ଯୋଗ ଦେଇ ଖେଳାଳିଙ୍କୁ ମାର୍ଗ ଦର୍ଶନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଜେତା ପିପୁଲ୍ସ କଲେଜ ଦଳକୁ ୱିନର ଟ୍ରଫି ଏବଂ ଉପବିଜେତା କେନ୍ଦୁପଦର କଲେଜ ଦଳକୁ ରନର୍ ଟ୍ରଫି ପ୍ରଦାନ ସାଙ୍ଗକୁ ବେଷ୍ଟ ରାଡାର କିରଣ କୁମାର ଦୋରା , ବେଷ୍ଟ ଡିଫେଣ୍ଡର ଶୁଭଙ୍କର ଗୌଡ ଓ ବେଷ୍ଟ ଅଲରାଉଣ୍ଡର କୃତ୍ତିବାସ ପ୍ରଧାନଙ୍କୁ ମେଡାଲ ପ୍ରଦାନ କରାଯାଇଥିଲା । କଲେଜ ସ୍ପୋର୍ଟସ ଆସୋସିଏସନ ଉପସଭାପତି ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟକୁ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଏମ୍.ଶ୍ରୀନିବାସ ଦୋରା ପରିଚାଳନା କରିଥିଲେ ।

### ଭୋଟର ସଚେତନତା ପାଇଁ ପଥ ଉତ୍ସବ ସମାରୋହ

# ଭୋଟର ପଞ୍ଜୀକରଣ, ସଂଶୋଧନ କାର୍ଯ୍ୟ ଆରମ୍ଭ




**ବ୍ରହ୍ମପୁର,୩୦।୧୦/ଏନ୍ଏନ୍ଏସ୍:** ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ବ୍ରହ୍ମପୁରଠାରେ ଭୋଟର ସଚେତନତା ପାଇଁ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୂତନ ଭୋଟର ପଞ୍ଜିକରଣ, ନିର୍ଭୁଲ ଭୋଟର ତାଲିକା ସଂଶୋଧନ ସହ ସଚେତନତା ଏବଂ ଯୁବଗୋଷ୍ଠୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରଜ୍ୱଳିତ କରିବା ପାଇଁ ଏହି ଉତ୍ସବ ଆୟୋଜିତ ହୋଇଥିଲା । ପଥ ଉତ୍ସବକୁ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତଗିର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଭୋଟର ସଚେତନତା ପଦଯାତ୍ରା ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଟାଉନ୍ ହଲ୍ ପର୍ଯ୍ୟନ୍ତ ଯାଇଥିଲା । ଉତ୍ସବରେ ବିଭିନ୍ନ ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀ, ଅଙ୍ଗନବାଡି ଦିଦି ଅଂଶ ଗ୍ରହଣ କରିଥିଲେ । ଟାଉନ୍ ହଲ୍‌ଠାରେ ପଥ ଉତ୍ସବ ସମ୍ପର୍କିତ ସଭା ଆୟୋଜିତ ହୋଇଥିଲା । ରଙ୍ଗୋଲି ପ୍ରତିଯୋଗିତା ଓ ଲୋକନୃତ୍ୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ରଙ୍ଗୋଲି ପ୍ରତିଯୋଗୀତାରେ ବ୍ରହ୍ମପୁର ଅଙ୍ଗନବାଡି ଦିଦି ମାନେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତଗିର ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଭୋଟର ତାଲିକାରେ ନାମ ସଂଯୋଗ ଓ ନିର୍ବାଚନରେ ମତଦାନ ଅଧିକାର ବିଷୟରେ ସଚେତନ କରିଥିଲେ । ବୈଠକରେ ଡେପୁଟି କଲେକ୍ଟର ସୁବ୍ରତ ରାମବିରାମ ଶତପଥୀ ଯୋଗଦେଇ କିପରି ଯୁବଗୋଷ୍ଠୀ ଅଧିକରୁ ଅଧିକ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବା ଉପରେ ଜୋର ଦେଇଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ମହାମାୟୀ ମହିଳା ମହାବିଦ୍ୟାଳୟର ସୋମ୍ୟାଶ୍ରୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଚକ୍ରଧର ବିଶୋୟୀ ଏବଂ ତୃତୀୟ ସ୍ଥାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କ୍ଷିତିଜ ମିଶ୍ର ରହିଥିଲେ । ରଙ୍ଗୋଲିରେ ପ୍ରଥମ ଦିପ୍ତିଲେଖା ମିଶ୍ର, ଦ୍ୱିତୀୟ ଗୀତାଞ୍ଜଳି ମହାରଣା ଓ ତୃତୀୟ ଲିତାଞ୍ଜଳି ଦାସ ଅଙ୍ଗନବାଡି ଦିଦି ମାନେ ପୁରସ୍କୃତ ହୋଇଥିଲେ । ପଥ ଉତ୍ସବ ସମାରୋହରେ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର ଆଶୀର୍ବାଦ ପରିଡା, ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ ଓ ସହାୟକ ଜିଲ୍ଲାପାଳ ଶୁଭଶ୍ରୀ ମିଶ୍ର, ଜ୍ୟୋତି ରଞ୍ଜନ ରଥ ଉପସ୍ଥିତ ଥିଲେ । ଭୋଟର ପଞ୍ଜିକରଣ ଓ ନିର୍ଭୁଲ ଭୋଟର ତାଲିକା ସଂଶୋଧନ ଆସନ୍ତା ନଭେମ୍ବର ମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି । ସବୁ ବୁଥର ବୁଥ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଭୋଟର ମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ ସହ ଅନ୍ୟାନ୍ୟ ସୁବିଧା ଯୋଗାଇଦେବେ । ଭୋଟର ତାଲିକାରେ ନାମ ପଞ୍ଜିକରଣ ପାଇଁ ଭୋଟରମାନେ ଗୁଗୁଲ ପ୍ଲେ ଷ୍ଟୋରରୁ ଭୋଟର ହେଲ୍ପ ଲାଇନ୍ ଆପ୍ ଡାଉନଲୋଡ କରି ମଧ୍ୟ ଆବେଦନ କରିପାରିବେ ବୋଲି ଜଣାଯାଇଥିଲା । ଏହି ସମାରୋହରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ମା' ଶ୍ୟାମାକାଳୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**ଆସିକା,୩୦।୧୦/ଏନ୍ଏନ୍ଏସ୍:** ଆସିକା ଏନ୍ଏସି ଅଧିନସ୍ଥ କାଳୀମୁଖୀ ସାହିରେ କେଉଁ ଆବାହମାନ କାଳରୁ ପୂଜା ପାଇ



ଆସୁଥିବା ମା' ଶ୍ୟାମାକାଳୀ ପୀଠରେ ଆଲୋକର ପର୍ବ ଦୀପାବଳୀ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ବୁଧବାର ଠାରୁ ଆରମ୍ଭ ହୋଇଛି । ବର୍ଷତମାମ୍ ମା' ଶ୍ୟାମାକାଳୀଙ୍କ ମନ୍ଦିରରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ଦୀପାବଳୀ ସମୟରେ ପାଳିତ ହେଉଥିବା ଏହି ପୂଜାର ଏକ ସ୍ୱତନ୍ତ୍ରତା ରହିଛି । ଏହି ପୂଜା ସମୟରେ ମା' ଶ୍ୟାମାକାଳୀଙ୍କୁ ଦର୍ଶନକଲେ ଅଧିକ ପୁଣ୍ୟ ମିଳେ ବୋଲି ଲୋକକଥା ପ୍ରଚଳିତ ରହିଛି । ଏହି ଶକ୍ତିପୀଠରେ ରବିବାର ଦିନ ତମାମ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଲାଗିଥିଲା । ପୂଜା ପରିଚାଳନାରେ ଆଧ୍ୟାତ୍ମିକ ପ୍ରେମୀ ସତ୍ୟନାରାୟଣ ରଥ, ଶ୍ୟାମଘନ ବିଶ୍ୱାଳ, ପ୍ରସନ୍ନ କୁମାର ତ୍ରିପାଠୀ, ଏମ୍.ତାରିଣୀ ସେନାପତି, ଜି.ସୂର୍ଯ୍ୟପ୍ରକାଶ ରାଓ, ମଦନ ମୋହନ ପୋଲାଇ, ପ୍ରଦୀପ କୁମାର ପରିଡା, ପି.ଶିବଶଙ୍କର ପାତ୍ର, ସୁନିଲ୍ କୁମାର ମିଶ୍ର, ଦୀପକ କୁମାର ପାତ୍ର, ଦେବହରି ମହାନ୍ତି, ଅଜିତ୍ କୁମାର ପଟ୍ଟନାୟକ, ରବିନ୍ଦ୍ର କୁମାର ପୋଲାଇ, ସନ୍ତୋଷ କୁମାର ପୋଲାଇ, ପି.ଖଳି ପାତ୍ର, ସିରନ୍ କୁମାର ପାତ୍ର, ପ୍ରଶାନ୍ତ କୁମାର ଦାଶ, ତ୍ରିଲୋଚନ ପାଣିଗ୍ରାହୀ, ନିରଂଜନ ପାଢୀ, ସିମାଂଚଳ ରଥ, ତରୁଣ କୁମାର ପଟ୍ଟନାୟକ, ସିମାଂଚଳ ସାହୁ, କାମେଶ୍ୱର ଆଚାରୀ, ତିରୁପତି ପାତ୍ର, ମନ୍ଦିର ପୂଜକ ସତ୍ୟନାରାୟଣ ମୁନି, ପ୍ରମୋଦ ମୁନି, ଗଣପତି ମୁନି, ସନ୍ୟାସୀ ମୁନି, ନରସିଂହ ମୁନି, ମୁନା ମୁନି ପ୍ରମୁଖ ସହଯୋଗ କରୁଛନ୍ତି । ଶେରଗଡ ନିକଟସ୍ଥ ମଥୁରା ଶାସନର ଅଭିଜ୍ଞ ପଣ୍ଡିତ ଗୋପାଳକୃଷ୍ଣ ଷଡଙ୍ଗୀ ଓ ସହଯୋଗୀ କାହ୍ନା ତ୍ରିପାଠୀ ପୂଜା କାର୍ଯ୍ୟରେ ନିୟୋଜିତ ଥିଲେ । ପଣ୍ଡିତ ଦିଲୀପ କୁମାର ଦେବତା ଚଣ୍ଡୀପାଠ କରିଥିଲେ । ଶାନ୍ତି, ମୈତ୍ରୀ, ଭାଇଚାରା ତଥା ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଆସିକାର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ମା' କାଳୀମୁଖୀଙ୍କ ମନ୍ଦିରରେ ଆରମ୍ଭ ହୋଇଥିବା ମା' ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ବିଧିବିଧାନ ଅନୁଯାୟୀ ଚାଲିଛି । ଆଜିଠୁ ଦେବୀ ଆରାଧନା, ପୂଜା ଆରମ୍ଭ ହୋଇ ହୋମଯଜ୍ଞ ସାଙ୍ଗକୁ ସ୍ୱତନ୍ତ୍ର ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା । ଆସନ୍ତାକାଲି ସୂର୍ଯ୍ୟପୂଜା, ଉପଚାର ପୂଜା, ଚଣ୍ଡିପାଠ ଓ ହୋମ ଆଦି କାର୍ଯ୍ୟ ହେବ । ନଭେମ୍ବର ୧ ତାରିଖ ଶୁକ୍ରବାକ ଦିନ ପୂଜା ପୂର୍ଣ୍ଣାହୁତି ହେବ ବୋଲି ଜଣାପଡିଛି ।

## ହିଞ୍ଜିଳି ପଞ୍ଚାୟତ ସମିତି ସାଧାରଣ ବୈଠକରେ ପାରିତ ହେଲାନି ପ୍ରସ୍ତାବ

**ହିଞ୍ଜିଳିକାଟୁ,୩୦।୧୦/ଏନ୍ଏନ୍ଏସ୍:** ହିଞ୍ଜିଳିକାଟୁ ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ଦଶ ମାସରୁ ଉର୍ଦ୍ଧ୍ୱ ବ୍ୟବଧାନ ପରେ ଏହି ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ବ୍ଲକ ଅଧକ୍ଷା ସରସ୍ୱତୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ତହସିଲଦାର ଭିକାରୀ ସାହୁ ଓ ଉପାଧ୍ୟକ୍ଷ ସୁନୀଲ ଗନ୍ତାୟତ ମଞ୍ଚାସୀନ ଥିଲେ । ତେବେ ଦୀର୍ଘ ସମୟ ବ୍ୟବଧାନରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷା ଓ ଉପାଧ୍ୟକ୍ଷଙ୍କୁ ମିଶାଇ ମୋଟ ୧୦ଜଣ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିବାବେଳେ ଅନ୍ୟ ୩୨ ଜଣ ଅନୁପସ୍ଥିତ ଥିଲେ । ଆଜିର ବୈଠକରେ ବିଗତ ଅଧିବେଶନରେ ପାରିତ ହୋଇଥିବା ନିଷ୍ପତ୍ତି ଓ ଦୃଷ୍ଟି ଆକର୍ଷଣ ହୋଇଥିବା ସମସ୍ୟା ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଆବଶ୍ୟକ ଉପସ୍ଥାନ ଅଭାବରୁ କୌଣସି ପ୍ରସ୍ତାବ ଓ ନୀତିଗତ ନିଷ୍ପତି ପାରିତ ହୋଇନଥିବା ବେଳେ କେବଳ ପୂର୍ବ ପ୍ରସ୍ତୁତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ହୋଇଥିଲା ବୋଲି ବିଡ଼ିଓ ସୂଚନା ଦେଇଛନ୍ତି । ତେବେ ନବନିଯୁକ୍ତ ହିଞ୍ଜିଳି ବିଧାୟକଙ୍କ ବ୍ଲକ ପ୍ରତିନିଧି ଏ. ସୁଦର୍ଶନ ଓ ଅର୍ଦ୍ଧାଧିକ ସରପଞ୍ଚ ଓ ସମିତିସଭ୍ୟଙ୍କ ସହିତ ଅଧକ୍ଷା ଏବଂ ବ୍ଲକ ପ୍ରଶାସନ କୌଣସି ଆଲୋଚନା ନକରି ଏକପାଖିଆ ଭାବେ ବୈଠକ ତିଥି ଧାର୍ଯ୍ୟ କରିଥିବା ଯୋଗୁଁ ଦୁଇ ତୃତୀୟାଂଶରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତିସଭ୍ୟ ବୈଠକ ବର୍ଜନ କରିଛନ୍ତି ବୋଲି ନନ୍ଦିକ ସରପଞ୍ଚ ତଥା ହିଞ୍ଜିଳିକାଟୁ ସରପଞ୍ଚ ସଙ୍ଘର ସଭାପତି କୃଷ୍ଣଚନ୍ଦ୍ର ଭୋଳ ପ୍ରତିକ୍ରିୟା ରଖିଛନ୍ତି । ବିଭିନ୍ନ ଅନିମୟତା ଦେଖିବାକୁ ମିଳିଛି ଆଜିର ଏହି ସାଧାରଣ ବୈଠକରେ ହିଞ୍ଜିଳି ବିଧାୟକ ଲେଖା ହୋଇଥିବା ନାମ ଫଳକ ଚୌକିରେ ହିଞ୍ଜିଳି ବିଧାୟକଙ୍କ ଅନୁପସ୍ଥିତରେ ତାଙ୍କ ଚୌକିରେ ବିଧାୟକଙ୍କ ବ୍ଲକ ପ୍ରତିନିଧିଙ୍କ ବଦଳରେ ଜିଲ୍ଲା ପରିଷଦ ପ୍ରତିନିଧି ବସିଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ କିଛି ସରପଞ୍ଚ ଅସନ୍ତୋଷ ପ୍ରକାଶ କରିଥିଲେ । ଆସ୍କା ସାଂସଦଙ୍କ ସଭାମଞ୍ଚରେ ନାମ ଫଳକ ଥିଲା । କିନ୍ତୁ ଚୌକି ନାହିଁ ଓ ଅନ୍ୟପଟେ ନିର୍ବାଚିତ ଜନପ୍ରତିନିଧିମାନେ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ନିଜ ଗ୍ରାମ ଏବଂ ନିଜ ପଞ୍ଚାୟତର ଜନସାଧାରଣଙ୍କ ଉନ୍ନତି ସକାଶେ ଏଭଳି ବୈଠକରେ ସକ୍ରିୟ ଯୋଗଦାନ କରିବା ଜରୁରୀ ବୋଲି ଗଣ୍ଡଳା ସମିତିସଭ୍ୟ ପ୍ରଶାନ୍ତ ସାହୁ ମତପ୍ରକାଶ କରିଛନ୍ତି ।

### ବାଣ ବିସ୍ଫୋରଣରେ ୪ ଛାତ୍ର ଗୁରୁତର ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

**ଖଲ୍ଲିକୋଟ,୩୦।୧୦/ଏନ୍ଏନ୍ଏସ୍:** ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ଗୋଟିଏ ଘରେ ଗତ ୧୯ ତାରିଖରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଗୁରୁତର ଆହତ ୪ ଜଣ ଦଶମ ଶ୍ରେଣୀ ଛାତ୍ରଙ୍କ ମଧ୍ୟରୁ ଆଜି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ୩ ଜଣଙ୍କ ଅବସ୍ଥା ଏବେବି ସଙ୍କଟାପନ୍ନ ଥିବା ସୂଚନା ମିଳିଛି । ଗୁରୁତର ଆହତ ସମୀର ଦୁହୁଡି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସା ହେଉଥିବା ବେଳେ ଅନ୍ୟ ଜଣଙ୍କ କଟକ ଏସ୍‌ସିବିରେ ଚିକିତ୍ସା ଚାଲିଛି । ଆଉ ଦୁଇ ଜଣ ବାଦଲ ଗୌଡ ଓ ରୁଦ୍ର ପ୍ରସାଦ ଗୌଡଙ୍କ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସା ଚାଲିଥିଲା । ତେବେ ମଙ୍ଗଳବାର ବାଦଲଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ବିସ୍ଫୋରଣରେ ବାଦଲଙ୍କ ଦୁଇଟି ଯାକ ଗୋଡ଼ କ୍ଷତିଗ୍ରସ୍ତ ହୋଇଥିଲା । ରକ୍ତଜନିତ ସମସ୍ୟା ଯୋଗୁଁ ତାଙ୍କର ଅସ୍ତ୍ରୋପଚାର ହୋଇପାରିନଥିଲା । ଘଟଣାକୁ ନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାଯୋଗ୍ୟ ଯେ ମୃତ ବାଦଲଙ୍କ ବାପାଙ୍କ ଗତ ୫ ମାସ ତଳେ ଦେହାନ୍ତ ହୋଇଥିବା ବେଳେ ତାଙ୍କ ଭାଇ ରାଜ୍ୟ ବାହାରକୁ ଯାଇ ରୋଜଗାର କରି ଯାହା ପଠାନ୍ତି ସେଥିରେ ତାଙ୍କ ପରିବାର ଚଳୁଥିବା ଜଣାପଡିଛି ।

## ନୂତନ ତହସିଲଦାର ଭାବେ ବିନୋଦ ବେହେରାଙ୍କ ଯୋଗଦାନ

**ପୁରୁଷୋତ୍ତମପୁର,୩୦।୧୦/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ନୂତନ ତହସିଲଦାର ଭାବେ ବିନୋଦ କୁମାର ବେହେରା ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ଭୁବନେଶ୍ୱର ବିଏମସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ଭାବେ କାର୍ଯ୍ୟରତ ଥିଲେ ।



ତେବେ ବର୍ତ୍ତମାନ ନୂତନ ସରକାର ଆସିବା ପରେ ୧୧୮ ଜଣ ଓଡିଶା ପ୍ରଶାସନିକ ଅଧିକାରୀ ବିଡ଼ିଓ ଏବଂ ତହସିଲଦାରଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବଦଳି ହୋଇଥିଲା । ପୁରୁଷୋତ୍ତମପୁର ତହସିଲଦାର ଥିବା ଲୋପା ମୁଦ୍ରା ରଥଙ୍କୁ ଛତ୍ରପୁର ଉପଜିଲ୍ଲାପାଳଙ୍କ ଅଫିସିକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଥିଲେ । ତାଙ୍କ ସ୍ଥାନରେ ଭୁବନେଶ୍ୱର ବିଏମସିର ଅତିରିକ୍ତ କମିଶନର ଥିବା ଶ୍ରୀ ବେହେରା ଆଜି ଅପରାହ୍ନରେ ତହସିଲଦାର ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଦାୟିତ୍ୱ ଗ୍ରହଣ ଅବସରରେ ତହସିଲଦାର ଶ୍ରୀ ବେହେରା କହିଥିଲେ ଯେ ଲୋକଙ୍କ ମୌଳିକ ଅଧିକାରକୁ ସୁନିଶ୍ଚିତ କରିବା, ତହସିଲ ଅଫିସ ସଂଲଗ୍ନ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନକୁ ଅଧିକ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ଏଥିରେ କେହି ବି ବିଶୃଙ୍ଖଳା ସୃଷ୍ଟି କଲେ, କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ବୋଲି ସେ କହିଛନ୍ତି । ଗଞ୍ଜାମ ଜିଲ୍ଲାର ଆରାଧ୍ୟ ଦେବୀ ମା' ତାରାତାରିଣୀ ମନ୍ଦିରର ଉନ୍ନତି ତଥା ମୌଳିକ ସୁବିଧା ପହଞ୍ଚାଇବା ଦିଗରେ ଗଞ୍ଜାମ ଜିଲ୍ଲାପାଳ, ବିଡ଼ିଓ, ଓ ଥାନା ଅଧିକାରୀଙ୍କ ସହ ମିଳିତ ଆଲୋଚନା କରି ସମାଧାନ ଦିଗରେ ଉଦ୍ୟମ କରିବେ ତହସିଲଦାର ଶ୍ରୀ ବେହେରା ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

## ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳିତ



**ଆସିକା,୩୦।୧୦/ଏନ୍ଏନ୍ଏସ୍:** ଆସିକା ଅଞ୍ଚଳର ଅନ୍ୟତମ ସର୍ବପୁରାତନ ଆୟୁର୍ବେଦ ଚିକିତ୍ସାଳୟ ବାଣୀବିହାରସ୍ଥିତ ଚରକ ଆର୍ୟୁବେଦ ଚିକିତ୍ସାଳୟ ପକ୍ଷରୁ ବୁଧବାର ଭଗବାନ ଧନ୍ୱନ୍ତରୀ ଦେବଙ୍କ ପୁଣ୍ୟ ଜନ୍ମତିଥି ପାରମ୍ପରିକ ରୀତିନୀତି ଅନୁଯାୟୀ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ଚରକ ଆର୍ୟୁବେଦ ଚିକିତ୍ସାଳୟର ଉଦ୍ୟୋକ୍ତା ଡାକ୍ତର ଶିଶିର କୁମାର ପଣ୍ଡା ଓ ଡାକ୍ତର ରଞ୍ଜିତ କୁମାର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଭଗବାନ ଶ୍ରୀ ଧନ୍ୱନ୍ତରୀ ଦେବଙ୍କ ଆବାହନ, ପୂଜା, ହୋମ, ପୂର୍ଣ୍ଣାହୁତି, ଆରତୀ ଦର୍ଶନ ଓ ପୁଷ୍ପାଞ୍ଜଳି ସାଙ୍ଗକୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଶାସ୍ତ୍ର ପୁରାଣ ଅନୁସାରେ ସାଗର ମନ୍ଥନରୁ ଭଗବାନ ଧନ୍ୱନ୍ତରୀ ସ୍ୱର୍ଣ୍ଣକଳସ ଧରି ଉତ୍ପନ ହୋଇଥିଲେ । ଭଗବାନ ଧନ୍ୱନ୍ତରୀ ଦେବତାଙ୍କ ବୈଦ୍ୟ ଥିଲେ । ଭଗବାନ ଧନ୍ୱନ୍ତରୀଙ୍କ ପୂଜନ ଦ୍ୱାରା ଆରୋଗ୍ୟ ଶୁଭ ପ୍ରାପ୍ତି ହୁଏ । ସଂସାରରେ ଚିକିତ୍ସା ବିଜ୍ଞାନର ବିସ୍ତାର ଓ ପ୍ରସାର ପାଇଁ ଭଗବାନ ଧନ୍ୱନ୍ତରୀ ଅବତାର ନେଇଥିଲେ । ଭଗବାନ ଧନ୍ୱନ୍ତରୀ ଦେବଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଚରକ ଆୟୁର୍ବେଦ ଚିକିତ୍ସା ଅନୁଷ୍ଠାନରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିବା ଲକ୍ଷ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସଂଘ ନେତା ପୀତବାସ ମହାପାତ୍ର, ସଂଜୁରାଣୀ ପଟ୍ଟନାୟକ, ଆଧ୍ୟାତ୍ମିକପ୍ରେମୀ ଜଲି ମହାପାତ୍ର, ଆଧ୍ୟାତ୍ମିକ ପ୍ରେମୀ ରାଜକିଶୋର ପାତ୍ର, ପୁର୍ଣ୍ଣଚନ୍ଦ୍ର ସୁବୁଦ୍ଧି, ରଶ୍ମିତା ପାତ୍ର, ଉପେନ୍ଦ୍ର ପ୍ରଧାନ, ନୃସିଂହ ଚରଣ ଦାଶ, ଅଶୋକ କୁମାର ନାୟକ, ସୁବାସ ଚନ୍ଦ୍ର ମହାନ୍ତି, ଗଣେଶ ରଥ, ମିହିରକାନ୍ତ ମହାପାତ୍ର, କୈଳାଶ ଆଚାରୀଙ୍କ ସମେତ ବହୁଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ ।

### ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଏକତା ପାଇଁ ଗଣଦୌଡ଼

# 'ରାଷ୍ଟ୍ରୀୟ ଏକତାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଅତୁଳନୀୟ'



**ବ୍ରହ୍ମପୁର,୩୦।୧୦/ଏନ୍ଏନ୍ଏସ୍:** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ 'ଏକତା ପାଇଁ ଗଣଦୌଡ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକଙ୍କ ନେତୃତ୍ୱରେ ଗଣଦୌଡ଼ କମାପଲ୍ଲୀ ଛକ ଠାରୁ ବାହାରି ଟାଟାବେଞ୍ଚ ଛକ, ଜେନେନା ହସ୍ପିଟାଲ୍ ରୋଡ, ଖଲ୍ଲିକୋଟ କଲେଜ, ପିଭିଏନ୍ ରାଓ ପେଟ୍ରୋଲ ପମ୍ପ ଛକ, ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ଗାନ୍ଧୀନଗର ଛକ ଦେଇ ବ୍ରହ୍ମପୁର ଷ୍ଟାଡିୟମଠାରେ ପହଞ୍ଚିଥିଲା । ଶତାଧିକ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସାମିଲ ହୋଇ ବିଭିନ୍ନ ନାରା ଦେଇଥିଲେ । ଭାରତ ସ୍ୱାଧୀନ ହେବା ପରେ ରାଷ୍ଟ୍ରୀୟ ଏକତା ବଳବତ୍ତର ରଖିବା ଦିଗରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅତୁଳନୀୟ । ସେ ସବୁବେଳେ ଯୁବପିଢିଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବେ ବୋଲି ନେତାମାନେ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଗଣ ଦୌଡ କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ପତି, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର ଯୋଗ ଦେଇ ଏକତା ହିଁ ସବୁଠାରୁ ବଡ଼ ଶକ୍ତି ବୋଲି କହିଥିଲେ । ଦେଶର ଏକତା, ଅଖଣ୍ଡତା ତଥା ପ୍ରକୃତ ବିପଦକୁ ପ୍ରତିହତ କରିବା ପାଇଁ ଆମର ଅନ୍ତର୍ନିହିତ ଶକ୍ତି ଏବଂ ସ୍ଥିରତାକୁ ପ୍ରମାଣିତ କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡଙ୍ଗୀ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ବରିଷ୍ଠ ନେତା ସୁନିଲ କୁମାର ସାହୁ, ପ୍ରବୀର ପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

**ନିତି ଭାରତୀ**


ନିଜଠାରୁ ଉର୍ଦ୍ଧ୍ୱରେ ଥିବା ଆଲୋକକୁ ଅନୁଭବ କରିବାକୁ ହେଲେ ନିଜ ଭିତରେ ଥିବା ଆଧ୍ୟାତ୍ମିକତାର ଆଲୋକ ଜଳାଇବାକୁ ହେବ, ଆଉ ପାପ ଓ ଅଶୁଦ୍ଧିର ଅନ୍ଧକାର ଆପଣାଛାଏଁ ଉଭେଇ ଯିବ। ନିଜର ନୀଚତର ସୋପାନ ନୁହେଁ, ଉଚ୍ଚତର ସୋପାନ ସମ୍ବନ୍ଧରେ ଚିନ୍ତା କର।

– ସ୍ୱାମୀ ବିବେକାନନ୍ଦ

ନିତିଦିନ NITIDIN
ଗୁରୁବାର, ୩୧ ଅକ୍ଟୋବର,୨୦୨୪

# ଗଣପର୍ବ ଦୀପାବଳି

ସ୍ମରଣାତୀତ କାଳରୁ ଦେବଭୂମି, ପୁଣ୍ୟଭୂମି ଭାରତବର୍ଷରେ ବିଭିନ୍ନ ଦେବଦେବୀଙ୍କ ଉପାସନାର ଧାରା ରହିଛି ଅବ୍ୟାହତ। ଏହି ଦେବଦେବୀଙ୍କ ଅବଦାନ ଯଥା- ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଦ୍ୱାରା ଆଲୋକ ବିଚ୍ଛୁରଣ, ବାୟୁଦେବଙ୍କ ଦ୍ୱାରା ମୃଦୁ ମନ୍ଦ ସମୀରଣ, ଇନ୍ଦ୍ରଦେବଙ୍କ ଦ୍ୱାରା ମେଘ ବର୍ଷଣ, ବରୁଣ ଦେବଙ୍କ ଦ୍ୱାରା ଜଳ ପ୍ରଦାନ, ଅଗ୍ନି ଦେବଙ୍କ ଦ୍ୱାରା ଖାଦ୍ୟ ରନ୍ଧନ, ଧରଣୀ ମାତାଙ୍କ ଦ୍ୱାରା ଶସ୍ୟ ଉତ୍ପନ୍ନ ହେବା ଦ୍ୱାରା ଜୀବ ଜଗତର ସାଧିତ ହେଉଛି ଅଶେଷ କଲ୍ୟାଣ। ଜୀବନ ଧାରଣର ମାର୍ଗ କୁସୁମିତ ହେବା ସହିତ ଈଶ୍ୱରଙ୍କ ସୃଷ୍ଟି ହେଉଛି ଗତିଶୀଳ। ଯାହାଙ୍କର ଅବଦାନ ଯୋଗୁଁ ଜନଜୀବନ ହୋଇଛି ମଧୁମୟ, ମଙ୍ଗଳମୟ, ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବେ ପ୍ରତ୍ୟେକ ମନୁଷ୍ୟର ପରମ ଧର୍ମ ଓ କର୍ତ୍ତବ୍ୟ। ଏତଦ୍ ବ୍ୟତୀତ ଯେଉଁ ପିତୃପୁରୁଷଙ୍କ ଯୋଗୁଁ ଧରାପୃଷ୍ଠରେ ଆମର ଜନ୍ମ ହୋଇଛି ସମ୍ଭବ, ସେମାନଙ୍କୁ ସ୍ମରଣ କରିବା




**ଅନନ୍ତ ଗୋପାଳ ପଣ୍ଡା**

ସହିତ କୃତଜ୍ଞତାର ଅର୍ଘ୍ୟ ସମର୍ପଣ କରିବା ମଧ୍ୟ ଆମର ନୈତିକ କର୍ତ୍ତବ୍ୟ। ସେହି ଦେବଦେବୀ ତଥା ପିତୃପୁରୁଷମାନଙ୍କର ଆରାଧନା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ତିଥି ବାରର କରାଯାଇଛି ପରିକଳ୍ପନା। ସେହି ପୁଣ୍ୟ ତିଥି ଅବସରରେ ଅନୁଷ୍ଠିତ ଦେବଦେବୀଙ୍କ ଉପାସନାର ମୁହୂର୍ତ୍ତଗୁଡ଼ିକ ହୋଇଥାଏ ଉତ୍ସବ ମୁଖର, ଯାହାକି ପର୍ବ ନାମରେ ହୋଇଥାଏ ନାମିତ। ଆବାଳବୃଦ୍ଧବନିତା ଏଥିରେ ସାମିଲ ହୋଇ ଲାଭ କରନ୍ତି ଅପାର ଆନନ୍ଦ। ବିଜ୍ଞାନର ଉନ୍ନତି ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ସତ୍ତ୍ୱେ ଗଣ ଜୀବନର ସାଂସ୍କୃତିକ ଭାବାବେଗ ସହ ଏହି ପର୍ବପର୍ବାଣିର ସଂପର୍କ ରହିଛି ନିବିଡ଼ ଓ ଅତୁଟ। ଯେଉଁ ପର୍ବ ଦେଶର ସର୍ବତ୍ର ହୋଇଥାଏ ପାଳିତ, ତାହା ଲାଭ କରିଥାଏ ଜାତୀୟ ପର୍ବର ମାନ୍ୟତା। ଏହି ପର୍ବଗୁଡ଼ିକ ମଧ୍ୟରେ ଆଲୋକର ପର୍ବ ଦୀପାବଳି ଅନ୍ୟତମ।

ଆକୁମାରୀ ହିମାଚଳ ସର୍ବତ୍ର ହର୍ଷ ଉଲ୍ଲାସ ମଧ୍ୟରେ ପାଳିତ ହୋଇଥାଏ ଗଣପର୍ବ ଦୀପାବଳି। ଏହି ଉତ୍ସବର ଅନ୍ତରାଳରେ ରହିଛି ଅନେକ ଲୋକକଥା ଓ ପୌରାଣିକ କିମ୍ବଦନ୍ତୀ। ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ଦୀପ ପ୍ରଜ୍ୱଳନ। ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଗୃହରେ ଏହି ଦୀପଦାନ ଗ୍ରହଣ କରିଥାଏ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଯଦିଓ ପରବର୍ତ୍ତୀ ସମୟରେ ଏହା ସହିତ ଆତସବାଜି ପ୍ରଦର୍ଶନ ହୋଇଛି ସଂଯୋଜିତ, ତଥାପି ଦୀପଦାନ ବଜାୟ ରଖିଛି ତା'ର ସାତ୍ତ୍ୱିକତା। ପୌରାଣିକ ଘଟଣାବଳୀକୁ ସ୍ମରଣ କରିବା ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଏ ଏହି ଦୀପଦାନ କାର୍ଯ୍ୟକ୍ରମ। ଏଥି ସହିତ ଦଶ ମହାବିଦ୍ୟାଙ୍କ ମଧ୍ୟରେ ପ୍ରଥମ ମହାବିଦ୍ୟା ରୂପେ ପୂଜିତା ମା' କାଳୀଙ୍କର କରାଯାଏ ପୂଜା ଅର୍ଚ୍ଚନା। ଏତଦ୍ ବ୍ୟତୀତ ପ୍ରତି ଗୃହରେ ଐଶ୍ୱର୍ଯ୍ୟର ଦେବୀ ମା' ଲକ୍ଷ୍ମୀଙ୍କର ମଧ୍ୟ ହୋଇଥାଏ ନିରାଜନା।

ତ୍ରେତୟା ଯୁଗରେ ବିଶ୍ରବାନନ୍ଦନ ଲଙ୍କପତି ଦଶାନନକୁ ବଧ କରି ରଘୁକୁଳତିଳକ ପ୍ରଭୁ ଶ୍ରୀରାମଚନ୍ଦ୍ର ଏହି ଦିବସରେ ଅଯୋଧ୍ୟାକୁ କରିଥିଲେ ପ୍ରତ୍ୟାବର୍ତ୍ତନ। ଚତୁର୍ଦ୍ଦଶ ବର୍ଷ ବ୍ୟବଧାନରେ ପ୍ରଭୁଙ୍କର ଶୁଭାଗମନକୁ ଅଯୋଧ୍ୟାବାସୀ ଅତି ଆନନ୍ଦ ଉତ୍ସାହର ସହିତ ପାଳନ କରିବା ଅବସରରେ ପ୍ରତି ଗୃହରେ ପ୍ରଜ୍ୱଳିତ ହୋଇଥିଲା ଏକାଧିକ ଦୀପାଳି ଏବଂ ଦ୍ୱାର ଦେଶରେ ଶୋଭା ପାଇଥିଲା ପୂର୍ଣ୍ଣକୁମ୍ଭ। ସେହିପରି ଦ୍ୱାପର ଯୁଗରେ ଦ୍ୱାରକାଧିପତି ଭାଗବାନ ଶ୍ରୀକୃଷ୍ଣ ଏହି ଦିବସରେ ନରକାସୁରକୁ ନିଧନପୂର୍ବକ ରାଜ୍ୟବାସୀଙ୍କୁ ଅସୁରର ପ୍ରାଦୁର୍ଭାବରୁ ମୁକ୍ତ କରିଥିବାରୁ ସେହି ଆନନ୍ଦରେ ପୁରପଲ୍ଲୀ ହୋଇ ଉଠିଥିଲା ଉତ୍ସବ ମୁଖର ଏବଂ ସବୁ ଗୃହାଙ୍ଗନରେ ଜଳି ଉଠିଥିଲା ଦୀପାଳି। ଏତଦ୍ ବ୍ୟତୀତ ପାତାଳ ପୁରରେ ଅବସ୍ଥାନ କରୁଥିବା ବଳି ରାଜା ବର୍ଷକରେ ଥରେ ଏହି ଦିବସରେ ମର୍ତ୍ତ୍ୟପୁରର ପ୍ରଜାମାନଙ୍କୁ ଦେଖିବାକୁ ଆସିବା ସମୟରେ ପ୍ରଜାମାନେ ଦୀପ ପ୍ରଜ୍ୱଳନପୂର୍ବକ ବଳି ରାଜାଙ୍କୁ ସମ୍ମାନ ଜଣାଇଥାନ୍ତି। ଏହି ଉଭୟ ଉତ୍ସବର ସ୍ମାରକୀ ସ୍ୱରୂପ ଦୀପାବଳି ଅମାବାସ୍ୟାରେ ପ୍ରତି ଗୃହ ଆଲୋକମାଳାରେ ସଜ୍ଜିତ ହେବା ସଙ୍ଗେ ସଙ୍ଗେ ଏକାଧିକ ଦୀପାଳି ହୋଇଥାଏ ପ୍ରଜ୍ୱଳିତ।

ଏହି ଦିବସରେ ଅନ୍ୟ ଏକ ତାତ୍ପର୍ଯ୍ୟ ହେଉଛି, ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ପର୍ଯ୍ୟାଶ୍ରାଦ୍ଧ ଓ ଦୀପ ସମର୍ପଣ। ଯେଉଁମାନଙ୍କ କୃପାରୁ ଆମେମାନେ ଏହି ଧରାରେ ମନୁଷ୍ୟ ରୂପରେ ଜନ୍ମଲାଭ କରିଛୁ, ସେହି ପିତୃପୁରୁଷମାନଙ୍କର ଦାୟାଦ ଭାବରେ ତାଙ୍କ ପ୍ରତି କୃତଜ୍ଞତା ସ୍ୱରୂପ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡ ଦାନର ବ୍ୟବସ୍ଥା ରହିଛି ଆମର ସନାତନ ଧର୍ମରେ। ମନୁ ସଂହିତା, ପଣ୍ଡିତ ସର୍ବସ୍ୱ, ଗଦାଧର ପଦ୍ଧତିରେ ଏହି ବିଧିବିଧାନ ହୋଇଛି ବର୍ଣ୍ଣିତ। ଯେଉଁ ହିନ୍ଦୁମାନେ ପିତୃପକ୍ଷ ବା ମହାଳୟା ଅମାବାସ୍ୟାରେ ପିତୃପୁରୁଷମାନଙ୍କୁ ପିଣ୍ଡଦାନ କରି ନଥାନ୍ତି, ସେମାନେ ଏହି ଦୀପାବଳି ଅମାବାସ୍ୟାର ଦିବସାର୍ଦ୍ଧରେ ସେହି ଶ୍ରାଦ୍ଧ କର୍ମ କରନ୍ତି ସମ୍ପାଦନ ଏବଂ ରାତ୍ରିର ଆଗମନରେ ପର୍ଯ୍ୟାଶ୍ରାଦ୍ଧ ମାଧ୍ୟମରେ ସପ୍ତ ଋଷି (ସନକ, ସନନ୍ଦ, ସନାତନ, ଆସୁରୀ, ବୋଢୁ, କପିଳ, ପଞ୍ଚଶିଖ), ଦଶ ବିଶ୍ୱଦେବା (କ୍ରତୁ, ଦକ୍ଷ, ବସୁ, ସତ୍ୟ, କାଳ, କାମ, ଧୁରି, ରୋଚନ, ପୁରୋରବଃ,




ମାଦ୍ରବସଃ) ଓ ଦ୍ୱାଦଶ ପିତୃପୁରୁଷ (ପିତା, ପିତାମହ, ପ୍ରପିତାମହ, ମାତା, ପିତାମହୀ, ପ୍ରପିତାମହୀ, ମାତାମହ, ପ୍ରମାତାମହ, ବୃଦ୍ଧ ପ୍ରମାତାମହ, ମାତାମହୀ, ପ୍ରମାତାମହୀ, ବୃଦ୍ଧ ପ୍ରମାତାମହୀ)ମାନଙ୍କୁ ପୂଜା ଆରାଧନା ସହିତ ଘୃତ ମିଶ୍ରିତ ବତୀ କରିଥାନ୍ତି ସମର୍ପଣ। ପିତୃପୁରୁଷଙ୍କ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କାଳରେ ଦୀପାଳି କିମ୍ବା କାଉଁରିଆ କାଠି ଜଳାଇ କୁହାଯାଏ 'ପିତୃଲୋକଂ ପରିତ୍ୟଜ୍ୟ ଆଗତାଃ ଯେ ମହାଳୟେ, ଉଜ୍ଜ୍ୱଳଂ ଜ୍ୟୋତିଷା ମାର୍ଗଂ ପ୍ରପଦ୍ୟନ୍ତୋ ବ୍ରଜନ୍ତୁତେ।' ଅନ୍ୟ କେହି କେହି କାଉଁରିଆ କାଠି ଜଳାଇ କହିଥାନ୍ତି, 'ବଡ଼ ବଡୁଆ ହୋ! ଅନ୍ଧାରରେ ଆସ, ଆଲୁଅରେ ଯାଅ, ଗଙ୍ଗା ଯାଅ, ଗୟା ଯାଅ, ବାଇଶି ପାହାଚରେ ମହାପ୍ରସାଦ ଖାଇ ଗଡ଼ଗଡ଼ଉ ଥାଅ। ପିଲାମାନଙ୍କୁ ଅମୃତ ଦୃଷ୍ଟିରେ ଚାହୁଁଥାଅ।'

ଜୈନମାନେ ଏହି ଦିବସକୁ ମହାବୀରଙ୍କର ମୁକ୍ତି ଦିବସ ଭାବରେ ପାଳନ କରିଥାନ୍ତି। ଶିଖ ସମ୍ପ୍ରଦାୟଙ୍କର ଷଷ୍ଠ ଗୁରୁ ହରଗୋବିନ୍ଦ ସିଂହ ଗୋଆଲିୟର ଦୁର୍ଗରେ ବନ୍ଦୀ ଥିବା ୫୨ ଜଣ ରାଜାଙ୍କୁ ମୁକ୍ତି ପ୍ରଦାନ କରିଥିବାରୁ ଶିଖମାନେ ମଧ୍ୟ ଏହି ଦିବସକୁ ମହାସମାରୋହରେ ପାଳନ କରିଥାନ୍ତି। ଏତଦ୍ ବ୍ୟତୀତ ଏହି ଦିବସରେ ଦେଶର ସୀମାରେଖାରେ ହୋଇଥାଏ ମିଷ୍ଟାନ୍ନ ବଣ୍ଟନ ଉତ୍ସବ। ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନର ନୂତନ ଖାତା ମଧ୍ୟ କରିଥାନ୍ତି ପୂଜନ।

ଗଣ ଜୀବନକୁ ଉତ୍ସବ ମୁଖର କରୁଥିବା ପର୍ବପର୍ବାଣିମାନଙ୍କ ମଧ୍ୟରେ ଦୀପାବଳି ଗ୍ରହଣ କରିଛି ଏକ ପ୍ରମୁଖ ଭୂମିକା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆଲୋକର ଏହି ପର୍ବ ସମସ୍ତଙ୍କ ଦ୍ୱାରା ପାଳିତ ହୋଇ ଜାତୀୟ ମହୋତ୍ସବରେ ପରିଣତ ହେବା ସଙ୍ଗେ ସଙ୍ଗେ ଜାତୀୟ ସଂହତିର ବାର୍ତ୍ତା କରୁଛି ପ୍ରଚାର ଓ ପ୍ରସାର। ଅନୁସୃତ ହେଉଛି ଭାଇଚାରର ଏକ ଉନ୍ନତ ପରମ୍ପରା। ଆସନ୍ତୁ, ଆତସବାଜି ପ୍ରତି ଆକୃଷ୍ଟ ନ ହୋଇ ପରିବେଶ ପ୍ରଦୂଷଣ ପ୍ରତି ସଜାଗ ରହିବା ସହିତ ଏହି ଗଣ ପର୍ବର ମୌଳିକ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରିବାପୂର୍ବକ ଜ୍ଞାନାଲୋକକୁ ପ୍ରଜ୍ୱଳିତ କରାଇ ଅମାବାସ୍ୟା ରୂପକ ଅଜ୍ଞାନ ତମସାକୁ କରିବା ଦୂରୀଭୂତ ଏବଂ ସମସ୍ୱରରେ ଗାଇ ଉଠିବା ଉପନିଷଦ୍‌ର ସେହି ଅମୃତମୟ ବାଣୀ, 'ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ।'

ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

# ଜନଗଣନା ଓ ଧ୍ରୁବୀକରଣ


ସରକାରୀ ସୂତ୍ରଗୁଡ଼ିକୁ ଯଦି ବିଶ୍ୱାସକୁ ନିଆଯାଏ- ଯାହାକୁ ସାଧାରଣତଃ ବିଶ୍ୱାସ କରାଯାଇଥାଏ- ତା'ହେଲେ ଭାରତ ଶେଷରେ ବହୁତ ବିଳମ୍ବ ହୋଇ ସାରିଥିବା ୨୦୨୧ର ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ଏହି କାର୍ଯ୍ୟ ୨୦୨୫ରେ ଆରମ୍ଭ ହୋଇପାରେ ଏବଂ ତା' ପର ବର୍ଷକୁ ଦେଶର ଜନସଂଖ୍ୟା ବାବଦରେ ବିଭିନ୍ନ ପ୍ରକାରର ତଥ୍ୟ ସରକାରଙ୍କର ହସ୍ତଗତ ହୋଇପାରେ, ଯେହେତୁ ଏହା ୨୦୨୬ ସୁଦ୍ଧା ଶେଷ ହେବାର ସମ୍ଭାବନା ରହିଛି। ପ୍ରତି ଦଶ ବର୍ଷରେ ଥରେ ସମ୍ପାଦନା କରାଯାଉଥିବା, ପରନ୍ତୁ ଏକ ଅନିବାର୍ଯ୍ୟ କାରଣବଶତଃ ବିଳମ୍ବ ହୋଇଥିବା ଜନଗଣନା କାର୍ଯ୍ୟ ଯେ ଶେଷରେ ବାସ୍ତବତାରେ ପରିଣତ ହେବାକୁ ଯାଉଛି, ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜନଗଣନା କେବଳ ଦେଶର ମଣିଷମାନଙ୍କ ମୁଣ୍ଡ ଗଣନା କରି ନଥାଏ, ଏହା ସେମାନଙ୍କର ସାମାଜିକ ଏବଂ ଅର୍ଥନୀତିକ ସୂଚକଗୁଡ଼ିକ ସମ୍ବନ୍ଧରେ ବିପୁଳ ପରିମାଣର ତଥ୍ୟ ପ୍ରଦାନ କରିଥାଏ। ଏହା ମଧ୍ୟ ଧ୍ରୁବତାରା ଭଳି ଆହୁରି ଅନେକ ପ୍ରକାରର ସର୍ବେକ୍ଷଣ ଏବଂ ତଥ୍ୟର ସମାହାର ପ୍ରସ୍ତୁତ କରିବାକୁ ପଥ କଢ଼ାଇ ନେଇଥାଏ। ଏକ ବିଳମ୍ବିତ ଜନଗଣନା ଏହି ବିଜ୍ଞତା ଓ ଏହା ସହିତ ଜଡ଼ିତ ଅନ୍ୟାନ୍ୟ ନିର୍ଣ୍ଣୟଗୁଡ଼ିକ ଉପରେ ପ୍ରତିକୂଳ ପ୍ରଭାବ ପକାଇ ସାରିଛି। ଜନଗଣନା କାର୍ଯ୍ୟ ନିମନ୍ତେ ଇଲେକ୍ଟ୍ରୋନିକ୍ ଯନ୍ତ୍ର ବ୍ୟବହାର କରି ଗଣନା କରିବା ହୁଏତ ଆଶା କରାଯାଇପାରେ, ଯେହେତୁ ସମ୍ପ୍ରତି ବେଶ୍ କେତେ ସଂଖ୍ୟକ ସରକାରୀ ସର୍ଭେ କାର୍ଯ୍ୟ ହାତରେ ଧରି କାର୍ଯ୍ୟ କରାଯାଇ ପାରୁଥିବା ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକ ସାହାଯ୍ୟରେ କରାଯାଉଛି। ଏହା ହେଲେ ଉପରୋକ୍ତ କାର୍ଯ୍ୟ ନିମନ୍ତେ ହୋଇ ସାରିଥିବା ବିଳମ୍ବକୁ କେତେକାଂଶରେ ଭରଣା କରାଯାଇ ପାରିବା ସଙ୍ଗେ ସଙ୍ଗେ ତଥ୍ୟଗୁଡ଼ିକୁ ଅତି ଶୀଘ୍ର ହାସଲ କରାଯାଇ ପାରିବ।

ବାସ୍ତବତା ଦୃଷ୍ଟିରୁ କହିବାକୁ ଗଲେ, ୨୦୨୧ (ବା ୨୦୨୫) ଜନଗଣନା ଏହାର ପୂର୍ବସୂରୀମାନଙ୍କ ତୁଳନାରେ ଅଧିକ ବିବାଦୀୟ ହେବାର ସମ୍ଭାବନା ରହିଛି। କାରଣ, ବର୍ତ୍ତମାନ ଏକଥା ବ୍ୟାପକ ଭାବରେ ଦାବି କରାଯାଉଛି ଯେ ଏହି ଜନଗଣନାରେ ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ମାନଙ୍କ ସହିତ ଅନ୍ୟ ଜାତିମାନଙ୍କ ସମ୍ପର୍କରେ ମଧ୍ୟ ବିବରଣୀ ସଂଗ୍ରହ କରାଯାଇ ତାକୁ ଉଲ୍ଲେଖ କରାଯାଉ, ଯାହା କି ବର୍ତ୍ତମାନ ସୁଦ୍ଧା ଏହା ଉପ-ଜାତି ଭାବରେ ଗଣନା କରି ଆସୁଛି। ପୂର୍ବରୁ ମଣ୍ଡଳ ବନାମ ମନ୍ଦିର ରାଜନୀତିକ ଲଢ଼େଇରେ ହାରି ଯାଇଥିବାରୁ ଜାତି ଜନଗଣନା କଥା ଉଠିବା ମାତ୍ରେ ବିଜେପି କୁଣ୍ଠା ଭାବ ପ୍ରକାଶ କରୁଛି। ତଥାପି ସାମ୍ପ୍ରତିକ ମେଣ୍ଟ ବାଧ୍ୟବାଧକତା ଏତେ ଭିନ୍ନ ରୂପକୁ ଆପଣାଇଛି ଯେ ଏଥିପାଇଁ ଏହାକୁ ହୁଏତ ନିଜର ନୀତି ସହିତ ସାଲିସ କରିବାକୁ ପଡ଼ିପାରେ, କାରଣ ଏହାର ତୃତୀୟ ପାଳିର ଶାସନ କେବଳ ଏଇ ମେଣ୍ଟର ଅନ୍ୟାନ୍ୟ ଦଳମାନଙ୍କ ଦ୍ୱାରା ହିଁ ସମ୍ଭବପର ହୋଇ ପାରିଛି। ଜାତିଗତ ଜନଗଣନା ପାଇଁ ବିରୋଧୀ ଦଳମାନେ ଦାବି କରୁ ନାହାନ୍ତି, ବରଂ ବିଜେପି ସହିତ ମେଣ୍ଟ କରିଥିବା ଦଳମାନେ ହିଁ କରୁଛନ୍ତି। ଏ ବାବଦରେ ୧୯୫୧ ପରଠାରୁ ଯେଉଁସବୁ ଜାତିଗତ ଜନଗଣନା ହୋଇ ଆସିଛି, ସେଥିରେ ଏହାକୁ ସ୍ଥାନ ଦିଆଯାଇ ନାହିଁ। ବର୍ତ୍ତମାନ ପ୍ରଶ୍ନ ହେଉଛି, ବିଜେପି ଏ ବାବଦରେ ବୁଝାମଣା କରି ସ୍ୱତଃପ୍ରବୃତ୍ତ ଭାବରେ ଜାତି ଗଣନା କରିବାକୁ ଆଗେଇ ଆସିବ କି ଏବଂ ଲୋକମାନଙ୍କୁ ଯଦି ସେମାନେ ଚାହାନ୍ତି, ତା'ହେଲେ ସେମାନଙ୍କର ଜାତିଗତ ବର୍ଗୀକରଣ ପଞ୍ଜିକୃତ କରିବାର ସୁଯୋଗ ପ୍ରଦାନ କରିବ କି ? ସ୍ୱାଧୀନ ଭାରତରେ ଜାତି ଏକ ଜଟିଳ ରାଜନୀତି ସୃଷ୍ଟି କରିଛି, ଯାହାକୁ ଦେଶ ଏକ ଅତିରିକ୍ତ ବୋଝ ଭାବରେ ବହନ କରି ଚାଲିଛି। ଏହା ଖୋଦ୍ ଏକ ବିଭାଜନକାରୀ ପ୍ରକ୍ରିୟା ହୋଇଥିବା ବେଳେ ସମସ୍ତଙ୍କର ଅଭିଳାଷକୁ ପୂରଣ କରିବା ନିମନ୍ତେ ଯାହା ଯେମିତି ହେଉ ପଛେ ଜାତି ଜନଗଣନା କାର୍ଯ୍ୟ ହାତକୁ ନିଆଯିବାର ଆବଶ୍ୟକତା ରହିଛି ବୋଲି ରାଜନୀତି ବିଶ୍ଳେଷକମାନେ ମତ ଦେଇଥାନ୍ତି। ଏହା ବାଦ୍ ଯେତେ ସାମାନ୍ୟ ହେଲେ ବି ଏଥି ସହିତ ଆଉ ଗୋଟିଏ ସଂଯୋଗ ମଧ୍ୟ ରହିଛି। ତାହା ହେଉଛି, ଜାତୀୟ ଜନସଂଖ୍ୟା ପଞ୍ଜିକା, ଜାତୀୟ ନାଗରିକ ପଞ୍ଜିକା ଏବଂ ନାଗରିକତ୍ୱ ସଂଶୋଧନ ଆଇନ୍, ବିଶେଷକରି ଦେଶର ପୂର୍ବ ଭାଗରେ ଅବସ୍ଥିତ ରାଜ୍ୟଗୁଡ଼ିକ ଯଥା ପଶ୍ଚିମବଙ୍ଗ ଏବଂ ଆସାମ ଏବଂ ଉପରୋକ୍ତ ଜନଗଣନା ମଧ୍ୟରେ।

ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ କେନ୍ଦ୍ର ସରକାର ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ବାବଦରେ ଏକ ବ୍ୟାପକ ରାଜନୀତିକ ସହମତି ନିର୍ମାଣ କରିବା ଉଚିତ ଯଦ୍ଦ୍ୱାରା ଜନଗଣନା ପ୍ରକ୍ରିୟା ଥରେ ଆରମ୍ଭ ହୋଇଗଲେ ଆଉ ଯେପରି କୌଣସି ସ୍ଥଳରେ ବନ୍ଦ ନ ହୋଇପାରେ। ଏହା କେବଳ ଏକ ମାନଦଣ୍ଡର କଥା ନୁହେଁ। ଯେହେତୁ ଏହି କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାରମାନେ ପ୍ରାଥମିକ ଭାବରେ କ୍ଷେତ୍ର ସ୍ତରରେ ମୁଖ୍ୟତଃ ପ୍ରୋତ୍ସାହନ ପ୍ରଦାନ କରିଥାନ୍ତି, ତେଣୁ ଏକ ଦ୍ୱିପାକ୍ଷିକ ସହମତି ଜନଗଣନା କାର୍ଯ୍ୟ ଆରମ୍ଭ କରାଯିବା ପୂର୍ବରୁ ନିହାତି କରାଯିବା ଜରୁରୀ। ଏହି ଜନଗଣନା ଭାରତର ବ୍ୟବସ୍ଥାପିକା ନିମନ୍ତେ ଦୁଇଗୋଟି ପ୍ରମୁଖ ପରିବର୍ତ୍ତନ ନିମନ୍ତେ ଆଧାର ପ୍ରଦାନ କରିବ, ଯଥା ସୀମା ନିର୍ଦ୍ଧାରଣ, ଯାହାକି ସଂସଦରେ ରାଜ୍ୟୱାରୀ ପ୍ରତିନିଧିତ୍ୱର ଅନୁପାତରେ ପରିବର୍ତ୍ତନ ଘଟାଇବାର ସମ୍ଭାବନା ବହନ କରିବ ଏବଂ ଅନ୍ୟଟି ହେଉଛି କେନ୍ଦ୍ରୀୟ ଏବଂ ରାଜ୍ୟ ବ୍ୟବସ୍ଥାପିକାଗୁଡ଼ିକରେ ମହିଳାମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ, ଯାହା ଉପରୋକ୍ତ ପ୍ରସଙ୍ଗଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଯେହେତୁ ଏହା ଏକ ବ୍ୟାପକ ରାଜନୀତିକ ସହମତି ସୃଷ୍ଟି କରିଥାଏ। ଶେଷରେ ରହିଲା ଏକ ବୈଷୟିକ ପ୍ରସଙ୍ଗ। ସୂଚନା ମିଳୁଛି ଯେ ସରକାର ହୁଏତ ଭବିଷ୍ୟତର ଜନଗଣନା ସମୟରେ ପରିବର୍ତ୍ତନ କରି ପାରନ୍ତି ଯେପରିକି ୨୦୩୫, ୨୦୪୫ ଏବଂ ଏହି କ୍ରମରେ। ଏହା କ'ଣ ଏକ ବିଜ୍ଞ ନିଷ୍ପତ୍ତି ହେବ କି ନା ୨୦୨୫ ଜନଗଣନାକୁ ଏକ ବ୍ୟତିକ୍ରମ ଭାବରେ ଗ୍ରହଣ କରି ନିଆଯାଇ ୨୦୩୧ରେ ଆଉ ଏକ ଜନଗଣନା କରାଯିବ? ସରକାର ଯଦି ଏ ବାବଦରେ ବିଷୟବସ୍ତୁ ବିଶେଷଜ୍ଞମାନଙ୍କ କଥାକୁ ଶୁଣନ୍ତି, ତା'ହେଲେ ଭଲ ହେବ।

# ଶ୍ରଦ୍ଧା ଓ ଭକ୍ତିର ପର୍ବ ଦୀପାବଳି

ଆନନ୍ଦ ଉଲ୍ଲାସ ଓ ଆଲୋକର ପର୍ବ ଦୀପାବଳି, କାଳୀପୂଜା ଏବଂ ପର୍ଯ୍ୟାଶ୍ରାଦ୍ଧ ଭାରତର ଏକ ରାଷ୍ଟ୍ରୀୟ ପର୍ବ। ଗୋଟିଏ ଦୁଇଟି ରାଜ୍ୟକୁ ଛାଡ଼ିଦେଲେ ଦେଶରେ ପ୍ରତିଟି ଅଞ୍ଚଳର ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ ଓ ଶିଖ୍‌ମାନେ ଅମାବାସ୍ୟା ରାତ୍ରିରେ ଅଗଣିତ ଦୀପାଳି ଜାଳନ୍ତି ଓ ରଙ୍ଗବେରଙ୍ଗୀ ବାଣ ଫୁଟାଇ ମହା ଆନନ୍ଦରେ ପର୍ବ ପାଳନ କରନ୍ତି। ହିନ୍ଦୁ ପରମ୍ପରାରେ ଅନ୍ଧାର ଉପରେ ଆଲୋକର



**ପ୍ରସନ୍ନ କୁମାର ମିଶ୍ର**

ବିଜୟ ହିଁ ଏହି ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସାମ୍ନାରେ ଏହି ଦିନ ସନ୍ଧ୍ୟାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ କାଉଁରିଆ ଜାଳି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନିବେଦନ କରିଥାନ୍ତି- 'ବଡ଼ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ,... ବାଇଶି ପାହାଚେ ଗଡ଼ଗଡ଼ଉ ଥାଅ।' ବିଶ୍ୱାସ ଅଛି, ଆଶ୍ୱିନ ଅମାବାସ୍ୟା ମହାଳୟା ତିଥିରେ ସମଗ୍ର ପିତୃପୁରୁଷ ତାଙ୍କ ବଂଶଧରମାନଙ୍କଠାରୁ 'ତିଳ ଓ ତଣ୍ଡୁଳ' ପାଇବା ଆଶାରେ ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି। ମର୍ତ୍ତ୍ୟରେ ଉକ୍ତ ଦିନ ସେମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଲାଭ କରି ବଂଶଧରମାନଙ୍କୁ ସେମାନେ ଆଶୀର୍ବାଦ ପ୍ରଦାନ କରନ୍ତି, ମାତ୍ର ଫେରି ନ ଯାଇ ମର୍ତ୍ତ୍ୟଲୋକର ଆକର୍ଷଣରେ ଏକ ମାସ ଧରି ରହି ଯାଆନ୍ତି। ଦୀପାବଳି ଅମାବାସ୍ୟା ଦିନ ସେଇଥିପାଇଁ ସେମାନଙ୍କୁ ଦୀପାଲୋକ ଦେଖାଯାଏ ଏବଂ କାଉଁରିଆ ଜାଳି ଉପରକୁ ଦେଖେଇ କୁହାଯାଏ, 'ଅନ୍ଧାରରେ ଆସି ଆଲୁଅରେ ଯାଅ।'

ପୁରାଣ ବର୍ଣ୍ଣନା ଅନୁଯାୟୀ, ମହାଭାରତ ଯୁଦ୍ଧରେ ନିହତ ହୋଇ ମହାଦାନୀ କର୍ଣ୍ଣ ସ୍ୱର୍ଗଲୋକକୁ ଗମନ କରିଥିଲେ। ମାତ୍ର ସେଠାରେ ସେ କ୍ଷୁଧାର୍ତ୍ତ ହୋଇ ଖାଦ୍ୟ ମାଗିବାରୁ ତାଙ୍କୁ ଖାଦ୍ୟ ବଦଳରେ ସ୍ୱର୍ଣ୍ଣ ଦିଆଗଲା। ଏହାର କାରଣ ସ୍ୱରୂପ ତାଙ୍କୁ କୁହାଗଲା ଯେ ମର୍ତ୍ତ୍ୟଲୋକରେ ସେ ବହୁ ସ୍ୱର୍ଣ୍ଣଦାନ କରିଛନ୍ତି। ମାତ୍ର 'ଅନ୍ନଦାନ' କରି ନାହାନ୍ତି। ଅନ୍ନ ପାଇବା ପାଇଁ ମର୍ତ୍ତ୍ୟଲୋକକୁ ଫେରି କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ କରିବାକୁ ପଡ଼ିବ। ସର୍ତ୍ତ ଅନୁଯାୟୀ, ମହାଦାନୀ କର୍ଣ୍ଣ ମହାଳୟା ଅମାବାସ୍ୟା ଦିନ ମର୍ତ୍ତ୍ୟଲୋକକୁ ଆସି ଏଠାରେ ଏକ ମାସ ଅବସ୍ଥାନ କରି ଅନ୍ନଦାନ କରିଥିଲେ ଓ ଦୀପାବଳି ଅମାବାସ୍ୟା ଦିନ ସ୍ୱର୍ଗଲୋକକୁ ଫେରି ଯାଇଥିଲେ। ସେହି ସ୍ମୃତିରେ ବଡ଼ବଡୁଆ ଡାକ ଓ ଦୀପାବଳି ଉତ୍ସବ ପାଳନ କରାଯାଇଥାଏ।

ରାମାୟଣ ବର୍ଣ୍ଣନା ଅନୁଯାୟୀ, ପ୍ରଭୁ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଶେଷରେ ଦୁରାଚାରୀ ରାବଣ କବଳରୁ ସତୀ ସୀତାଙ୍କୁ ଉଦ୍ଧାର କରି ଏହି ଦିନ ଅଯୋଧ୍ୟା ନଗରୀରେ ପହଞ୍ଚିଥିଲେ। ସମସ୍ତ ନଗରବାସୀ ଖୁସିରେ ଆତ୍ମହରା ହୋଇ ଉତ୍ସବ ପାଳନ କରିଥିଲେ ଓ ପ୍ରତି ଘରର ଦାଣ୍ଡ ଦୁଆରେ ଦୀପ ଜାଳି, ବାଣ ଫୁଟାଇ ପ୍ରଭୁ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ଦିନ ମହାଦାନୀ 'ବଳୀ ରାଜା ଉତ୍ସବ' ପାଳିତ ହୋଇଥାଏ। ବଳୀଠାରୁ ଦାନ ନେଇ ତାକୁ ପାତାଳରେ ସ୍ଥାପନା କରିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ବର ଦେଇଥିଲେ ଯେ ବଳୀ ରାଜା ଧରାପୃଷ୍ଠରେ ଥିବା ତାଙ୍କର ପ୍ରଜାମାନଙ୍କୁ ବର୍ଷକେ ଥରେ କାର୍ତ୍ତିକ ଅମାବାସ୍ୟା ଦିନ ଭେଟି ପାରିବେ। ସେହି ଖୁସିରେ ପୃଥିବୀବାସୀ ଦୀପ ଜାଳି ଓ ବାଣ ଫୁଟେଇ ତାଙ୍କୁ ସ୍ୱାଗତ କରନ୍ତି। ମହାଭାରତ ମହାପୁରାଣ ଅନୁସାରେ, ଏହି ଦିନ ଭଗବାନ ଶ୍ରୀକୃଷ୍ଣ ନରକାସୁରକୁ ବଧ କରି ତା'ର ବନ୍ଦୀଶାଳାରୁ ଷୋଳ ହଜାର ରାଜକନ୍ୟାଙ୍କୁ ଉଦ୍ଧାର କରିଥିବାରୁ ଦ୍ୱାରକାବାସୀ ସେମାନଙ୍କୁ ପ୍ରଦୀପ ମାଳାରେ ଅଭିନନ୍ଦିତ କରିଥିଲେ।



ସିଂହଦ୍ୱାର ଠାରେ କାଉଁରିଆ ଜାଳି ବଡବଡୁଆ ଡାକ

ଦିଗ୍‌ବିଜୟୀ ପ୍ରଜାବତ୍ସଳ ରାଜା ବିକ୍ରମାଦିତ୍ୟଙ୍କର ବିଜୟୋତ୍ସବ ଉପଲକ୍ଷେ ମଧ୍ୟ ଏହି ପର୍ବ ପାଳନ କରାଯାଇଥାଏ। ଦୀପାବଳି ଦିନ ଦେବୀ ଲକ୍ଷ୍ମୀ ସମୁଦ୍ର ମନ୍ଥନରୁ ଆବିର୍ଭୂତା ହୋଇଥିଲେ ଏବଂ ଏହି ଦିନ ଭଗବାନ ବିଷ୍ଣୁ ନୃସିଂହ ଅବତାର ଧାରଣ କରି ହିରଣ୍ୟକଶିପୁକୁ ବଧ କରିଥିଲେ। କେତେକଙ୍କ ମତରେ, ଦୀପାବଳି କେବଳ ଏକ ଦିନର ଉତ୍ସବ ନୁହେଁ, ବରଂ ପୂର୍ବାପର ଦିନ ମିଶାଇ ଏହା ଏକ ସପ୍ତାହର ପର୍ବ। କୁହାଯାଏ, ଏହି ଦିନ ବ୍ରତ ରଖିଲେ ମନୁଷ୍ୟର ଧନ, ସ୍ୱାସ୍ଥ୍ୟ, ଯଶ ଓ ଆୟୁଷ ବୃଦ୍ଧି ପାଇଥାଏ। ପୌରାଣିକ ମତରେ, ପୂର୍ବ କାଳରେ ଦେବତା ଓ ରାକ୍ଷସମାନେ ମିଶି ସମୁଦ୍ର ମନ୍ଥନ କଲା ବେଳେ ରାଜବୈଦ୍ୟ ଧନ୍ୱନ୍ତରୀ ହାତରେ 'ଅମୃତ କଳସ' ଧରି ପ୍ରକଟ ହୋଇଥିଲେ, ଯାହାକୁ ହାସଲ କରିବା ପାଇଁ ସେମାନଙ୍କ ମଧ୍ୟରେ କଳି ଲାଗି ଯାଇଥିଲା। ଏହି ସପ୍ତାହରେ ଧନ୍ୱନ୍ତରୀଙ୍କ ସହିତ କୁବେର ଓ ଯମ ଦେବତାଙ୍କର ମଧ୍ୟ ପୂଜା କରାଯାଇଥାଏ।

ପଶ୍ଚିମ ଭାରତର ଯେଉଁସବୁ ଅଞ୍ଚଳରେ ଦୀପାବଳି ଅମାବାସ୍ୟା ଦିନ କାଳୀ ପୂଜା ପରିବର୍ତ୍ତେ ଲକ୍ଷ୍ମୀ ପୂଜା କରାଯାଏ, ସେସବୁ ଅଞ୍ଚଳରେ ଏହି ପୂଜାକୁ 'ଧନତେରସ' କୁହାଯାଏ। ବିଶ୍ୱାସ କରାଯାଏ, ଦୀପାବଳି ସପ୍ତାହରେ ସୁନା ସଂଗ୍ରହ କଲେ ବା କିଣିଲେ ସାରା ବର୍ଷ ସେ ଘରକୁ ସୁନାର ସ୍ରୋତ ଆସିବାରେ ଲାଗିଥାଏ। ଏହି ଦିନ ସିଦ୍ଧିଦାତା ଗଣେଶ, ଐଶ୍ୱର୍ଯ୍ୟମୟୀ ଲକ୍ଷ୍ମୀ ଓ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କର ପୂଜାର୍ଚ୍ଚନା କଲେ ଅଭୀଷ୍ଟ ପୂରଣ ହୋଇଥାଏ ବୋଲି ବିଶ୍ୱାସ। ଏହି ସପ୍ତାହର ଦ୍ୱିତୀୟା ଦିନ ଯମ ଦ୍ୱିତୀୟା ଓ ଭ୍ରାତୃ ଦ୍ୱିତୀୟା ରୂପେ ପାଳନ କରାଯାଇଥାଏ। କଥିତ ଅଛି, ଦ୍ୱିତୀୟା ଦିନ ଯମରାଜା ତାଙ୍କ ଭଉଣୀ 'ଯମୁନା'ଙ୍କ ଘରକୁ ଯାଇଥିଲେ। ଯମୁନା ଖୁସିରେ ନିଜ ହାତରେ ରୋଷେଇ କରି ଯମରାଜାଙ୍କୁ ଖୁଆଇଥିଲେ। ଏଥିରେ ଅତ୍ୟନ୍ତ ପ୍ରୀତ ହୋଇ ଯମରାଜା ଆଶୀର୍ବାଦ କରିଥିଲେ, 'ଆଜି ଦିନରେ ଯିଏ ନିଜ ଭଉଣୀ ଘରକୁ ଆସି ଭୋଜନ କରିବ, ସେ ମୃତ୍ୟୁ ଯନ୍ତ୍ରଣା ଭୋଗିବ ନାହିଁ।' ଭଗବାନ ବାମନ ମଧ୍ୟ ବଳୀ ରାଜାଙ୍କୁ ବରଦାନ କରି କହିଥିଲେ, ଦୀପାବଳି ଦିନ ଯେଉଁମାନେ ଯମ ରାଜାଙ୍କ ଉଦ୍ଦେଶ୍ୟରେ 'ଦୀପଦାନ' କରିବେ, ସେମାନେ ଯମ ଯନ୍ତ୍ରଣା ଭୋଗିବେ ନାହିଁ ଏବଂ ଲକ୍ଷ୍ମୀଙ୍କ ଆଶୀର୍ବାଦ ଲାଭ କରିବେ।

ପୁରୀ, ମୋ: ୮୦୧୮୮୭୫୩୩୫

# କଲ୍ୟାଣମୟୀ ଭଦ୍ରକାଳୀ

ଭଦ୍ରକ ସହର ଉପକଣ୍ଠରେ ମା' ଭଦ୍ରକାଳୀ ଦେବୀଙ୍କର ମନ୍ଦିର ଅଧିଷ୍ଠିତ। ଓଡ଼ିଶାର ଅତି ପ୍ରାଚୀନ ଶାକ୍ତ ମନ୍ଦିରଗୁଡ଼ିକ ମଧ୍ୟରୁ ଅନ୍ୟତମ ଏହି ମନ୍ଦିରର ପ୍ରାଚୀନ ଇତିହାସ ରହିଛି। ମା' ଭଦ୍ରକାଳୀ ଦେବୀଙ୍କ ନାମ ଅନୁସାରେ ଭଦ୍ରକ ଜିଲ୍ଲାର ନାମ ହୋଇଛି ବୋଲି ଜନଶ୍ରୁତି ରହିଛି। କୃଷ୍ଣବର୍ଣ୍ଣା, ଚତୁର୍ଭୁଜା ମା' ଭଦ୍ରକାଳୀ ସିଂହ ପୃଷ୍ଠରେ ପଦ୍ମାସନରେ ବିରାଜିତ ଅଛନ୍ତି। ଦେବୀଙ୍କ ମୂର୍ତ୍ତି ମୁଗୁନି ପଥରରେ



**ସୁଦେଷ୍ଣୁ କୁମାର ବଳ**

ନିର୍ମିତ। ଉପର ଦୁଇ ଭୁଜ ମଧ୍ୟରୁ ଦକ୍ଷିଣ ଭୁଜରେ ଖଡ୍‌ଗ ଓ ବାମ ଭୁଜରେ ଖର୍ପର ଧାରଣ କରିଛନ୍ତି ଏବଂ ତଳ ଭୁଜ ଦୁଇଟି ମଧ୍ୟରୁ ଦକ୍ଷିଣ ଭୁଜରେ କରମାଳା ଓ ବାମ ଭୁଜରେ ଶିଶୁ କୃଷ୍ଣଙ୍କୁ କୋଳରେ ଧରିଛନ୍ତି। ଏହା ଏକମାତ୍ର ଶକ୍ତିପୀଠ, ଯେଉଁଠି ମା' କାଳୀ ଶ୍ରୀକୃଷ୍ଣଙ୍କୁ କୋଳରେ ଧରିଛନ୍ତି। ତେବେ ସିଂହ ପୃଷ୍ଠରେ ବିରାଜିତ ରହି କୋଳରେ ଶିଶୁ କୃଷ୍ଣଙ୍କୁ ଧରିଥିବାରୁ ଏହାକୁ ଦୁର୍ଗାମାଧବ ପୀଠ ବୋଲି ମଧ୍ୟ କୁହାଯାଏ।

ଏକ ପୌରାଣିକ କଥାବସ୍ତୁ ଅନୁସାରେ ଭଦ୍ରକାଳୀଙ୍କର ମୂଳ ମନ୍ଦିର ସାଳନ୍ଦୀ ନଦୀର ଉତ୍ପତ୍ତି ସ୍ଥଳ ଶିମିଳିପାଳର ମେଘାସନ ପର୍ବତରେ ଥିଲା। ମେଘାସନ ପର୍ବତର ଏକ ଗୁମ୍ଫାରେ ତାପସ ଋଷି ନାମକ ଜଣେ ତପସ୍ୱୀ ଭଦ୍ରକାଳୀଙ୍କ ମୂର୍ତ୍ତି ପ୍ରତିଷ୍ଠା କରି ସେଠାରେ ଉପାସନା କରୁଥିଲେ। ଏକଦା ଧ୍ୟାନ କଲାବେଳେ ସେ ଲକ୍ଷ୍ୟ କଲେ ଦେବୀଙ୍କ ବାମ ସ୍ତନରୁ କ୍ଷୀର ପ୍ରସବି ନିକଟସ୍ଥ ଝରଣାରେ ମିଶୁଛି। ଉକ୍ତ କ୍ଷୀର ପାନ କରି ତାପସ ଋଷି ମୂର୍ଚ୍ଛା ଯାଇଥିଲେ ଓ କିଛି ସମୟ ପରେ ତାଙ୍କ ଦେହାନ୍ତ ହେଲା। ତାଙ୍କ ଶିଷ୍ୟ ଭଦ୍ରନାଥଙ୍କୁ ଶୂନ୍ୟବାଣୀ ହୋଇଥିଲା ଯେ ଗୁରୁଙ୍କ ଶବକୁ ନଦୀରେ ଭସାଇ ଦେଇ ଦେବୀଙ୍କ ନୂପୁର ଶବ୍ଦକୁ ପାଥେୟ କରି ନଦୀର ଧାରେ ଧାରେ ଆଗେଇ ଚାଲିବା ପାଇଁ। ବହୁ ଦୂର ଅତିକ୍ରମ କରିବା ପରେ ଦେବୀଙ୍କ ପାଦ ଶବ୍ଦ ଆଉ ଶୁଭି ନଥିଲା। ଶୂନ୍ୟବାଣୀ ହୋଇଥିଲା ଯେ ଦେବୀ ସେହିଠାରେ ହିଁ ଅବସ୍ଥାନ କରିବେ। ଭଦ୍ରନାଥ ସେହି ସ୍ଥାନରେ ଏକ କୁଡ଼ିଆ ଘର ନିର୍ମାଣ କରି ଦେବୀଙ୍କୁ ଆରାଧନା କଲେ। ଏକଦା ମହାରାଷ୍ଟ୍ରର ଚୌହାନ ବଂଶୀୟ ଦୁଇ ଜଣ ଭାଇ ଶ୍ରୀକ୍ଷେତ୍ରକୁ ଯାଉଥିବା ବେଳେ ସାନଭାଇଙ୍କ ଦେହ ଏହି ସ୍ଥାନରେ ଭୀଷଣ ଖରାପ ହେଲା। ବଡ଼ଭାଇ ସାନଭାଇଙ୍କୁ ସେହି ସ୍ଥାନରେ ଆଶ୍ରୟ ଦେଇ ଶ୍ରୀକ୍ଷେତ୍ରକୁ ଗମନ କଲେ। କାଳକ୍ରମେ ସାନଭାଇ ଜଣକ ଭଦ୍ରନାଥଙ୍କ ପାଳିତ କନ୍ୟାଙ୍କୁ ବିବାହ କରି ଦେବୀଙ୍କୁ ପୂଜା ଆରାଧନା କଲେ। ଦେବୀ ସେହି ଯୁବକଙ୍କ ଉପାସନାରେ ପ୍ରୀତ ହୋଇ ଶୂନ୍ୟବାଣୀ କଲେ, ମୋ ଖଣ୍ଡା ଧରି ରାତି ସୁଦ୍ଧା ଯେତେ ଅଞ୍ଚଳ ଯିବ, ସେ ସମସ୍ତ ଅଞ୍ଚଳର ଅଧୀଶ୍ୱର ହେବ। ଯୁବକ ଜଣକ ଖଣ୍ଡା ନେଇ ଯାଉଥିବା ବେଳେ ଏକ ସ୍ଥାନରେ ଦେବୀଙ୍କ ଶୂନ୍ୟବାଣୀ ହେଲା- ତୁମେ ଏଠାରେ ଏକ ପ୍ରାସାଦ ନିର୍ମାଣ କରିବ। ଯୁବକ ଜଣକ ସେଠାରେ ବୁଲି ପଡ଼ିବାରୁ ଉକ୍ତ ସ୍ଥାନରେ ଦେବୀଙ୍କର ପ୍ରସ୍ତର ମୂର୍ତ୍ତି ଥିବାର ଦେଖିଲେ। ସେହିଠାରେ ପର ଅବସ୍ଥାରେ ସେ ପ୍ରାସାଦ ନିର୍ମାଣ କରିଥିଲେ। ସେହି ସ୍ଥାନର ନାମ ଭୂୟାଁ ମହଲ। ଚୌହାନ ବଂଶର ସେହି ସାନଭାଇ ଭୂୟାଁ ବଂଶର ଆଦିପୁରୁଷ। ୧୬ଶ ଶତାବ୍ଦୀର ଶେଷ ଆଡ଼କୁ କଳାପାହାଡ଼ର ଆକ୍ରମଣ ଭୟରେ ଭୂୟାଁ ବଂଶର ସେ ସମୟର ପୂଜକ ଭଦ୍ରକାଳୀଙ୍କ ମୂର୍ତ୍ତିକୁ ଭୂୟାଁ ମହଲରୁ ସ୍ଥାନାନ୍ତର କରି ସାଳନ୍ଦୀ ନଦୀର ଏକ ଗଣ୍ଡରେ ଲୁଚାଇ ରଖିଥିଲେ। ଆତଙ୍ଗ ପୃଷ୍ଟି ନାମକ



ଜନୈକ ଗ୍ରାମବାସୀଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ଉକ୍ତ ନଦୀ କୂଳରେ ଏକ କାଠର ମନ୍ଦିର ନିର୍ମାଣ କଲେ ଓ ଦେବୀଙ୍କ ମୂର୍ତ୍ତିକୁ ଜଳରୁ ଉଦ୍ଧାର କରି ପୂଜା କଲେ। ଉକ୍ତ ସ୍ଥାନ ଭଦ୍ରକାଳୀ ସାହି ଗ୍ରାମ ଭାବେ ପରିଚିତ ଲାଭ କଲା। ୧୯୫୨ ମସିହାରେ ନାରାୟଣଚନ୍ଦ୍ର ହାଇସ୍କୁଲର ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ଉଦ୍ୟମରୁ ଏଠାରେ ଏକ ପକ୍କା ମନ୍ଦିର ନିର୍ମାଣ କରାଯାଇଥିଲା। ଅଧ୍ୟାପକ ଡକ୍ଟର ବାଇଧର ସାହୁଙ୍କ ଦ୍ୱାରା ରଚିତ 'ବୈଚିତ୍ର୍ୟମୟୀ ଭଦ୍ରକାଳୀ'ରେ ଏ ବିଷୟରେ ଉପସ୍ଥାପନା ରହିଛି।

ବର୍ତ୍ତମାନର ଭଦ୍ରକାଳୀ ମନ୍ଦିର ନିକଟସ୍ଥ ପୁଷ୍କରିଣୀରୁ ଉଦ୍ଧାର କରାଯାଇଥିବା ଶିଳାଲେଖରୁ ଦେବୀଙ୍କ ଐତିହାସିକ ପୃଷ୍ଠଭୂମି ବିଷୟରେ ଜଣାଯାଇପାରେ। ଏହି ଶିଳାଲେଖଟିରେ ୩ୟ ଶତାବ୍ଦୀରେ ଖୋଦିତ ହୋଇଥିବା ବେଳେ ଏଥିରେ ବ୍ରାହ୍ମୀ ଲିପିରେ ପାଲି ଭାଷାରେ ଉଲ୍ଲେଖ ରହିଛି। ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ରଚିତ ଓଡ଼ିଆ ଇତିହାସରେ ଭଦ୍ରକାଳୀଙ୍କ ପୂଜା ଭୂୟାଁ ମହଲରେ ଗୁପ୍ତ ଯୁଗରୁ ହୋଇ ଆସୁଥିବା କଥା ଉଲ୍ଲେଖ କରିଛନ୍ତି।

ମା' ଭଦ୍ରକାଳୀ ଦେବୀଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି, ରଜ ପର୍ବ, ଦୁର୍ଗାପୂଜା, କାଳୀପୂଜା ଓ ଚୈତ୍ର ପୂର୍ଣ୍ଣିମା ଆଦି ତିଥିମାନଙ୍କରେ ଉତ୍ସବ ପାଳନ କରାଯାଇଥାଏ। କାଳୀପୂଜା ସମୟରେ ଭଦ୍ରକାଳୀ ମନ୍ଦିରରେ ସାତ ଦିନ ଧରି ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ଏହି ଯଜ୍ଞର ପ୍ରାରମ୍ଭ ଦିବସରେ ଘଟ ସ୍ଥାପନା କରିବା ସହ ଆହାରପଦା ନଦୀ ଘାଟଠାରୁ ଭଦ୍ରକାଳୀ ମନ୍ଦିର ପର୍ଯ୍ୟନ୍ତ ମାସିକ କଳସ ଶୋଭାଯାତ୍ରା କରାଯାଇଥାଏ। ସପ୍ତ ଦିବସ ବ୍ୟାପି ପୀଠରେ ସପ୍ତସତୀ ଚଣ୍ଡୀପାଠ, ଗୀତାଯଜ୍ଞ, ବେଦ ପାଠ, ନାମ ସଂକୀର୍ତ୍ତନ ଓ ପ୍ରବଚନର ଏକ ନିଆରା ଆଧ୍ୟାତ୍ମିକ ପରିବେଶ ଲାଗି ରହିଥାଏ। ଏହି ସାତ ଦିନରେ ମାଆ ଭଦ୍ରକାଳୀଙ୍କର ସପ୍ତମାତୃକା ବେଶ ଅନୁଷ୍ଠିତ ହୁଏ। ଏହି ସପ୍ତମାତୃକା ବେଶଗୁଡ଼ିକ ହେଲା ବେଦମାତା ବେଶ, ମହାକାଳୀ ବେଶ, ରାଜରାଜେଶ୍ୱରୀ ବେଶ, ସିଂହବାହିନୀ ବେଶ, ଜଗଦ୍ଧାତ୍ରୀ ବେଶ, ମହାସରସ୍ୱତୀ ବେଶ, ମହାଲକ୍ଷ୍ମୀ ବେଶ।

କାଳୀଙ୍କର ଶୁଭ ଓ ସୌଭାଗ୍ୟ ପ୍ରଦାୟିନୀ ପ୍ରତୀକାତ୍ମକ ରୂପ ଭାବେ ମା' ଭଦ୍ରକାଳୀଙ୍କ ଉପାସନା କରାଯାଏ। ଭଦ୍ରକାଳୀ ହେଉଛନ୍ତି ରୁଦ୍ରଙ୍କର ସହଚରୀ। ମହାଭାରତ, ମାର୍କଣ୍ଡେୟ ପୁରାଣ, ପଦ୍ମ ପୁରାଣ, ବିଷ୍ଣୁ ପୁରାଣ, ସପ୍ତଶତୀ ଚଣ୍ଡୀ, ହରିବଂଶ, ଶ୍ରୀମଦ୍ ଭାଗବତ ଓ ଶ୍ରୀକୃଷ୍ଣ ତତ୍ତ୍ୱ ପ୍ରସଙ୍ଗ ଇତ୍ୟାଦି ପ୍ରାଚୀନ ଗ୍ରନ୍ଥମାନଙ୍କରେ ମା' ଭଦ୍ରକାଳୀଙ୍କ ବର୍ଣ୍ଣନା ରହିଛି। 'ଜୟନ୍ତୀ ମଙ୍ଗଳା କାଳୀ ଭଦ୍ରକାଳୀ କପାଳିନୀ/ ଦୁର୍ଗା କ୍ଷମା ଶିବାଧାତ୍ରୀ ସ୍ୱାହା ସ୍ୱଧା ନମୋସ୍ତୁତେ।'

ଭଦ୍ରକ, ମୋ: ୯୪୩୭୮୩୯୦୪୧

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଜହ୍ନିକୁଦା ଗ୍ରାମରେ ନୂତନ କର୍ମକର୍ତ୍ତା

**କୃଷ୍ଣପ୍ରସାଦ,୩୦।୧୦/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନୂଆପଡ଼ା ପଞ୍ଚାୟତର ଚିଲିକା ତଟଦେଶରେ ଅବସ୍ଥିତ ଜହ୍ନିକୁଦା ଗ୍ରାମର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଗ୍ରାମର ପୂର୍ବତନ ସଭାପତି ଶରତ ଚନ୍ଦ୍ର ପଲେଇଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସର୍ବସମ୍ମତି କ୍ରମେ ଯୁବ ଶିକ୍ଷାବିତ ଗଣେଶ ତରେଇଙ୍କୁ ସଭାପତି ଏବଂ ସମ୍ପାଦକ ଭାବେ ସୀମାଞ୍ଚଳ ପଲେଇଙ୍କୁ ମନୋନୀତ କରାଯାଇଥିଲା । ଏହି ବୈଠକରେ ସର୍ବଶ୍ରୀ ରଘୁନାଥ ବଡ୍ଡୁ, ରବୀନ୍ଦ୍ରନାଥ ତରେଇ, ଦୀପକ ପରିଡ଼ା, ରାଜକିଶୋର ପଲେଇ, ଶ୍ୟାମସୁନ୍ଦର ତରେଇ, ରାଜ ପରିଡ଼ା, ଗୋବର୍ଦ୍ଧନ ତରେଇଙ୍କ ସମେତ ୧୮୦ ପରିବାରର ସଦସ୍ୟ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାରୁ

### ବିକଶିତ ଓଡ଼ିଶାର...

ମନ୍ତ୍ରୀଗଣ ମଧ୍ୟ ସମାଜର ସବୁ ବର୍ଗର ଜନସାଧାରଣଙ୍କ ସହ ଆଲୋଚନା କରି ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲୋକଙ୍କ ବିଚାର ଓ ପ୍ରସ୍ତାବ ଉପରେ ଅନୁଶୀଳନ କରି ଗ୍ରହଣ କରିବେ । ଆମେ ସମସ୍ତେ ମିଳିମିଶି ଏପରି ଏକ ଓଡ଼ିଶା ଗଠନ କରିବୁ, ଯାହା ଅର୍ଥନୈତିକ ଭାବେ ସମୃଦ୍ଧ ହେବ । ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବ । ମାନବ ବିକାଶ ସୂଚକାଙ୍କରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଅର୍ଜନ କରିବ । ଆମ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଲୋକଙ୍କ ଇଚ୍ଛା ପ୍ରତିଫଳିତ ହେଉଛି ଏବଂ ହୋଇଚାଲିବ । ୨୦୩୬ ଓ ୨୦୪୭ର ଓଡ଼ିଶା, ଲୋକମାନଙ୍କ ଇଚ୍ଛା ଓ ସ୍ୱପ୍ନର ଏକ ପ୍ରତିଫଳନ ହେବ ବୋଲି ସେ କହିଛନ୍ତି । ଏହି ଭିଜନ ଡକୁମେଣ୍ଟ ପ୍ରସ୍ତୁତି ପାଇଁ ସମାଜର ବିଶିଷ୍ଟ ନାଗରିକ, ବିଭିନ୍ନ ନାଗରିକ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ପ୍ରବାସୀ ଓଡ଼ିଆ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କ ସମେତ ସାଧାରଣ ଜନତା ମତାମତ ଦେଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ଏବଂ ୬ଟି ସଚିବସ୍ତରୀୟ କମିଟି ଗଠନ କରାଯାଇଛି । ୨୦୪୭ ମସିହାରେ ଭାରତ ବର୍ଷ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପାଳନ କରିବ । ଏହା ପୂର୍ବରୁ ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ କରିବ । ତେଣୁ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ସଙ୍ଗେ ସଙ୍ଗେ ୨୦୪୭ରେ ବିକଶିତ ଭାରତ ଗଠନ ପାଇଁ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରେ ଭାରତ ବର୍ଷ ବିକଶିତ ଭାରତ ହେବା ଲକ୍ଷ୍ୟରେ ଅଗ୍ରସର ହେଉଛି । ପ୍ରଧାନମନ୍ତ୍ରୀଙ୍କ ଦୃଢ ପଦକ୍ଷେପ ସ୍ୱରୂପ ଦେଶ ଆଜି ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହୋଇପାରିଛି । ଖୁବ୍‌ଶୀଘ୍ର, ଏହା ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିର ମାନ୍ୟତା ହାସଲ କରିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ, ବିଶ୍ୱଗୁରୁ ହେବାର ରାସ୍ତାରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି । ୨୦୩୬ ସୁଦ୍ଧା ଓଡ଼ିଶା ଏକ ୫୦୦ ବିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖାଯାଇଛି । ଏହା ସହିତ ୨୦୪୭ ସୁଦ୍ଧା ଆମେ ୧.୫ ଟ୍ରିଲିଅନ୍ ଅର୍ଥନୀତି ହେବାର ଲକ୍ଷ୍ୟ ମଧ୍ୟ ରଖିଛୁ । ପ୍ରଧାନମନ୍ତ୍ରୀଙ୍କର ହୃଦୟରେ ଓଡିଶା ପ୍ରତି ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ପ୍ରଧାନମନ୍ତ୍ରୀ ଅନେକ ଥର କହିଛନ୍ତି ଯେ ବିକଶିତ ଭାରତରେ ଓଡ଼ିଶା ଏକ ପ୍ରକୃଷ୍ଟ କ୍ଷେତ୍ର ହେବ । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ପରିକଳ୍ପନାରେ ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ତେଣୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିକାଶର ଗତି ତ୍ୱରାନ୍ୱିତ ହେବ । ଓଡ଼ିଶା ସବୁ କ୍ଷେତ୍ରରେ ଅଗ୍ରଗତି କରି ଦେଶର ଏକ ପ୍ରମୁଖ ରାଜ୍ୟ ହେବ । ଆମ ସରକାର ଖୁବ୍ ଅଳ୍ପ ଦିନ ମଧ୍ୟରେ ଲୋକଙ୍କ ସରକାର ଭାବେ ସୁନାମ ଅର୍ଜନ କରିଛି । ସାଧାରଣ ଲୋକଙ୍କୁ ଭେଟି, ସେମାନଙ୍କ ସୁଖ ଦୁଃଖ ଶୁଣିବା, ସମାଧାନର ଭରସା ଦେବା, ଆମ ସରକାରଙ୍କ ଆଭିମୁଖ୍ୟର ମୂଳମନ୍ତ୍ର । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମାନେ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆମର ଶାସନ ଓ ପ୍ରଶାସନରେ ଏହି ଗଣତାନ୍ତ୍ରିକ ପରମ୍ପରାକୁ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲୁଥିବା ଆମ ସରକାର ଲୋକଙ୍କ ସରକାର ଭାବରେ ପରିଚୟ ହାସଲ କରିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତର ରୂପରେଖକୁ ଆମେ ପ୍ରତିଦିନ ଅନୁଭବ କରୁଛୁ । ଲୋକଙ୍କ ସରକାର ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲୋକଙ୍କୁ ଅଂଶୀଦାର କରି ଆଗକୁ ବଢିବ । ତେଣୁ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯେଉଁ ଭିଜନ ଡକୁମେଣ୍ଟ ପ୍ରସ୍ତୁତ ହେବ ସେଥିରେ ସବୁ ବର୍ଗର ଲୋକଙ୍କ ମତାମତ ପ୍ରତିଫଳିତ ହେବ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ନୀତି ଆୟୋଗର ସହଯୋଗରେ ଓଡ଼ିଶା ସରକାର ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ସାଧାରଣ ଲୋକଙ୍କ ଠାରୁ ମତାମତ ସଂଗ୍ରହ କରାଯିବ । ମତାମତକୁ ଅନୁଶୀଳନ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ଉତ୍କୃଷ୍ଟ ମତାମତ ଆଧାରରେ ଏହି ଡକୁମେଣ୍ଟ ପ୍ରସ୍ତୁତ କରାଯିବ । କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ, ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ସରୋଜିନୀ ସାହୁଙ୍କୁ...

କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂଙ୍କୁ ଅଢ଼େଇଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ପ୍ରଦାନ କରାଯାଇଛି । ଉତ୍ସବରେ ଅଧ୍ୟକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ଶ୍ରୀମତୀ ପାରମିତା ପଣ୍ଡା କହିଥିଲେ ଯେ ଜଣେ ଯୋଗ୍ୟ ଲେଖକ କିମ୍ବା କଳାକାର ଅର୍ଥାଭାବ ଯୋଗୁଁ ସୃଜନଶୀଳତାଠାରୁ ଦୂରେଇ ନଯାଆନ୍ତୁ, ଏହା ହିଁ ଏହି ପୁରସ୍କାର ପ୍ରଦାନର ନିହିତ ଉଦ୍ଦେଶ୍ୟ । ତ୍ରି-ସ୍ତରୀୟ ବିଚାର ପ୍ରକ୍ରିୟାରେ 'ପ୍ରାଥମିକ ସୁପାରିସ' ହିଁ ଏହି ମର୍ଯ୍ୟାଦାଜନକ ପୁରସ୍କାରର ମୂଳଦୁଆ । ସୁପାରିସ ଯେତେ ଅଧିକ ପରିମାଣରେ ହେବ, ଏହି ପୁରସ୍କାରର ପରିସର ସେତେ ବ୍ୟାପକ ଓ ସ୍ୱଚ୍ଛ ହେବ । ଏହି ଅବସରରେ ମୁଖ୍ୟଅତିଥି ଦେବଦାସ ଛୋଟରାୟ କହିଥିଲେ ଯେ ୨୦୦୦ ମସିହାରେ ମୋର ପିତା ନାଟ୍ୟକାର ଗୋପାଳ ଛୋଟରାୟ ଶାରଳା ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ବି ସମ୍ମାନ ଗ୍ରହଣ ପାଇଁ ଆସିପାରି ନଥିଲେ । ଉଦ୍ୟୋକ୍ତା ଇଲା ଓ ବଂଶୀଧର ପଣ୍ଡା ପୁରସ୍କାର ଆଣି ଘରେ ବାପାଙ୍କୁ ପ୍ରଦାନ କରିଥିଲେ । ଏପରି ମହାନତା କ୍ୱଚିତ ପୁରସ୍କାର ପ୍ରବର୍ତ୍ତକଙ୍କଠାରେ ଦେଖିବାକୁ ମିଳେ । ପୃଥିବୀର ଅଧିକାଂଶ ଗଳ୍ପପଢୁଥିବା ମଣିଷ ଗଳ୍ପର ବାହାରେ ଥାଆନ୍ତି । କେବଳ ଗାଳ୍ପିକ ହିଁ ଏକମାତ୍ର ଯିଏ ଗଳ୍ପ ରଚନା କରୁକରୁ ନିଜେ ବନିଯାଏ ତା'ର ମୋହରା । ଡ. ସରୋଜିନୀ ସାହୁ କହିଥିଲେ ଯେ ଶାରଳା ପୁରସ୍କାର ଘୋଷଣା ପରେ ମୁଁ ଯେମିତ ଯୋଡି ହେଇଗଲି ବାକି ତମାମ୍ ଦୁନିଆ ସହ । ମୋ ଶୈଶବ-କୈଶୋରର ବନ୍ଧୁ ଓ ସଂପର୍କୀୟମାନଙ୍କ ପାଇଁ ମୁଁ ପୁଣି ଥରେ ଜିଇଁ ଉଠିଲା ପରି ମନେହେଲା । ମୁଁ ଯେ ବଞ୍ଚିଛି ଯେ ପ୍ରକାର ହୃଦବୋଧ ହେଲା । ଏ ଏକ ଅଜବ ଜୀବନୀଶକ୍ତି । ଗଭୀର ନିଦ ଭିତରୁ ଯେ ଏକ ଅଦ୍ଭୁତ ଜାଗରଣ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲେଖକ ଓ ସାହିତ୍ୟପ୍ରେମୀମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

### ୩ ମହିଳାଙ୍କ...

ଗୋଷ୍ଠୀର ବୋଲି ଅବିନାଶ ବୋଲି ପୁଲିସ୍ ସମ୍ମୁଖରେ କହିଛନ୍ତି । ବର୍ତ୍ତମାନ ଦୁଇଟି ପୁଲିସ ଟିମ୍ ଆକ୍ରମଣକାରୀଙ୍କୁ ଧରିବା ପାଇଁ ବିଭିନ୍ନ ଅଞ୍ଚଳରେ ଚଢ଼ଉ ଜାରି ରଖିଛି । ଚାରି ପ୍ଲାଟୁନ ପୁଲିସ୍ ଫୋର୍ସ ଘଟଣାର ଛାନଭିନ କରୁଛି ।

### ୨୬ରୁ ବିଧାନସଭା...

ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪-୨୫ର ତିନି ମାସ ପାଇଁ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ବଜେଟ୍ ଉପରେ ଡିସେମ୍ବର ୨, ୩ ଓ ୪ରେ ତିନି ଦିନ ଧରି ଆଲୋଚନା ହେବ । ଏହା ପରେ ଡିସେମ୍ବର ୫ରେ ବିନିଯୋଗ ବିଲ ପାରିତ ହେବ । ବିଧାନସଭା ନିୟମାନୁସାରେ ବର୍ଷକୁ ୬୦ ଦିନ ଗୃହ ଚାଲିବା କଥା । ପୂର୍ବ ବିଜେଡି ସରକାର ଧାର୍ଯ୍ୟ ସମୟ ଠାରୁ କମ୍ ଦିନ ଗୃହ ଚଳାଉଥିବାରୁ ବିଜେପି ବାରମ୍ବାର ପ୍ରତିବାଦ କରିଥିଲା । ଏବେ କ୍ଷମତାକୁ ଆସିବା ପରେ ବିଜେପି ସରକାର ସାମ୍ବିଧାନିକ ନୀତି ନିୟମ ପାଳନ ଉପରେ ଗୁରୁତ୍ୱ ଦେଇଛି । ଅସ୍ଥାୟୀ କ୍ୟାଲେଣ୍ଡର ଅନୁଯାୟୀ ସରକାରୀ କାର୍ଯ୍ୟ ପାଇଁ ଅତି କମରେ ୨୦ ଦିନ ଏବଂ ବିଲ୍ ଓ ସଂକଳ୍ପକୁ ମିଶାଇ ବେସରକାରୀ ସଦସ୍ୟ ବ୍ୟବସାୟ ପାଇଁ ୫ ଦିନ ସମୟ ରହିଛି । ତେବେ ନଭେମ୍ବର ୨୬ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମସ୍ତ ରବିବାର ଗୃହ ବନ୍ଦ ରହିବ ଏବଂ ଡିସେମ୍ବର ୨୫ ରେ ଖ୍ରୀଷ୍ଟମାସ କାରଣରୁ ଗୃହ ଚାଲିବ ନାହିଁ ।

### ଦୀପାବଳି ପାଇଁ ...

ବାର୍ତ୍ତାରେ କହିଛନ୍ତି ଯେ, ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣ ଓ ଆପଣଙ୍କର ପରିବାକୁ ମୋର ଶୁଭକାମନା । ଦୀପାବଳି ଆପଣଙ୍କ ପରିବାରରେ ଆନନ୍ଦ ଓ ସମୃଦ୍ଧି ଭରିଦେଉ । ଏମତି ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଦୀପାବଳି ଅଭିନନ୍ଦନ ଦେଇଛନ୍ତି ।

# ବୌଦ୍ଧପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ଉଦ୍ୟମ ଆରମ୍ଭ

**ଖଣ୍ଡପଡ଼ା,୩୦।୧୦/ଏନ୍ଏନ୍ଏସ୍:** ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ହନୁମନ୍ତପ୍ରସାଦ ପୀଠ, ସଂଲଗ୍ନ ଝରଣା, ଖଣ୍ଡପଡ଼ା ବ୍ଲକର କୋସକା ପଞ୍ଚାୟତସ୍ଥିତ ନୟାଗଡ଼ ଜିଲ୍ଲାର ଏକମାତ୍ର ଯୋଗିଯୋଗିଆଣୀ ବୌଦ୍ଧପୀଠ ସମେତ ସିଂଘାପଡ଼ା ପଞ୍ଚାୟତ ଅଧୀନ ସାରଣ୍ଡା ଟାସେରାକୁ ପରିବେଶ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ନେଇ ନୟାଗଡ଼ ବନବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପ୍ରଚେଷ୍ଟାକ୍ରମେ ଭାପୁର ବ୍ଲକ ଅଧିନ କେନ୍ଦୁପଲ୍ଲୀ ପଞ୍ଚାୟତସ୍ଥିତ ହନୁମନ୍ତପ୍ରସାଦ ପୀଠ ଓ ସଂଲଗ୍ନ ପ୍ରାକୃତିକ ପରିବେଶରେ ଅବସ୍ଥିତ ଝରଣା ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବା ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ସେହିପରି ଯୋଗିଯୋଗିଆଣୀ ବୌଦ୍ଧପୀଠରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ନିମନ୍ତେ



ଆବାସ ନିର୍ମାଣ, ଝରଣାରେ ସ୍ନାନ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା କରାଯିବା ପାଇଁ ନିଷ୍ପତି ନିଆଯାଇଥିବା ଜଣାପଡିଛି । ଖଣ୍ଡପଡା ବ୍ଲକ ଅଧୀନ ସାରଣ୍ଡାଠାରେ ବଣଭୋଜି ସହ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ନିମନ୍ତେ ପର୍ଯ୍ୟଟକମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଇତି ମଧ୍ୟରେ ଖଣ୍ଡପଡ଼ା ବିଧାୟକଙ୍କ ସହ ନୟାଗଡ଼ ବନଖଣ୍ଡ ଅଧିକାରିଣୀ କ୍ଷମା ଷଡଙ୍ଗୀ, ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ସମେତ ବନବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଯାଇ ପର୍ଯ୍ୟଟନସ୍ଥଳୀ ଗୁଡିକର ସ୍ଥିତି ଅନୁଧ୍ୟାନ କରିଥିବା ଜଣାଯାଇଛି । ଖୁବଶିଘ୍ର ଉପରୋକ୍ତ ୩ଟି ସ୍ଥାନକୁ ପରିବେଶ ପର୍ଯ୍ୟଟନସ୍ଥଳୀ ବିକାଶ କରାଯିବ ବୋଲି ଖଣ୍ଡପଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି ।

# ସାକ୍ଷୀଗୋପାଳ କଲେଜରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ



**ସାକ୍ଷୀଗୋପାଳ,୩୦।୧୦/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଆଜି ସଭାଗୃହରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଏକ ଦିନିକିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟଶିବସୁନ୍ଦର ମିଶ୍ର ମହାପୁରୁଷ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ସର୍ବପ୍ରଥମେ ସଭାପତିଙ୍କ ଅନୁମତି କ୍ରମେ ଦୁର୍ନୀତି ନିବାରଣ ଉପରେ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ । ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି ଉପରେ ପ୍ରାଧ୍ୟାପକ ରତ୍ନାକର ସାହୁ ଉଦାହରଣ ମାଧ୍ୟମରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଉକ୍ତ ସଭାରେ ପ୍ରଫେସର ମିଶ୍ର ଦୁର୍ନୀତିର ବିଭିନ୍ନ ସ୍ତର ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ । ଇଂରାଜୀ ବିଭାଗର ପ୍ରାଧ୍ୟାପକ ମନୋଜ କୁମାର ପରିଡ଼ା ଦୁର୍ନୀତି ନିବାରଣ ଉପରେ ନିଜସ୍ୱ ମତ ଉପସ୍ଥାପନା କରିଥିବାବେଳେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବୈକୁଣ୍ଠକୁମାର ମେହେର ଦୁର୍ନୀତି ସମାଜର ଏକ ବ୍ୟାଧି ବୋଲି ଉପସ୍ଥାପନା କରିଥିଲେ । ଏହି ସଭାରେ ଇତିହାସ ବିଭାଗର ଅଧ୍ୟାପିକା ଭାରତୀ ମହାପାତ୍ର, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଆମରନାଥ ପାଲ୍, ଭୂଗୋଳ ବିଭାଗର ଅଧ୍ୟାପକ ସାର୍ଥକ ମିଶ୍ର, କ୍ରୀଡ଼ାଶିକ୍ଷକ ରଘୁନାଥ ପରିଡ଼ା, ଲାଇବ୍ରେରିଆନ୍ ଆକାଶ ସାହୁଙ୍କ ସହିତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗର ମୁଖ୍ୟ ତଥା +୩ ଜାତୀୟ ସେବା ଯୋଜନାର ଅଧିକାରୀ ଡ଼ଃ ଶଙ୍କର୍ଷଣ ପ୍ରଧାନ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଲଟପୁର ନିର୍‌ତାର୍ ତରଫରୁ ଏକତା ଦୌଡ଼

**କଣ୍ଟାପଡ଼ା,୩୦।୧୦/ଏନ୍ଏନ୍ଏସ୍:** କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର୍ ଦ୍ୱାରା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ସ୍ମୃତିରେ ଜାତୀୟ ଏକତା ସପ୍ତାହ ପାଳନ କରାଯାଇଛି । ଏହି ଅବସରରେ ଅନୁଷ୍ଠାନ ତରଫରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ନିରତାର ପରିସରରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ କଣ୍ଟାପଡା ସ୍କୁଲ ଛକ ପର୍ଯ୍ୟନ୍ତ ଯିବା ପରେ ପୁନରାୟ ନିର୍‌ତାର୍ ପରିସରକୁ ଫେରିଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନିର୍‌ତାର୍ ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶୋଭାଯାତ୍ରାରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ନିର୍ଦ୍ଦେଶକ ଡାକ୍ତର ମହାନ୍ତି ଦେଶର ଦିବ୍ୟାଙ୍ଗ ଭାଇଭଉଣୀମାନେ କିପରି ଦେଶ ଐକ୍ୟତା ରକ୍ଷାରେ ସାମିଲ ହୋଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ । ଉପ ନିର୍ଦ୍ଦେଶକ ଇଂ. ସତ୍ୟଜିତ ପଟ୍ଟନାୟକ ମନ୍ତ୍ରାଳୟର ଡିଇପିଡବ୍ଲ୍ୟୁଡି ବିଭାଗକୁ ଏପରି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଧନ୍ୟବାଦ ଜଣାଇଥିଲେ ।




# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବିପତ୍ର



**ନୟାଗଡ଼,୩୦।୧୦/ଏନ୍ଏନ୍ଏସ୍:** ନୟାଗଡ଼ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲା ସଭାପତି ରଣଜିତ ଦଳବେହେରା ଓ ବିଶିଷ୍ଟ ଆଇନଜୀବୀ ସମାଜସେବୀ ସଂସାରୀ ସାହୁଙ୍କ ନେତୃତ୍ୱରେ ଦେଶୀ ଗାଈକୁ ଗୋମାତା ଓ ରାଜମାତାର ମାନ୍ୟତା ଦେବା ସହ ସୁସ୍ଥ ନିରୋଗ ସମାଜ ଗଠନ ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦିଲୀପ କୁମାର ବଳଙ୍କୁ ଦାବିପତ୍ର ଏହି ଦାବିପତ୍ର ଦିଆଯାଇଥିବା ଜଣାପଡ଼ିଛି । ଏହି ଦାବିପତ୍ର ଦିଆଯିବା କାର୍ଯ୍ୟକ୍ରମରେ ନାଥ ପ୍ରଧାନ, ଅଜୟ କୁମାର ମହାନ୍ତି, କୈଳାଶ ରାଉତ, କୁମାରୀ ସାହୁ, ରବୀନ୍ଦ୍ର ନାଥ ସାଥୁଆ, ଆଶୁତୋଷ ବଡ଼ପଣ୍ଡା, ବିଜୟ କୁମାର ମହାପାତ୍ର, ଜଗବନ୍ଧୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ପ୍ରାକୃତ ବିପର୍ଯ୍ୟୟ ମୁକାବିଲା ଦିବସ ପାଳିତ

**କଣାସ,୩୦।୧୦/ଏନ୍ଏନ୍ଏସ୍:** ୧୯୯୯ ମସିହା ଅକ୍ଟୋବର ୨୯ତାରିଖ ଦିନ ଯେଉଁ ମହାବାତ୍ୟା ହୋଇଥିଲା ଆଜି ସେଥିପାଇଁ କଣାସ ପଞ୍ଚାୟତ ସମିତି ସଭାଗୃହରେ ବିଡିଓ ନାରାୟଣ ସାହୁଙ୍କୁ ଅଧ୍ୟକ୍ଷତାରେ ଆର୍ନ୍ତଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଳନ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଣାସ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍ ଯୋଗଦେଇ ୧୯୯୯ ମସିହା ବାତ୍ୟା ଭୟାବହତା ସଂପର୍କରେ ସୂଚନା ଦେବାସହ ରାଜ୍ୟସରକାର କିପରି ତାହାର ମୁକାବିଲା କରିଥିଲେ । ଦୃଷ୍ଟାନ୍ତ ପ୍ରମାଣ ପ୍ରଦାନ କରିଥିଲେ । ବାତ୍ୟା ସମୟରେ କିପରି ମୁକାବିଲା କରାଯାଇ ଧନଜୀବନ ନଷ୍ଟ ନ ହେବ ସେଥିପ୍ରତି କେତେକ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଗ୍ରାମପଞ୍ଚାୟତ ପ୍ରତିନିଧି, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକର କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶୈକ୍ଷିକ ଆଲୋଚନାଚକ୍ର



**ଡେଲାଙ୍ଗ,୩୦।୧୦/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ପଟଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ନିପୁଣ ଓଡିଶା ଓ ପରଖା ପରୀକ୍ଷଣ ସମ୍ବନ୍ଧୀୟ ଆଲୋଚନା ଚକ୍ରରେ ଅନୁଷ୍ଠିତ ହୋଇଯାଇଛି । ଏବିଇଓ ଲକ୍ଷ୍ମଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିବନ୍ଧକ ବିହୀନ ଆନନ୍ଦ ଦାୟକ ଶିକ୍ଷା ମାଧ୍ୟମରେ ପ୍ରାଥମିକ ଶ୍ରେଣୀରେ ପିଲାମାନଙ୍କ ଭାଷା ଓ ସଂଖ୍ୟାଜ୍ଞାନକୁ ସୁଦୃଢ଼ କରିବାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସଂଖ୍ୟା ଜ୍ଞାନ ପ୍ରଶିକ୍ଷଣ, ନିପୁଣ ଓଡିଶା, ଆସନ୍ତା ଡ଼ିସେମ୍ବର ମାସରେ ତୃତୀୟ, ଷଷ୍ଠ ଓ ନବମ ଶ୍ରେଣୀରେ ହେବାକୁ ଥିବା ଭାଷା, ଗଣିତ, ପରିବେଶ ପରୀକ୍ଷଣ ଉପରେ ଆଲୋଚନା କରାଯାଇଥିଲା । ସିଆରସିସି ଲୋକନାଥ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ ଶିକ୍ଷୟିତ୍ରୀ ସତ୍ୟଭମା ବେହେରା ଶିକ୍ଷକ ନୃସିଂହ ପାଇକରାୟ ଭାଷା ଓ ଗଣିତ ଶିକ୍ଷଣ କାର୍ଯ୍ୟ ଉପସ୍ଥାପନ କରିଥିଲେ । ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ପ୍ରଧାନଶିକ୍ଷକ ଅଭୟ ରଥ, ଦିଲ୍ଲୀପ ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ରବିନ୍ଦ୍ରନାଥ ବେହେରା, ପ୍ରଦୀପ ସେଠୀ, ତ୍ରିନାଥ ସେନାପତି, ଅଭିମନ୍ୟୁ ମୁଦୁଲି, ଅନ୍ନପୂର୍ଣ୍ଣା ହରିଚନ୍ଦନ, କୁନି ମଲ୍ଲିକ, ବାସନ୍ତୀ ବେହେରା ବଡ଼ ଆଙ୍କୁଲା ଓ ଧାନକେରା କ୍ଲଷ୍ଟରରୁ ପ୍ରାୟ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ଦୀପ୍ତିମୟୀ ବେହେରା, ଅନୁସୂୟା ସାହୁ, ସୁନନ୍ଦା ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଜନୀ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଅଭୟ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚଳନ୍ତା ଟ୍ରେନ୍‌ରୁ ପଡ଼ି ମହିଳା ଆଇନଜୀବୀ କୋମାରେ

# ସମସ୍ତ ଟ୍ରେନ୍‌ରେ ସିସିଟିଭି ଲଗାଇବାକୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**କୋଣାର୍କ,୩୦।୧୦/ଏନ୍ଏନ୍ଏସ୍:** ଜନୈକା ମହିଳା ଆଇନଜୀବୀ ଚଳନ୍ତା ଟ୍ରେନ୍‌ରୁ ମଧ୍ୟରାତ୍ରୀରେ ସନ୍ଦେହଜନକ ସ୍ଥିତିରେ ଖସିପଡ଼ି ଗୁରୁତର ହୋଇ କୋମା ଅବସ୍ଥାରେ ୧୫ଦିନ ଧରି ମେଡିକାଲରେ ଥିବା ଘଟଣା ଉପରୁ ପରଦା ହଟାଇବା ଓ ସମସ୍ତ ଟ୍ରେନ୍‌ରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ସାଧାରଣ ବସ୍‌ରେ ସିସି କ୍ୟାମେରା ଲଗାଯାଇଥିବା ବେଳେ ଟ୍ରେନ୍‌ଗୁଡିକରେ ସିସି କ୍ୟାମେରା ଏପର୍ଯ୍ୟନ୍ତ ଲଗାଯାଇ ପାରିନାହିଁ । ଫଳରେ ଟ୍ରେନ୍‌ରେ ଅନେକ ସମୟରେ ଅପରାଧିକ କାର୍ଯ୍ୟ ଘଟୁଛି । ଯାତ୍ରୀମାନେ ଅସୁରକ୍ଷିତ ଅବସ୍ଥାରେ କିପରି ଯାତାୟାତ କରୁଛନ୍ତି ତାହା ଏହି ପିଟିସନରେ ଦର୍ଶାଯାଇଛି । କୋଣାର୍କ ବାର୍ ଆସୋସିଏସନ୍ ପକ୍ଷରୁ ସଭାପତି ଶ୍ରୀଜୟ ବରାଳ ଏହି ପିଟିସନରେ ଦର୍ଶାଇଛନ୍ତି ଯେ, କୋଣାର୍କ ବାର୍‌ର ମହିଳା ଆଇନଜୀବୀ ସତ୍ୟଭାମା ରଥ ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ନୂଆଦିଲ୍ଲୀରୁ ଭୁବନେଶ୍ୱର ଫେରୁଥିବା ବେଳେ ଅକ୍ଟୋବର ୧୫ ରାତ୍ରି ୨ଟାରୁ ୩ଟା ମଧ୍ୟରେ ହରିଦାସପୁର ରେଳଧାରଣା କଡ଼ରୁ ରେଳବାଇ ପୁଲିସ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଟ୍ରେନ୍‌ରେ ସିସି କ୍ୟାମେରା ଥିଲେ ଏହି ଘଟଣା ଉପରୁ ପରଦା ନିଶ୍ଚୟ ଭାବେ ହଟିଥାଆନ୍ତା ବୋଲି କହିବା ସହ ସମସ୍ତ ଟ୍ରେନ୍‌ରେ ତୁରନ୍ତ ସିସି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦେବାକୁ ସେ କୋର୍ଟକୁ ପ୍ରାର୍ଥନା କରିଛନ୍ତି । ଏହି ଘଟଣା ପାଇଁ ରେଳବାଇକୁ ଦାୟୀକରି ଶ୍ରୀ ବରାଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜୀବନ ସହ ସଂଘର୍ଷ କରୁଥିବା ମହିଳା ଆଇନଜୀବୀଙ୍କୁ ତୁରନ୍ତ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ଯେ, ସମସ୍ତ ରେଳଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ସମସ୍ତ ଯାତ୍ରୀବାହୀ ଟ୍ରେନ୍‌ରେ ସିସି କ୍ୟାମେରା ଲଗାଇବାକୁ ଯୋଜନା ଥିଲା । ଏହି ଯୋଜନା ଅନ୍ତର୍ଗତ ୮୨୪୪ ଷ୍ଟେସନ ଓ ୫୮୨୬ ଯାତ୍ରୀବାହୀ ବଗିରେ ସିସି କ୍ୟାମେରା ଲଗାଯିବା ପାଇଁ ସ୍ଥିର ହୋଇଥିଲା । ଏଥିପାଇଁ ୩୭୭୧କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟ ହୋଇଥିଲା । କିନ୍ତୁ କୌଣସି କାରଣବଶତଃ ଏହି ଯୋଜନା ଶୀତଳଭଣ୍ଡାରରେ ରହିଯାଇଛି । ଏହି ମାମଲାରେ ରେଳ ମନ୍ତ୍ରଣାଳୟ, ରେଳବାଇ ପୁଲିସ ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଥିବା ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।



ନିତିଦିନ NITIDIN

## ବଲଙ୍ଗା ଥାନାର ନୂତନ ଗୃହ ନିରୀକ୍ଷଣ




**ବଲଙ୍ଗା,୩୦।୧୦/ଏନ୍ଏନ୍ଏସ୍:** ବୁଧବାର ବଲଙ୍ଗାରେ ନିର୍ମାଣ ହୋଇଥିବା ଥାନାର ନୂତନ ଗୃହ ନିରୀକ୍ଷଣ ସହ ହସ୍ତାନ୍ତର ହୋଇଥିବା ସୂଚନା ମିଳିଛି । ସୂଚନା ମୁତାବକ ବଲଙ୍ଗା ଥାନା ଗୃହ ବିସ୍ଫୋରଣରେ ଭାଙ୍ଗିଯିବାରେ ନୂତନ ଗୃହ ଆରମ୍ଭ ହୋଇଥିଲା । ପୁରୀ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବବ୍ରତ ଚକ୍ର, ପିପିଲି ଉପଖଣ୍ଡ ଅଧିକାରୀ ବିରଞ୍ଚି ନାରାୟଣ ପତି ଓ ବଲଙ୍ଗା ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡା ପ୍ରମୁଖ ଥାନାର ନୂତନ ଗୃହ ବୁଲି ଦେଖିଥିଲେ । ଆସନ୍ତା ସପ୍ତାହରେ ଥାନାର ଏହି ନବନିର୍ମିତ ଗୃହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି ।

## ବେଆଇନ ବାଣ ଜବତ

**ଚାରିଛକ,୩୦।୧୦/ଏନ୍ଏନ୍ଏସ୍:** ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ବଜାରରୁ ଚାରିଛକ ପୁଲିସ ଗତକାଲି ଚଢ଼ଉ କରି ବିପୁଳ ପରିମାଣର ବେଆଇନ ବାଣ ଜବତ କରିବା ସହ ଜଣକୁ ଅଟକ ରଖିଥିବା ଜଣାପଡ଼ିଛି । ଏହି ଥାନା ଅନ୍ତର୍ଗତ ତୁଳସୀପୁର ବଜାରରୁ ଦୀପାବଳି ଉପଲକ୍ଷେ ବେଆଇନ ବାଣ ବିକ୍ରି ହେଉଥିବା ଖବର ପାଇଁ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍ଆଇ କୈଳାଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉକରି ପ୍ରଶାସନ ଠାରୁ ଅନୁମତି ନ ନେଇ ବେଆଇନ ଭାବେ ବିକ୍ରି ହେଉଥିବା ବାଣକୁ ଜବତ କରିବା ସହ ଜଣକୁ ଥାନାରେ ଅଟକ ରଖିଥିବା ଓ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି । ଚାରିଛକ ଥାନା ଅଞ୍ଚଳରେ କେହି ବେଆଇନ ବାଣ ବିକ୍ରି କରିପାରିବେ ନାହିଁ ବୋଲି ଥାନାଧିକାରୀ ଶ୍ରୀମତୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି ।

# ଜଟଣୀରେ ଜମୁଛି ବାଣ ବେପାର

**ମୁଣ୍ଡମୁହାଣ,୩୦।୧୦/ଏନ୍ଏନ୍ଏସ୍:** ଆଉ ଦୁଇ ଦିନ ପରେ ଆଲୋକର ପର୍ବ ପବିତ୍ର ଦିପାବଳୀ । ବାଣ ଫୁଟାଇ ଖୁସି ମନାଇବା ପାଇଁ ତତ୍ପର ହେଲେଣି । ତେଣୁ ରାଜଧାନୀ ଉପକଣ୍ଠ ବାଣ ବେପାରର ପେଣ୍ଠସ୍ଥଳ ଜଟଣୀ ଜମି ଆସିଲାଣି ବାଣ ବେପାର ।ଚଳିତ ବର୍ଷ ବାଣ ଦର ଆକାଶଛୁଆଁ ହୋଇଥିବାରୁ ଗ୍ରାହକଙ୍କ ଚାହିଦାରେ କିଛିଟା ପ୍ରଭାବ ପଡିଛି । ବାଣ ବେପାରର ପେଣ୍ଠସ୍ଥଳୀ ଜଟଣୀରେ ପ୍ରାୟ ୧୫ଦିନ ତଳୁ ପାଇକାରୀ ବେପାରୀ ମାନେ ବାଣ ବେପାର ଆରମ୍ଭ କରି ଦେଇଛନ୍ତି । କିନ୍ତୁ ରବିବାର ଠାରୁ ଖୁଚୁରା ବେପାର ଆରମ୍ଭ ହୋଇଛି । ଜଟଣୀ ଶରତ ପାଇକରାୟ ଷ୍ଟାଡିୟମରେ ୮୬ ଜଣ ଖୁଚୁରା ବେପାରିଙ୍କୁ ବାଣ ବେପାର ପାଇଁ ଅନୁମତି ମିଳିଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ପ୍ରାୟ ୧୫ ଦୋକାନ ପାଇଁ ଅନୁମତି ମିଳିଛି ।ସେହିଭଳି ତଳଖେତା ଛକ ଜଟଣୀ ଗେଟ ଠାରୁ କିଟ କଲେଜ ପର୍ଯ୍ୟନ୍ତ ପ୍ରାୟ ୩୦ ଖୁଚୁରା ବେପାରୀଙ୍କୁ ଇନଫୋଭ୍ୟାଲି ଥାନା ପକ୍ଷରୁ ଅନୁମତି ମିଳିଛି । ବାଣ ବେପାରୀଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଜଟଣୀରେ ୫ରୁ ଉର୍ଦ୍ଧ ପାଇକାରୀ ବେପାରୀ ଅଛନ୍ତି । କିଛି ବେପାରୀଙ୍କ କହିବା କଥା କେବଳ ସବୁଜ ବାଣ ବିକ୍ରି କରାଯାଉଛି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରଠାରୁ ଶିବକାଶି ଓ ରାୟପୁରରୁ କେବଳ ସବୁଜ ବାଣ ହିଁ ଆସୁଛି । କିନ୍ତୁ ଲୁଚାଛପାରେ ଦେଶୀ ବାଣ ବିକ୍ରି ହେଉଛି । ଜଟଣୀରୁ ମିଳିଥିବା ଖବର ଅନୁସାରେ ପାଇକାରୀ ବେପାରୀ ମାନେ ୧୦ କୋଟିରୁ ଉର୍ଦ୍ଧ ଟଙ୍କାର ବାଣ ବେପାର କରିସାରିଛନ୍ତି । ଆହୁରି ଦୁଇ ଦିନ ବାକି ଥିବାରୁ ପାଇକାରୀ ବାଣ ବେପାର ୨/୩ କୋଟି ଟପିବା ଆଶା ରହିଛି । କାରଣ ଏବେବି ଖୋର୍ଦ୍ଧା, ପୁରୀ, ନୟାଗଡ, ଗଞ୍ଜାମ, କନ୍ଧମାଳ ଆଦି ଜିଲ୍ଲାର ଖୁଚୁରା ବେପାରୀମାନେ ଜଟଣୀ ପାଇକାରୀ ବଜାରରୁ ବାଣ ନେଉଛନ୍ତି । ଅନ୍ୟପକ୍ଷରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଖୁଚୁରା ବଜାର ମଧ ଭଲ ବେପାର କରିବା ଦେଖାଯାଉଛି । ଚଳିତ ବର୍ଷ ବେଶୀ ସଟ୍ ବକ୍ସ ବାଣ ବିକ୍ରି ହେଉଥିବା ଦେଖାଯାଉଛି । ତା ସହିତ ପାରମ୍ପାରିକ ଝରଝରି, ଚକ୍ରି, ହାବେଳି, କୁମ୍ଭି ମଧ କିଛି କମ ବେପାର ହେଉ ନାହିଁ । ପିକ୍ଅପ, ମିଡନାଇଟ, ମିଜାଇଲ, ଡ୍ରୋନ ଆଦି ବାଣର ଦାମ ୨୫୦ରୁ ୫ଶହ ଟଙ୍କା ରହିଛି । ରଙ୍ଗିନ କୁମ୍ଭି, ଚକ୍ରି, ଝରଝରି ଡବା ୨ଶହରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି । ସାଧାରଣତଃ ଯେଉଁ ଫୁଲଝରି ଓ ଚକ୍ରି ପ୍ୟାକେଟ ପୂର୍ବରୁ ଶହେ ଟଙ୍କା ପଡୁଥିଲା ଚଳିତବର୍ଷ ତାହା ଦୁଇଗୁଣା ବଢ଼ି ପ୍ରାୟ ଦୁଇଶହ ଟଙ୍କାରେ ପହଞ୍ଚିଛି । ମଜାର କଥା ହେଉଛି ପ୍ୟାକେଟ୍ ଉପରେ ଏମ୍ଆରପି ୫ଶହ ଲେଖାଥିବା ବେଳେ ଖୁଚୁରା ବେପାରି ତାକୁ ଦୁଇଶହ ଟଙ୍କାରେ ବେପାର କରୁଛନ୍ତି । ଖୁଚୁରା ବେପାରୀଙ୍କ କହିବା କଥା ପାଗ ଭଲ ଦେଲେ ସେମାନେ ଭଲ ଲାଭ ପାଇପାରିବେ ।




## ବିଜେଡି ବ୍ଲକ୍ ସଭାପତିଙ୍କ ପିତୃ ବିୟୋଗ

**ଡେଲାଙ୍ଗ,୩୦।୧୦/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ତଥା ସମବାୟବିତ୍ ବୈରାଗୀ ଜେନାଙ୍କ ପିତା ବ୍ରଜବନ୍ଧୁ ଜେନାଙ୍କ ସୋମବାର ସନ୍ଧ୍ୟାରେ ବିୟୋଗ ଘଟିଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୮ବର୍ଷ ବୟସ ହୋଇଥିବା ବେଳେ ବିଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ଶଯ୍ୟାରେ ପଡିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ଡେଲାଙ୍ଗ ଓ ପିପିଲି ଅଞ୍ଚଳରୁ ଶତାଧିକ ସମ୍ପର୍କିତ ଓ ଡେଲାଙ୍ଗ ପ୍ରେସ କ୍ଲବର ସଦସ୍ୟମାନେ ସ୍ୱର୍ଗତ ବ୍ରଜବନ୍ଧୁଙ୍କ ବାସଭବନ ହୁମର ଗ୍ରାମରେ ପହଞ୍ଚି ଶେଷ ଦର୍ଶନ କରିଥିଲେ ।



**AFFIDAVIT**

I Sabita Sethy, aged about 50 years, W/o- Pravakar Sethy of vill - Narua, Po- Sayedpur, Ps- Binjharpur, Dist- Jajpur do hereby declare that I am a Policy holder of LIC Jajpur Town Branch bearing policy no. 585891097. In this policy by mistake my name has been mentioned as Premalata Sethy But in all documents of my Aadhaar No. xxxx xxxx 5917 and Bank A/c No. 20347043962 of State Bank of India, Binjharpur Branch my name is Sabita Sethy. That Sabita Sethy and Premalata Sethy is same and one person. There is no other person in same name in same locality.



# ଫସଲବୀମା ଦାବି ସଫଳ ପରେ ତହସିଲଦାରଙ୍କୁ ସମ୍ବର୍ଦ୍ଧିତ କଲେ ଚାଷୀ

**ବୋଲଗଡ଼,୩୦।୧୦/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ୍‌ରେ ଗତ ୨୦୨୩-୨୪ମସିହାରେ ଖରିଫ୍ ଧାନ ଫସଲହାନି ପାଇଁ ଚାଷୀମାନଙ୍କ ଦ୍ୱାରା ବହୁବାର ଆନ୍ଦୋଳନ କରାଯାଇଥିଲା । ତହସିଲଦାର ନିବେଦିତା ପରିଡାଙ୍କ ସହଯୋଗରେ ଫସଲବୀମା କ୍ଷତିପୂରଣ ମିଳିଥିବାରୁ ତାଙ୍କୁ ଆଜି ଖୁସିରେ ଚାଷୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ବୋଲଗଡ ବ୍ଲକ ରେ ପ୍ରାୟ ୧୫ହଜାର ୮ଶହ ୫ହେକ୍ଟର ଜମିରେ ଧାନଚାଷ କରାଯାଇଥିଲା । ସେଥିରୁ ଡିପଜମି ପ୍ରାୟ ୪ହଜାର ୭ଶହ ୭୩ହେକ୍ଟର ହେବ ଛୋଟ ଧାନଚାଷ କରାଯାଇଥିଲା । ଡିପଜମି ସହ ଖାଲଜମି ମଧ ଧାନ ଫସଲହାନି ହୋଇଥିଲା । ଚାଷୀମାନେ ବହୁତ ଆନ୍ଦୋଳନ କରିଥିଲେ । ତହସିଲଦାରଙ୍କ ସହଯୋଗରେ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀମାନେ ଫସଲବୀମା କ୍ଷତିପୂରଣ ପାଇପାରିଛନ୍ତି । ସେହିକ୍ରମରେ ବୋଲଗଡ ବ୍ଲକ୍‌ର ୧୨ଟି ପଞ୍ଚାୟତ ଫସଲବୀମା କ୍ଷତିପୂରଣ ପାଇପାରିଛନ୍ତି । ସେଗୁଡିକ ହେଲା ବଡକୁମାରୀ, ଆରିକମା, ଗେଡିଆପଲି, ଗୋପାଳପୁର, କଡବ, ବୋଲଗଡ, ଫସିଓଦା, କଲାଗଂ, ଖଗୁରିଆ, ଦଳେଇସାହି, ଡାବର ଧୂଆପାଟଣା, ଅସରଳାର ଚାଷୀମାନେ ଉପକୃତ ହୋଇଛନ୍ତି । ତେଣୁ ଚାଷୀମାନେ ଖୁସି ହୋଇ କୃଷକନେତା ପ୍ରକାଶ ଚନ୍ଦ୍ର ରାଉତରାୟ ନେତୃତ୍ୱରେ ବୋଲଗଡ଼ ବ୍ଲକ ଚାଷୀ ସଂଗଠନ ଅର୍ଜୁନ ଜେନା, ମାଗୁଣି ଚରଣ ସ୍ୱାଇଁ, ଗଗର ବିହାରୀ ମହାନ୍ତି, ହାଲୁରୀ ମାନସିଂହ, ବାସୁଦେବ ପରିଡ଼ା, ସୁରଥ ଦଳେଇ, ଗୋବିନ୍ଦ ବେହେରା, ମହେଶ୍ୱର ବଳବନ୍ତରାୟ ଓ ଅନ୍ୟ ଚାଷୀମାନେ ମିଳିତ ହୋଇ ବୋଲଗଡ଼ ତହସିଲଦାରଙ୍କୁ ସାକ୍ଷାତକରି ସମ୍ବର୍ଦ୍ଧିତ କରିଥିଲେ ।

# ତହସିଲଦାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କଣାସ,୩୦।୧୦/ଏନ୍ଏନ୍ଏସ୍:** କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସତ୍ୟବାଦୀ ତହସିଲକୁ ବଦଳି ହେବାପରେ ଗତକାଲି ସେ କଣାସ ତହସିଲର ଅତିରିକ୍ତ ତହସିଲଦାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଆଜି ସତ୍ୟାବଦୀ ତହସିଲ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି । ଆଜି ଅପରାହ୍ଣରେ କଣାସ ତହସିଲ କାର୍ଯ୍ୟାଳୟ ସଭାଗୃହରେ ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀଙ୍କ ଅଧକ୍ଷତାରେ ବିଦାୟକାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କଣାସ ଥାନା ଆଇ.ଆଇ.ସି ରାକେଶ କୁମାର ତ୍ରିପାଠୀ, ବିଡିଓ ନାରାୟଣ ସାହୁ ଯୋଗଦେଇ ତହସିଲଦାରଙ୍କ କାର୍ଯ୍ୟକଳାପ ଉପରେ ସୂଚନା ଦେବାସହ ତାଙ୍କର ସମସ୍ତ କର୍ମଚାରୀ ତହସିଲଦାରଙ୍କ କାର୍ଯ୍ୟାକଳାପ ଉପରେ ମନ୍ତବ୍ୟ ଦେଇଥିଲେ । କଣାସ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ରାଉତ ସମ୍ବର୍ଦ୍ଧିତ କରିଥିବା ବେଳେ କଣାସ ଆଇନ୍ ଜୀବି ସଂଘର ସଭାପତି ସଦାନନ୍ଦ ପ୍ରଧାନ ଅନ୍ୟ ଆଇନିଜୀବୀମାନଙ୍କ ଉପସ୍ଥିତିରେ ଜଗନ୍ନାଥଙ୍କ ଫଟୋଚିତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କଣାସ ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟର କର୍ମଚାରୀ ଚନ୍ଦ୍ରକାନ୍ତ ପେଣ୍ଢୋଇ ପୁଷ୍ପଗୁଚ୍ଛ, ଫଟୋଚିତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ କଣାସ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ସମ୍ବର୍ଦ୍ଧିତ କରିଥିଲେ ।



# ଶିକ୍ଷୟିତ୍ରୀଙ୍କ ସିଏଲ୍‌ସି ଜାଲିଆତି ଅଭିଯୋଗକୁ ଖାରଜକଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ

**କୁଆଁପାଳ,୩୦।୧୦/ଏନ୍ଏନ୍ଏସ୍:** ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କ ଚିଠି ଅନୁଯାୟୀ ମାହାଙ୍ଗା ଅଞ୍ଚଳର ଶରତ ନାୟକ କରିଥିବା ଅଭିଯୋଗକୁ ମିଥ୍ୟା ଦର୍ଶାଇ ଖାରଜ କରିଦେଇଥିବା ଜଣାପଡ଼ିଛି । ସୂଚନାରୁ ଜଣାପଡିଛି ଯେ ମାହାଙ୍ଗା ବ୍ଲକର ଗୋକନ ଗ୍ରାମର ଶରତ କୁମାର ନାୟକ ମାହାଙ୍ଗା ମଣ୍ଡଳ ଅଧିନ ସହକାରୀ ଶିକ୍ଷୟିତ୍ରୀ ବାଣୀ ରାଉତଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ବନ୍ଧରେ ତଦନ୍ତ ନିମନ୍ତେ ଲିଖିତ ଅଭିଯୋଗ କରିଥିଲେ । ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠିରେ ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କରାଯାଇଥିବା ଚିଠି ଅନୁଯାୟୀ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ । ବ୍ଲକ୍ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ତଦନ୍ତ ରିପୋର୍ଟକୁ ଆଧାର କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଭିଯୋଗକୁ ଖାରଜ କରିଥିବା ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ ଶିକ୍ଷୟିତ୍ରୀ ବାଣୀ ରାଉତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟରୁ ଗତ ୨୬.୧୧.୨୦୦୭ରେ ସିଏଲ୍‌ସି ଆଣିଥିଲେ । ଏହା ପୂର୍ବରୁ ଶ୍ରୀମତୀ ରାଉତ ଭେଡାସ୍ଥିତ ସଂସ୍କୃତ ମହାବିଦ୍ୟାଳୟରୁ ୨୦୦୪-୦୫ ଶିକ୍ଷାବର୍ଷରେ +୨ କଳାରେ ନାମଲେଖାଇବା ସମୟରେ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ଏରକଣାର ଟିସି ପ୍ରଦାନ କରିଥିବା ଉଲ୍ଲେଖ ଅଛି । ୨୦୦୭ମସିହାରୁ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟରୁ ଟିସି ଆଣି ୨୦୦୪-୦୫ଶିକ୍ଷା ବର୍ଷରେ କିଭଳି ନାମ ଲେଖାଇଛନ୍ତି ସେ ସଂପର୍କରେ ଶ୍ରୀ ନାୟକ ଅଭିଯୋଗ କରିଥିଲେ । ବାଣୀ ରାଉତ ୨୦୦୧ମସିହାରେ ତଳବରାହିପୁରରେ ବିକଳ୍ପ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ । ସେ କିଭଳି ଭାବରେ +୨ ପାସ୍‌କଲେ ସେ ନେଇ ଅଭିଯୋଗ ହୋଇଥିଲା । ପ୍ରାଥମିକ ନିର୍ଦ୍ଦେଶାଳୟ ଓଡ଼ିଶା ଭୁବନେଶ୍ୱର ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନର ନକଲ ଶରତ ନାୟକଙ୍କୁ ପ୍ରଦାନ କରାଯାଇଥିଲା ବେଳେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ କଟକ ଓ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିବା ଜଣାପଡିଛି ।

# ବିପର୍ଯ୍ୟୟ ପରିଚାଳନାକୁ ନେଇ ଜିପିଇଓ ସମ୍ବର୍ଦ୍ଧିତ

**ଖଣ୍ଡପଡ଼ା,୩୦।୧୦/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ମଙ୍ଗଳବାର ପାଳନ ଅବସରରେ ଖଣ୍ଡପଡ଼ା ବ୍ଲକ୍‌ରେ କାର୍ଯ୍ୟରତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ୍ କୁମାର ବଡ଼ସେଟ୍‌ଙ୍କୁ ଦକ୍ଷତାର ସହ ବାତ୍ୟା 'ଦାନା' ପରିଚାଳନା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି । ପ୍ରକାଶଥାଉ କି ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ବାତ୍ୟା ସମୟରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିଭିନ୍ନ ପଞ୍ଚାୟତକୁ ଗସ୍ତକରି ଜନସାଧାରଣଙ୍କୁ ଭେଟିବାସହ ୭ଟି ବାତ୍ୟା ଆଶ୍ରୟସ୍ଥଳର ସୁପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀଙ୍କ ସହ ଜିଲ୍ଲାପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।





O-541

**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, KEONJHAR**
E-mail-eerw_kjr2@yahoo.com

**1st Corrigendum to e-Procurement notice for road works**
**Identification no- Online NCB- 03 of 2024-25**

1. The availability of tender online for bidding in work Sl. No. 03(S/R to Gobindapur-Badadumuria road (Such as SDBC) in the dist of Keonjhar for the year 2024-25) is hereby cancelled due to unavoidable circumstances.
   (Annexure-Sl. No. 03 may be read as nil)

All other terms and condition to the original e-Procurement notice Identification no- Online NCB No.-03 of 2024-25 will remain unchanged.

Sd/- Executive Engineer
R.W. Division No-II, Keonjhar

OIPR-25093/11/0005/2425

B-545

E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

File No-B-IV-H (H&D)-12/2024 — 41864 / Bhubaneswar, the 29th Oct.m, 2024

Invitation for Bids
1st Corrigendum

Tender Reference No. C.E. (B) - 12 / 2024-25

Name of the Work – (1) Construction of CHC Building (G+2) at Jemadeipentha in the District of Rayagada,
(2) Construction of CHC Building at Debeipalli, Sambalpur,
(3)Construction of CHC Building at Kuntara, Sambalpur,
(4)Construction of CHC Building at Naktideul, Sambalpur.

The following changes have been made in Bid Identification No. C.E. (B) – 12 / 2024-25

1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from dt.08.11.2024 to 17.00 hours of dt.22.11.2024 instead of dt.29.10.2024 to dt.13.11.2024 for ONLINE BIDDING respectively.
2. Online bids shall be received till 17.00 Hours of dt.22.112024 instead of dt.13.11.2024.
3. The technical bids will be opened at 11.30 A.M. of dt.25.11.2024 instead of dt.14.11.2024.

All other terms and conditions remain unchanged.

Chief Engineer (Buildings-I),
Odisha, Bhubaneswar

OIPR-34117/11/0034/2425

B-531

**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER,**
**KHORDHA (R&B) CIRCLE, KHORDHA**

**WORKS DEPARTMENT**
**Tender Call Notice**
E-mail: rbcirclekhurda@gmail.com
Bid Identification No. CCE-Khordha(R&B) Circle-14/2024-25
Memo No.2131, Dt.23.10.2024

The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for temple works as detailed in the table below:

1.Nature of work : Bridge Work
2. No of work : 1 No.
3. Tender Cost : Rs.10000.00 (On-line)
4. Class of Contractor : B & A Class
5. Available of Bid document in the website : From 10.00 AM of dt.04.11.2024 up to 05.00 PM of dt.19.11.2024 up to 5.00 PM
6. Date of opening of Bid : Dt.20.11.2024 at 11.30 AM
7. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Chief Construction Engineer
Khordha (R&B) Circle, Khordha

OIPR-34127/11/0017/2425

n-131

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**DISTRICT PROJECT OFFICE**
SAMAGRA SHIKSHA, KORAPUT, ODISHA, PIN-764020
E-mail-dpckoraputssa.opepa@nic.in

Letter No. 4542/2024 IX-PED-35/24 Date : 30.10.2024

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Holistic Progress Card " 2024-25 for Class-I to VIII Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Holistic Progress Card 2024-25 for Class-I to VIII Students | Rs.1000/- (Rupees One thousand only) | Rs.20,000/- (Rupees Twenty thousand only) | 21/11/2024 by 5.00 PM | 22/11/2024 at 11.00 AM |

The detailed BID document is available in the website https://osepa.odisha.gov.in & https://koraput.odisha.gov.in Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

Sd/- District Education Officer-cum-DPC,
Samagra Shiksha, Koraput

OIPR-27067/11/0005/2425

**ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ଯାଜପୁର**
ସା/ପୋ- ବୈତରଣୀରୋଡ଼, ଜିଲ୍ଲା- ଯାଜପୁର, ଓଡ଼ିଶା, ୭୫୫୦୦୧,
E-mail : dpcjajpurssa.opepa@nic.in

**ପ୍ରଗତି ପଥେ ଜିଲ୍ଲା ସମଗ୍ର ଶିକ୍ଷା, ଯାଜପୁର**

ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପରି ଶିଶୁର ମୌଳିକ ଅଧିକାରକୁ ନିଶ୍ଚିତ କରିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରାଜ୍ୟର ସମସ୍ତ ଶିଶୁ ମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ୨୦୦୧-୦୨ ଆର୍ଥିକ ବର୍ଷରୁ ସର୍ବଶିକ୍ଷା ଅଭିଯାନ ଯୋଜନା କାର୍ଯ୍ୟକାରୀ ହେଉଥିଲା । ସଂପ୍ରତି ଏହା ପରିବର୍ତ୍ତିତ ରୂପରେ ସମଗ୍ର ଶିକ୍ଷା ନାମରେ ଏକ ନୂଆ ଆଭିମୁଖ୍ୟର ସହିତ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ କରୁଅଛି ।

୧. ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ରେ ୧୫ଜଣ ମେଧାବୀ ଛାତ୍ର-ଛାତ୍ରୀଙ୍କୁ ରାଜ୍ୟ ସ୍ତରୀୟ ପୁରସ୍କାର, ୧୫୪ ଜଣଙ୍କୁ ଜିଲ୍ଲା ସ୍ତରୀୟ ପୁରସ୍କାର ଏବଂ ୧୦୩୮ ଜଣଙ୍କୁ ବ୍ଲକ ସ୍ତରୀୟ ପୁରସ୍କାର ପ୍ରଦାନ କରିବା ସହିତ ୨୨୦ ଜଣ ଛାତ୍ର-ଛାତ୍ରୀଙ୍କୁ ଓଡ଼ିଆ ଭାଷାବୃତ୍ତି ପୁରସ୍କାର ପ୍ରଦାନ କରାଯାଇଅଛି ।
୨. ଜିଲ୍ଲା ସ୍ତରୀୟ ନିପୁଣ ଓଡ଼ିଶା ମିଶନର ଶୁଭ ଉନ୍ମୋଚନ ସମସ୍ତ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ତା ୨୬.୦୯.୨୦୨୪ରେ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ସମସ୍ତ ଛାତ୍ର-ଛାତ୍ରୀମାନଙ୍କପାଇଁ ଅନୁମୋଦିତ ପନ୍ଥାକୁ ବ୍ୟବହାର କରି ସେମାନଙ୍କର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ନିଶ୍ଚିତ କରିବା ଏହି ନିପୁଣ ଓଡ଼ିଶା ମିଶନର ଲକ୍ଷ୍ୟ । ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ସହିତ ଏହି ମିଶନର ମଣ୍ଡଳ ସ୍ତରୀୟ କାର୍ଯ୍ୟକ୍ରମର ଶୁଭ ଉନ୍ମୋଚନ ମଧ୍ୟ ସମସ୍ତ ମଣ୍ଡଳ ଶିକ୍ଷାଧିକାରୀ ଏବଂ ବ୍ଲକର ସଂଯୋଜକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସହିତ ସମସ୍ତ ବିଦ୍ୟାଳୟରେ ତା ୧୬.୦୯.୨୦୨୪ ଠାରୁ ତା ୦୫.୧୦.୨୦୨୪ରିଖ ପର୍ଯ୍ୟନ୍ତ ନିପୁଣ ଓଡ଼ିଶା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ପାଳନ କରାଯାଇଅଛି ।
୩. ଜାତୀୟ ଶିକ୍ଷାନୀତି-୨୦୨୦ (N.E.P-2020) ଏବଂ National Credit Framework (NCrF) ସହିତ ସମନ୍ୱୟ ଭାବରେ, ସ୍ୱୟଂଚାଳିତ ସ୍ଥାୟୀ ଏକାଡେମିକ୍ ଆକାଉଣ୍ଟ ରେଜେଷ୍ଟ୍ରି (APAAR) I.D. ଯାହା ଗୋଟିଏ ଜାତି ଓ ଗୋଟିଏ ଛାତ୍ର ଆ.ଇ.ଡିର ଦୃଷ୍ଟିକୁ ଧାରଣ କରିଥାଏ, ଏବଂ ସମଗ୍ର ଭାରତର ଛାତ୍ର-ଛାତ୍ରୀମାନଙ୍କପାଇଁ ଏକୀକୃତ ତଥା ଉପଲବ୍ଧ ଏକାଡେମିକ୍ ଅଭିଜ୍ଞତାକୁ ସୁନିଶ୍ଚିତ କରାଏ, ସେହି ଭିତ୍ତିଭୂମି ଉପରେ ଅଦ୍ୟାବଧି ଯାଜପୁର ଜିଲ୍ଲାର ୫୯୮ ଗୋଟି ସରକାରୀ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୧୬୧୬୨୯ ଜଣ ଛାତ୍ର-ଛାତ୍ରୀଙ୍କର (APAAR) I.D. ର ବ୍ୟବସ୍ଥା ନିମନ୍ତେ ପ୍ରକ୍ରିୟା ଚାଲୁଅଛି ।
୪. ଯାଜପୁର ଜିଲ୍ଲାରେ ମୋଟ ୧୧ ଗୋଟି ମାଧ୍ୟମିକ ଏବଂ ୧ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପି.ଏମ୍ ଶ୍ରୀ ଯୋଜନାରେ ସାମିଲ କରାଯାଇଅଛି ।
୫. ରାଜ୍ୟ ସରକାରଙ୍କର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଚଳିତ ବର୍ଷ ଯାଜପୁର ଜିଲ୍ଲାରେ ବିଭିନ୍ନ ସରକାରୀ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ମୋଟ ୭୬୫ ଜଣ ନୂତନ କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ)ଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଅଛି । ସେହିପରି ଚଳିତ ବର୍ଷ ଜିଲ୍ଲାରେ ମୋଟ ୪୦୨ ଜଣ କାର୍ଯ୍ୟରତ କନିଷ୍ଠ ଶିକ୍ଷକମାନଙ୍କୁ ନିଯୁକ୍ତିର ଛଅ ବର୍ଷ ଅବଧି ସମାପ୍ତ ପରେ ନିୟମିତ ନିଯୁକ୍ତି ପ୍ରଦାନର ପ୍ରକ୍ରିୟା ଚାଲୁଅଛି ।
୬. ଚଳିତ ୨୦୨୪-୨୫ ଶିକ୍ଷାବର୍ଷ ରେ ଜିଲ୍ଲାରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶ୍ରେଣୀର ମୋଟ ୧୯୦୦୫୩ ଜଣ ଛାତ୍ରଛାତ୍ରୀ ଏବଂ ମାଧ୍ୟମିକ ଶ୍ରେଣୀରେ ମୋଟ ୫୧୨୯୪ ଜଣ ଛାତ୍ର-ଛାତ୍ରୀଙ୍କୁ ମାଗଣା ପୋଷାକ ବଣ୍ଟନର ପ୍ରକ୍ରିୟା ଚାଲୁଅଛି । ସେହିପରି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋଟ ୨୦୩୯୫୨ ଛାତ୍ର-ଛାତ୍ରୀଙ୍କୁ ମାଗଣା ପୁସ୍ତକ ବଣ୍ଟନ କରାଯାଇଅଛି ।
୭. ଜିଲ୍ଲାର ସମସ୍ତ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ବିଦ୍ୟାଳୟ ସୁରକ୍ଷା କାନ୍ଥ (School Safety Wall) ପ୍ରସ୍ତୁତ କରାଯାଇ ବିଦ୍ୟାଳୟ ସୁରକ୍ଷା, ନିରାପତ୍ତା ଏବଂ ବିପର୍ଯ୍ୟୟ ସମ୍ବନ୍ଧିୟ ବିଭିନ୍ନ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଅଛି ।
୮. ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରି ଗଢି ତୋଳିବାପାଇଁ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅବିରତ ପ୍ରଚେଷ୍ଟା ଜାରି ରହିଅଛି । ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ତରଫରୁ ଚଳିତ ବର୍ଷ ଦଶଗୋଟି ବ୍ଲକରେ ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରାଯାଇଅଛି । ଏହି ଶିବିରରେ ବିଭିନ୍ନ ବର୍ଗର ୮୫୦ ଜଣ ଦିବ୍ୟାଙ୍ଗ ଛାତ୍ର-ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।
୯. ବାଳିକା ଶିକ୍ଷାର ବିକାଶ ପାଇଁ ଜିଲ୍ଲାରେ ତିନୋଟି ଆବାସିକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ସୁଚାରୁରୂପେ କାର୍ଯ୍ୟ କରୁଅଛି । ଉକ୍ତ ଆବାସିକ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ରେ ଶତାଧିକ ଗରିବ ଓ ଅବହେଳିତ ବର୍ଗର ଛାତ୍ରୀ ଅନ୍ତେବାସିନୀ ଭାବରେ ରହି ଅଧ୍ୟୟନ କରୁଅଛନ୍ତି ।
୧୦. ବିଦ୍ୟାଳୟ ସ୍ତରୀୟ ପରିଚାଳନ ବ୍ୟବସ୍ଥାକୁ ସୁଦୃଢ କରିବା ନିମନ୍ତେ ଜିଲ୍ଲାର ୧୫୨ ଗୋଟି ସ୍କୁଲକୁ କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ଯୋଗାଇ ଦିଆ ଯାଇଅଛି ।
୧୧. ରାଜ୍ୟ ସରକାରଙ୍କର ଅନ୍ୟ ଏକ ଲୋକପ୍ରିୟ ଯୋଜନା **ପଞ୍ଚ ସଖା ଶିକ୍ଷା ସେତୁ** ରେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ସାମିଲ କରି ଶୈକ୍ଷିକ ପରିବେଶର ଉନ୍ନତି ସାଧନ କରିବା ସହିତ ବିଦ୍ୟାଳୟ ଗୁଡିକର ସର୍ବାଙ୍ଗୀନ ଉନ୍ନତି ଲକ୍ଷ୍ୟରେ ଅଦ୍ୟାବଧି ଜିଲ୍ଲାର ମୋଟ ୨୦୮୯ ଗୋଟି ବିଦ୍ୟାଳୟକୁ ଏହି ଯୋଜନାରେ ସାମିଲ କରାଯାଇ ମୋଟ ୧୫ କୋଟି ୯୩ ଲକ୍ଷ ୩୯ ହଜାର ୧୯୦ ଟଙ୍କା ଅନୁଦାନ ସଂଗ୍ରହ କରାଯାଇଅଛି ।

ଜିଲ୍ଲା ଶିକ୍ଷା ବିଭାଗ ତଥା ସମଗ୍ର ଶିକ୍ଷା ଅନ୍ତର୍ଭୁକ୍ତ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ଲୋକ ପ୍ରତିନିଧି ଏବଂ ସମସ୍ତ ଅଭିଭାବକ, ଛାତ୍ର-ଛାତ୍ରୀ, ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବା ସହିତ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଅଛୁ ।

ଶ୍ରୀମତୀ ନିବେଦିତା ପାଣି
ଜିଲ୍ଲା ଶିକ୍ଷାଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା , ଯାଜପୁର

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ୍ ନଂ- PCMM/GENL/TP/2024/38, Dated: 30/10/2024, [illegible] http://www.ireps.gov.in [illegible] PCMM MEETING ROOM/SER/GRC/Kol-43 [illegible] GSD-KGP-GROUNDING-B-24-26 [illegible] PCMM MEETING ROOM/SER/GRC/Kol-43 [illegible]

(PR-750)

# ଖରିଫ୍ ଋତୁ ଧାନ ସଂଗହ ପ୍ରସ୍ତୁତି ବୈଠକ



**ପୁରୀ,୩୦।୧୦/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଖରିଫ୍ ଋତୁ ୨୦୨୪-୨୫ରେ ଧାନ ସଂଗହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଭାରପ୍ରାପ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, କୋଅପରେଟିଭ୍ ଉପନିବନ୍ଧକ ସୁନିତା ପତି, ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା, ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ବରିଷ୍ଠ ସହକାରୀ ନିବନ୍ଧକ, କୋଅପରେଟିଭ୍ ସୋସାଇଟି ସ୍ୱରୂପ କୁମାର କର, ଚାଷୀ ପ୍ରତିନିଧି ଅଶୋକ ପ୍ରଧାନ, ଧରଣୀଧର ସାହୁ ଓ ପ୍ରମୋଦ କୁମାର ସ୍ୱାଇଁ ଏବଂ ମିଲର୍ ପ୍ରତିନିଧି ସୂର୍ଯ୍ୟନାରାୟଣ ସେନାପତି ଓ ଦେବରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଚଳିତବର୍ଷ ପ୍ରତ୍ୟେକ ମଣ୍ଡି ପାଇଁ ଜଣେ ନୋଡାଲ ଅଧିକାରୀ ନିଯୁକ୍ତ ହେବେ ଏବଂ ଚାରିରୁ ପାଞ୍ଚଟି ମଣ୍ଡିପାଇଁ ଜଣେ ସୁପରଭାଇଜିଙ୍ଗ୍ ଅଧିକାରୀ ନିଯୁକ୍ତ ହେବେ। ଏଫ୍‌କ୍ୟୁ ମାନର ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ପ୍ରତି କ୍ୱିଣ୍ଟାଲ୍ ରହିଛି। ଏହାଛଡ଼ା ରାଜ୍ୟ ସରକାରଙ୍କ ତରଫରୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସହାୟତା ଦିଆଯିବ। ଏହିପରି ଭାବେ ପ୍ରତି କ୍ୱିଣ୍ଟାଲ୍ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା ପ୍ରଦାନ କରାଯିବ। ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ନିମନ୍ତେ ଚାଷୀ ସଚେତନତା କରିବା ସହ ଚାରିଗୋଟି ଧାନ ଆନାଲାଇଜର୍ ମେସିନ କ୍ରୟ କରିବାକୁ ଆର୍‌ଏମ୍‌ସିକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ୬.୨୮ କୋଟି ସାଇବର ଠକେଇ

# ୨୪ ଆନ୍ତରାଜ୍ୟ ଠକଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ୍

**କଟକ,୩୦।୧୦/ଏନ୍ଏନ୍ଏସ୍:** ଅଧିକ ଲାଭ ପାଇବା ଅଶାରେ ଅର୍ଥ ବିନିଯୋଗ କରି ଜଣେ ବ୍ୟକ୍ତି ପ୍ରାୟ ୬ କୋଟି ଟଙ୍କା ଠକେଇର ଶିକାର ହୋଇଥିବା ଘଟଣାରେ ଓଡ଼ିଶା କ୍ରାଇମ୍‌ବ୍ରାଞ୍ଚକୁ ଏକ ବଡ଼ ସଫଳତା ମିଳିଛି। ଦେଶର ବିଭିନ୍ନ ସ୍ଥାନରୁ ୨୪ ସାଇବର ଠକକୁ ଠାବ କରିବାରେ ସମର୍ଥ ହୋଇପାରିଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହିତ କିଛି ଅର୍ଥ ମଧ ଅଭିଯୋଗକାରୀଙ୍କ ଆକାଉଣ୍ଟକୁ ଫେରିଛି ବୋଲି ବୁଧବାର କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଡିଜି ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।

କୁନ୍ତଳ ମଜୁମଦାର ନାମକ ବ୍ୟକ୍ତି ସାଇବର ଠକେଇର ଶୀକାର ହୋଇଥିବା ଅଭିଯୋଗ କରିଥିଲେ। ୨୦୨୪ ଜୁଲାଇରେ ତାଙ୍କୁ ଗୋଟେ କୋଟାକ ଇନ୍‌ଭେଷ୍ଟମେଣ୍ଟ କ୍ଲବ୍ ନାମକ ହ୍ୱାଟ୍ସଆପ୍ ଗ୍ରୁପ୍‌ର ଆଡ୍‌ମିନି (୬୧୭-୨୫୯୪୧୬୪) ମେମ୍ବର ଭାବରେ ଆଡ୍ କରିଥିଲେ। ଗ୍ରୁପ୍ ଆଡମିନି ସେହି ଗ୍ରୁପ୍‌ରେ ପୁଞ୍ଜି ନିବେଶ ବାବଦରେ ପ୍ରବର୍ତ୍ତାଇବାରୁ ଅଭିଯୋଗକାରୀ ୧୯ ଟଙ୍କା ଅଂଶଧନ ମୂଲ୍ୟ ହିସାବରେ ମୋଟ ୨୫,୪୦,୦୦୦ ଅଂଶଧନ କ୍ରୟକରି ସେ ବାବଦକୁ ୬.୨୮ କୋଟି ବିନିଯୋଗ କରିଥିଲେ। ନିବେଶ ପରେ ତୁରନ୍ତ ସେୟାର୍‌ର ମୂଳ ମୂଲ୍ୟ ହଠାତ୍ ୧୯ ଟଙ୍କାରୁ ୧୧୦/- ଟଙ୍କାକୁ ବୃଦ୍ଧି ପାଇଥିଲା। ଏହାଦ୍ୱାରା ନିଜ ନିବେଶର ଫଣ୍ଡ ଭ୍ୟାଲୁ ୨୫କୋଟିରେ ପହଞ୍ଚିବାରୁ ଅଭିଯୋଗକାରି ତାଙ୍କର ଟଙ୍କା ଉଠାଇବାକୁ ଗ୍ରୁପ୍ ଆଡମିନିଙ୍କୁ କହିଲେ। ଗ୍ରୁପ୍ ଆଡମିନି ତାଙ୍କୁ ୨୩ କୋଟି ଟଙ୍କା ଉଠାଇବାକୁ ଅନୁମତି ଦେଇଥିଲେ। ୨୦୨୪ ଅଗଷ୍ଟ ୨୧ ତାରିଖରେ ଯେତେବେଳେ ସେ ତାଙ୍କ ଟଙ୍କା ଉଠାଇବାକୁ ଚେଷ୍ଟାକଲେ, ତାଙ୍କୁ ତୁରନ୍ତ ଗ୍ରୁପ୍ ଆଡମିନ୍ ଗ୍ରୁପ୍‌ରୁ ହଟାଇ ଦେଇଥିଲେ ଏବଂ ତତ୍‌ପରେ କାରବାର ପାଇଁ ବ୍ୟବହୃତ ଆପ୍ ନିଷ୍କ୍ରିୟ ହୋଇଗଲା। ପରେ ସେ କ୍ରାଇମ୍‌ବ୍ରାଞ୍ଚ୍ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଏକ ମାମଲା ରୁଜୁକରିବା ପରେ କ୍ରାଇମ୍‌ବ୍ରାଞ୍ଚ୍‌ର ସାଇବର୍ କ୍ରାଇମ୍ ୟୁନିଟ୍, ମନି ଟ୍ରେଲ୍ ତର୍ଜମା କରି ଅଭିଯୋଗକାରୀ ମୁଖ୍ୟତଃ ୧୦୦ରୁ ଅଧିକ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ମୋଟ ୬.୮ କୋଟି ଟଙ୍କା ଟ୍ରାନ୍ସଫର୍ କରିଥିବା ଜାଣିବାକୁ ପାଇଥିଲେ। ସମସ୍ତ ଟଙ୍କା ଟ୍ରାନ୍ସଫର୍ ହୋଇଯିବା ପରେ ଏଟିଏମ୍, ଚେକ୍, ଟ୍ରାନ୍ସଫର୍ ଆଦି ମାଧ୍ୟମରେ ଖାତା ଧାରକମାନେ ଟଙ୍କା ପୁନଃ ଗ୍ରୁପ୍ ଆଡମିନିଙ୍କୁ ଦେଇଛନ୍ତି ଓ ନିଜେ ମଧ ସେ ବାବଦକୁ କମିଶନ ପାଇଛନ୍ତି। ଏବେ ସୁଦ୍ଧା ତଦନ୍ତାଧୀନ ସମସ୍ତ ବ୍ୟାଙ୍କ ଖାତା ସହ ମୋଟ ୧୬.୮୫ ଲକ୍ଷ ଟଙ୍କା ଫ୍ରିଜ୍ ହୋଇଛି ଓ ଅଭିଯୋଗକାରୀ ତାଙ୍କ ବ୍ୟାଙ୍କ ଖାତାରେ ୬.୮୦ ଲକ୍ଷ ଟଙ୍କା ଫେରସ୍ତ ପାଇଛନ୍ତି। ତଦନ୍ତ ସମୟରେ ସଂଗୃହୀତ ବ୍ୟାଙ୍କ ବିବରଣୀ ଏବଂ ଅନ୍ୟାନ୍ୟ ଦଲିଲରୁ ସିଆଇଡି ସିବି ଅଧିକାରୀଙ୍କ ଟିମ୍ ତାମିଲନାଡୁ, ଗୁଜୁରାଟ ଏବଂ ରାଜସ୍ଥାନ ଭଳି ରାଜ୍ୟରେ ମୋଟ ୨୪ ଅଭିଯୁକ୍ତଙ୍କୁ ସଫଳତାର ସହ ଚିହ୍ନଟ କରିଛନ୍ତି। ବୁଧବାର ସୁଦ୍ଧା ତାମିଲନାଡୁର ୯ ଅଭିଯୁକ୍ତ, ଗୁଜୁରାଟର ୮ ଓ ରାଜସ୍ଥାନରୁ ୭ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ ଆଦି ଜବତ କରି ସେ ସବୁର ତର୍ଜମା ଓ ବିଶ୍ଳେଷଣ କରି ୨୦୨୪ ଅକ୍ଟୋବର ୨୮ ତାରିଖରେ ୬ ଅଭିଯୁକ୍ତଙ୍କୁ ଅନୁଗୁଳ ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା। ଅବଶିଷ୍ଟ ୧୧ ଅଭିଯୁକ୍ତଙ୍କୁ ସେହି ଅନୁଗୁଳ ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତରେ ବୁଧବାର ହାଜର କରାଯାଇଛି। ପୁଣି ରାଜସ୍ଥାନରୁ ଆଉ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଉଛି। ଅନ୍ୟ ଏକ ସାଇବର ଅପରାଧ ମାମଲା ୪୭/୨୦୨୪ରେ ଉକ୍ତ ଟିମ୍ ରାଜସ୍ଥାନରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି ବୋଲି ଆୟୋଜିତ ସମ୍ମିଳନୀରେ ଏଡିଜି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

### ହାଇକୋର୍ଟରେ ସହର ସମସ୍ୟା ମାମଲା

## ତଳପଡ଼ିଆରେ ବାଲିଯାତ୍ରା କରିବାକୁ ପରାମର୍ଶ

**କଟକ,୩୦।୧୦/ଏନ୍ଏନ୍ଏସ୍:** ଉପର ପଡ଼ିଆରେ ବାଲିଯାତ୍ରା ନ କରିବାକୁ ହାଇକୋର୍ଟ ଆଜି କଟକ ସହର ସମସ୍ୟା ସମ୍ପର୍କିତ ଜନହିତ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ତେବେ ବାଲିଯାତ୍ରା ପାଇଁ କେବଳ ତଳପଡ଼ିଆକୁ ବ୍ୟବହାର କରାଯାଇପାରିବ କି ନାହିଁ ସେ ନେଇ ସ୍ପଷ୍ଟ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଛନ୍ତି। ଏହା ଉପରେ ବିଭିନ୍ନ ବିଭାଗ, ବ୍ୟବସାୟୀ, ଅନୁଷ୍ଠାନ ଏବଂ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆଡ୍‌ଭୋକେଟ୍ କମିଟି ସହ ବିଚାର ବିମର୍ଶ କରିବା ଲାଗି କଟକ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ଆଜି ହୋଇଥିଲାବେଳେ କେବଳ ତଳପଡ଼ିଆରେ ବାଲିଯାତ୍ରା ହେବା ସମ୍ଭବ କି ବୋଲି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏନେଇ ୭ ତାରିଖ ସୁଦ୍ଧା ନିଷ୍ପତ୍ତି ନେବା ପାଇଁ ହାଇକୋର୍ଟ କହିଛନ୍ତି । ଆସନ୍ତା ୭ ତାରିଖ ଦିନ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସୂଚନାଥାଉକି ଆସନ୍ତା ମାସ ୧୫ରୁ ଆରମ୍ଭ ହେବାକୁ ଯାଉଛି କଟକର ଐତିହାସିକ ବାଲିଯାତ୍ରା। ଏଥିପାଇଁ ଉପରପଡ଼ିଆ ଓ ତଳପଡ଼ିଆର ଅନ୍‌ଲାଇନ୍ ପ୍ଲଟ୍ ବୁକିଂ ପ୍ରକ୍ରିୟା ସରିଲାଣି। ପ୍ରତିଥର ଉପର ଓ ତଳପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହୁଏ । ତେଣୁ ହାଇକୋର୍ଟଙ୍କ ପରାମର୍ଶ ମୁତାବକ ଆଗକୁ କ'ଣ ପଦକ୍ଷେପ ନିଆଯାଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଶ୍ରଦ୍ଧାଳୁଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା

**ପୁରୀ,୩୦।୧୦/ଏନ୍ଏନ୍ଏସ୍:** ପୁଲିସ କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମିନା ପୁରୀ ଆସି ଜିଲ୍ଲାର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି। ଶ୍ରୀ ମନ୍ଦିର ଚତୁପାର୍ଶ୍ୱ ବୁଲିବା ସହ ପୁରୀ ଏସ୍‌ପି ବିନିତ ଅଗ୍ରୱାଲଙ୍କ ସହ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ ଆଲୋଚନା କରିଥିଲେ। ପବିତ୍ର ଦୀପାବଳିରେ ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ସମୀକ୍ଷା କରିଥିଲେ କେନ୍ଦ୍ରାଞ୍ଚଳ ଡିଆଇଜି। ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ବଡ଼ଦାଣ୍ଡିଆ ଡାକିବା ନେଇ ବ୍ୟବସ୍ଥା ଯାଞ୍ଚ କରାଯାଇଛି। କାର୍ତ୍ତିକ ମାସରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ବରିଷ୍ଠ ପୁଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ପବିତ୍ର ଦୀପାବଳିରେ ଶୃଙ୍ଖଳିତ ଦର୍ଶନ ସହ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦେକ୍ଷପ ଗ୍ରହଣ କରାଯାଇଛି।

## ଓର୍ମାସ୍ ଦ୍ୱାରା ଦୀପାବଳି ଉତ୍ସବ

**ପୁରୀ,୩୦।୧୦/ଏନ୍ଏନ୍ଏସ୍:** ଓର୍ମାସ୍ ଦ୍ୱାରା ଦୀପାବଳି ଉତ୍ସବ ୨୦୨୪ ଆୟୋଜିତ ହେଉଛି। ପୁରୀ ବଡ଼ଶଙ୍ଖ ଛକରେ ଚଳିତ ମାସ ୨୮ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁଇଟି ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍‌ଗୁଡ଼ିକରେ ପୁରୀର ମହିଳାମାନଙ୍କ ସାମୂହିକ ଉଦ୍ୟମ ଦ୍ୱାରା ହାତ ତିଆରି ଗୋବର ଦୀପ, ମାଟିର ଦୀପ, ବିଭିନ୍ନ ପ୍ରକାରର ତେଲ, ଅଗରବତୀ ଏବଂ ଅନ୍ୟାନ୍ୟ ହସ୍ତଶିଳ୍ପ ଉପଲବ୍ଧ ଅଛି। ଏହି ସାମଗ୍ରୀଗୁଡ଼ିକ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଛି ବୋଲି ଓରମାସ୍ ଜିଲ୍ଲା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ



**ଖୋର୍ଦ୍ଧା,୩୦।୧୦/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସମଗ୍ର ଶିକ୍ଷା ଖୋର୍ଦ୍ଧା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲ୍ଲାର ୧୧ ବ୍ଲକରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନେ ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀମାନଙ୍କୁ କାଉନ୍‌ସେଲିଂ ପାଇଁ ଆଇନା ଅନୁଷ୍ଠାନ, ଭୁବନେଶ୍ୱରରୁ ଆଲିଶ କିଣ୍ଡୋ ଏବଂ ବ୍ରେକ୍ ଥ୍ରୋ ଅନୁଷ୍ଠାନର ଅଫସାନା ବେଗମ ଉପସ୍ଥିତ ରହି ଦିଗଦର୍ଶନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଅମ୍ରିତା ପ୍ରୀତିନନ୍ଦା ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଜିଲ୍ଲା ବାଳିକା ଶିକ୍ଷା ସଂଯୋଜିକା ଡ. ପ୍ରଣିତା ସାବତ, ଖୋର୍ଦ୍ଧା ବ୍ଲକ ଶିକ୍ଷୟିତ୍ରୀ ଡ. ମମିତା ସାହୁ, ଶିକ୍ଷକ ଅଗାଧୁ ସେଠୀ ଓ ମୃତ୍ୟୁଞ୍ଜୟ ମହାପାତ୍ର କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁରୀରେ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ମାରକପତ୍ର



**ପୁରୀ,୩୦।୧୦/ଏନ୍ଏନ୍ଏସ୍:** ପୁରୀରେ ବାଲି କହିଲେ ଶିଳ୍ପ। ହୋଟେଲ କହିଲେ ଶିଳ୍ପ। ମନ୍ଦିର କହିଲେ ଶିଳ୍ପ। ତେବେ ଆବଶ୍ୟକ ଶିଳ୍ପ ଅଭାବରୁ ପୁରୀର ଆଖିଦୃଶିଆ ବିକାଶ ହୋଇପାରୁନାହିଁ। ଏଠାରେ ଅନେକ ପାଠପଢୁଆ ଯୁବକଯୁବତୀ ବେକାର। ପୁରୀ ବିକାଶ ପାଇଁ ନଡିଆ, ତାଳ ଓ ଲଙ୍କାଆମ୍ବ ଭିତ୍ତିକ ଶିଳ୍ପ ସହ ପର୍ଯ୍ୟଟନର ବିକାଶ ପାଇଁ ନୂଆ ସରକାର, ପୁରୀରେ ନୂଆ ଶିଳ୍ପ ପ୍ରତିଷ୍ଠା କରିବାକୁ ଓଡ଼ିଶା ଯୁବ ଚେତନା ସଂଗଠନ ରାଜ୍ୟ ସଭାପତି ବଦ୍ରି ମିଶ୍ର, ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ବିଜେପି ଯୁବମୋର୍ଚ୍ଚା ଅନ୍ୟତମ ମୁଖିଆ ଜୟନ୍ତ କୁମାର ଦାଶ, ଜାତୀୟ ମିଡିଆ ଫାଉଣ୍ଡେସନ୍ ସଭାପତି ରଶ୍ମିରଞ୍ଜନ ଦାଶ ଓ ରଞ୍ଜନ କୁମାର ସାହୁ, ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁଙ୍କ ସହ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ବିଭାଗୀୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ।




### ପତ୍ନୀ ହତ୍ୟା ମାମଲା

# ପୂର୍ବତନ ବିଧାୟକ ରାମମୂର୍ତ୍ତୀ ଗମାଙ୍ଗଙ୍କ ଆଜୀବନ ଦଣ୍ଡାଦେଶ କାଏମ୍

**କଟକ,୩୦।୧୦/ଏନ୍ଏନ୍ଏସ୍:** ପତ୍ନୀ ହତ୍ୟା ମାମଲାରେ ନିମ୍ନ ଅଦାଲତ ଗୁଣୁପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାମମୂର୍ତ୍ତୀ ଗମାଙ୍ଗଙ୍କୁ ପ୍ରଦାନ କରିଥିବା ଆଜୀବନ ଦଣ୍ଡାଦେଶ ହାଇକୋର୍ଟରେ କାଏମ୍ ରହିଛି। ହାଇକୋର୍ଟ ଆଜି ଶ୍ରୀ ଗମାଙ୍ଗଙ୍କ ଆବେଦନର ଶୁଣାଣି କରି ନିମ୍ନ ଅଦାଲତଙ୍କ ଆଜୀବନ ଦଣ୍ଡାଦେଶକୁ କାଏମ୍ ରଖିଛନ୍ତି। ସୂଚନାଯୋଗ୍ୟ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପତ୍ନୀ ଶଶୀରେଖାଙ୍କ ହତ୍ୟା ମାମଲାର ଶୁଣାଣି କରି ରାମମୂର୍ତ୍ତୀଙ୍କୁ ଆଇପିସିର ୩୦୨ ଦଫାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହିତ ତାଙ୍କୁ ୫୦ ହାଜର ଟଙ୍କାର ଜୋରିମାନା ଦାଖଲ କରିବାକୁ ଆଦେଶ ଦେଇଥିଲେ। ଜୋରିମାନା ଅନାଦେୟ ହେଲେ ତାଙ୍କୁ ଆଉ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ସେହିପରି ତଥ୍ୟ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଆଉ ୩ ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଟଙ୍କାର ଜୋରିମାନା ଦାଖଲ କରିବାକୁ ଆଦେଶ ଦେଇଥିଲେ। ଜୋରିମାନା ଅନାଦେୟ ତାଙ୍କୁ ଆଉ ଅଧିକ ୩ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟ ଶୁଣାଇଥିଲେ। ତେବେ ଏହିସବୁ ଦଣ୍ଡକୁ ହାଇକୋର୍ଟ କାଏମ୍ ରଖିଛନ୍ତି। ପ୍ରକାଶଯୋଗ୍ୟ, ୧୯୯୫ ମସିହା ଅଗଷ୍ଟ ୨୯ ତାରିଖରେ ଆସାମୀ ଶ୍ରୀ ଗମାଙ୍ଗ ଖାରବେଳ ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ପତ୍ନୀ ଶଶୀରେଖା ପାରିବାରିକ କଳହକୁ ନେଇ ବାଥ୍‌ରୁମ୍‌ରେ ଦେହରେ କିରାସିନି ଢାଳି ଆତ୍ମହତ୍ୟା କରିଛନ୍ତି। ପୁଲିସ୍ ଶଶୀରେଖାଙ୍କ ମୃତଦେହକୁ ଶ୍ରୀ ଗମାଙ୍ଗଙ୍କ ଏମ୍‌ଏଲ୍‌ଏ କ୍ୱାର୍ଟର୍‌ର ଗାଧୁଆ ଘରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରିଥିଲା। ମୃତ୍ୟୁବେଳକୁ ଶଶୀରେଖା ୫ ମାସର ଗର୍ଭବତୀ ଥିଲେ ରିପୋର୍ଟରୁ ଜଣାପଡ଼ିଥିଲା। ପୁଲିସ୍ ତଦନ୍ତବେଳେ ଶଶୀରେଖାଙ୍କୁ ହତ୍ୟା କରାଯାଇଛି ବୋଲି ପ୍ରମାଣ ପାଇବା ପରେ ଶ୍ରୀ ଗମାଙ୍ଗଙ୍କୁ ଗିରଫ କରିଥିଲା। ତେବେ ଗିରଫର ମାତ୍ର ଦୁଇମାସ ପରେ ରାମମୂର୍ତ୍ତୀ ଜାମିନରେ ଜେଲ୍‌ରୁ ମୁକୁଳିଥିଲେ। ଭୁବନେଶ୍ୱର ସ୍ୱତନ୍ତ୍ର ଅଦାଲତରେ ଏହି ମାମଲାର ଶୁଣାଣି ହୋଇ ୧୩ ପ୍ରାମାଣିକ ତଥ୍ୟ ଓ ୧୧ ଜଣଙ୍କ ସାକ୍ଷ୍ୟ ଆଧାରରେ ୨୦୨୩ ମସିହାରେ ରାମମୂର୍ତ୍ତୀ ଗମାଙ୍ଗଙ୍କୁ ଦୋଷୀ ସାବ୍ୟସ୍ତ କରି ଅଦାଲତ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ବିରୋଧ କରି ଶ୍ରୀ ଗମାଙ୍ଗ ହାଇକୋର୍ଟରେ ଆବେଦନ କରିଥିଲେ।




ନିତିଦିନ NITIDIN

DISPLAY CLASSIFIED

Every Day All Odisha Publications

For Booking
BHUBANESWAR : 9668817285
CUTTACK : 9937069825
advt@nitidin.com | advtnitidin@gmail.com

NURSING ADMISSION
GNM
Eligibility: +2Arts, Sc., Com.
Both Male & Female, Dur: 3yrs.
ANM
Eligibility: +2Pass-Only Female, Dur: 2yrs
MOTHER'S NURSING SCHOOL
120-Kalinga Nagar, K-1, Ghatikia, BBSR-3.
Permitted by: H&FW Dept., Govt of Odisha
Affiliated by: Indian Nursing Council, Delhi, Odisha Nursing Council, BBSR.
Contact: 9438004888
9861497933

Assured Success Technique
ADMISSION OPEN
B.ED / B.PED / M.ED
Academic Session: 2020-22
Under Acharya Nagrajun University, Guntur, A.P.
Equivalent to all Universities, Odisha.
SMECT
Satya Vihar, Bhubaneswar
Contact : 9040042064
9040042062, 8594948196

SALE
N.H side Prime location Stitiban Land for Sale in Jagannath Dham, Puri.
**Plot-1 Location** - Chandanpur Puri N.H. Bypass Road .Area - 0.25 Decimal Frontage to Road (N.H316) - 120ft.
**Plot-2 Location** - Chandanpur main market Area - 0.30 Decimal Frontage to Road (State Highway) - 200 ft.
Contact number -
9337399239, 9876546132

NARAYANI SCHOOL OF NURSING
GANDHI CHHAK, JAGATSINGHPUR
Few seats Available
GNM
ELIGIBILTY 40% (35% FOR SC/ST)
IN +2 ANY STREAM
SCHOLARSHIP AVAILABLE FOR SC/ST STUDENTS.
CONTACT:-
7008545532
9040707835
9778435741

ଅଗରବତି କମ୍ପାନୀ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ୍ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ
ପ୍ରତ୍ୟେକ ମେସିନ୍ ସହ
Raw Material Free
7682938106
8018493464

ସୂଚନା
ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଖବର କାଗଜରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ଦାବି ସମ୍ପୃକ୍ତ ବିଜ୍ଞାପନ ଦାତାଙ୍କର ନିଜସ୍ୱ ଅଟେ। ଏଥିପାଇଁ ଖବରକାଗଜ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇନଥାଏ କିମ୍ବା ଏଥିପାଇଁ ଖବରକାଗଜ କିମ୍ବା କୌଣସି କର୍ମକର୍ତ୍ତା ଉତ୍ତରଦାୟୀ ନୁହନ୍ତି। ପାଠକମାନେ ବିଜ୍ଞାପନଦାତାଙ୍କୁ କୌଣସି ଅର୍ଥରାଶି ପଇଠ କରିବା ପୂର୍ବରୁ ସମ୍ପୃକ୍ତ ସଂସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ନିଜେ ସଂଗ୍ରହ କରିବା ଆବଶ୍ୟକ।




# ଅରନ୍ୟା ଜୋହର

**ଭାଷାଗୁଡ଼ିକର ମୂଳ ଓ ପ୍ରାରମ୍ଭିକ ରୂପ ହେଉଛି କବିତା। ସାହିତ୍ୟିକ କଳାର ଏକ ରୂପ ହେଉଛି କବିତା। କବିର ସଂଗୀତମୟ ବା ଅନ୍ୟ କଳାତ୍ମକ ପ୍ରଭାବରୁ ଉତ୍ପନ୍ନ ହୁଏ କବିତା। କବିତାର ରହିଛି ଦୀର୍ଘକାଳୀନ ଓ ବିବିଧତାପୂର୍ଣ୍ଣ ଇତିହାସ ଯାହା ପୂରା ଦୁନିଆରେ ଭିନ୍ନ ଭିନ୍ନ ସ୍ତର ଦେଇ ବିକଶିତ ହୋଇଛି। କିଛି କବିତା ବିଶେଷ ସଂସ୍କୃତି ଓ ଶୈଳୀ ପାଇଁ ଅଦ୍ୱିତୀୟ ହୋଇଥାନ୍ତି। ଅନେକ ଆଧୁନିକ କବିତା କାବ୍ୟ ପରମ୍ପରାର ଆଲୋଚନାକୁ ମଧ୍ୟ ଦର୍ଶାଇଥାଆନ୍ତି। କବିତାର କଳା ସାକ୍ଷରତା ପୂର୍ବରୁ ସୃଷ୍ଟି ହୋଇଥାଇପାରେ। ଏହା ଲୋକ ମହାକାବ୍ୟ ଓ ଅନ୍ୟ ମୌଖିକ ଶୈଳୀଗୁଡ଼ିକ ଦ୍ୱାରା ବିକଶିତ ହୋଇଥାଇପାରେ ବୋଲି ଅନେକ ବିଦ୍ୱାନ ମତ ଦିଅନ୍ତି। ତେବେ ଏହା ମଧ୍ୟ ଜରୁରୀ ନୁହେଁ ଯେ କବିତା ଲେଖନ ପୂର୍ବରୁ ସୃଷ୍ଟି ହୋଇଛି। ତେବେ କବିମାନଙ୍କ ଅନୁସାରେ କବିତା ମନର ଅନୁଭୂତି ଓ ଭାବନାର ଅଭିବ୍ୟକ୍ତି। ଏହା ଅନୁଭୂତି ଓ ଭାବନାଗୁଡ଼ିକୁ କଳାତ୍ମକ ଭାବରେ ବ୍ୟକ୍ତ କରିଥାଏ। ଭାବାତ୍ମକ କବିତା ମନର ଭାବାତ୍ମକ ଅନୁଭୂତିକୁ ଅଭିବ୍ୟକ୍ତ କରିଥାଏ। ଏଥିରେ ଥାଏ ପ୍ରେମ, କରୁଣା, ଭକ୍ତି, ଉଦାସ, ଉତ୍ସାହ ପରି ଭାବନା। ତେବେ କବିମାନେ ଭାବନାଗୁଡ଼ିକୁ ରସାଭିଷିକ୍ତ ଅଭିବ୍ୟକ୍ତି ଦେଇଥାନ୍ତି ଓ ସାମାନ୍ୟ ଅଥବା ସ୍ପଷ୍ଟ ଭାବରେ ଗଭୀର ଯଥାର୍ଥକୁ ବର୍ଣ୍ଣନା କରିଥାନ୍ତି। ଏହିପରି ଜଣେ ଯୁବକବି ହେଉଛନ୍ତି ଅରନ୍ୟା ଜୋହର।**

ଅରନ୍ୟା ଜୋହର ୭ ସେପ୍ଟେମ୍ବର, ୧୯୯୮ରେ ଜନ୍ମଗ୍ରହଣ କରିଥିଲେ। ମୁମ୍ବାଇ ଠାରେ ତାଙ୍କର ସ୍କୁଲ୍ ଶିକ୍ଷା ସମାପ୍ତ ହୋଇଥିଲା। ଏହାପରେ ମୁମ୍ବାଇର ସୋଫିଆ କଲେଜରୁ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ ଅରନ୍ୟା। କିଶୋରାବସ୍ଥାରୁ ହିଁ ସ୍ତ୍ରୀ-ଦ୍ୱେଷର ମୁଦ୍ଦାଗୁଡ଼ିକୁ ନେଇ ସେ କବିତା ଲେଖିବା ଆରମ୍ଭ କରିଦେଇଥିଲେ। ମାତ୍ର ୧୨ ବର୍ଷ ବୟସରେ ପ୍ରଥମ ଥର ଦର୍ଶକମାନଙ୍କ ସମ୍ମୁଖରେ ସେ ତାଙ୍କର ପ୍ରସ୍ତୁତି ଦେଇଥିଲେ। ତାଙ୍କର ଏହି ପ୍ରଦର୍ଶନ ହୋଇଥିଲା ବାନ୍ଦ୍ରାଠାରେ। ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଆଟେନ୍ସନ୍ ଡେଫିସିଟ୍ ଡିଜ୍ଅର୍ଡର୍‌ରେ ଗ୍ରସ୍ତ ହୋଇଥିଲେ ଅରନ୍ୟା। ଏହି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କବିତାକୁ ମାଧ୍ୟମ ଭାବରେ ସେ ଆପଣାଇଥିଲେ। ମାନସିକ ସ୍ଥିତି ଉପରେ ଅଧ୍ୟୟନ କରି ଏହା ଉପରେ ସେ କବିତା ରଚନା କରନ୍ତି। ଏପରିକି ଏକ ପ୍ରଦର୍ଶନ ସମୟରେ ଜଣେ ବୟସ୍କ ବ୍ୟକ୍ତିଙ୍କ ଆଖିରେ ତାଙ୍କ କବିତା ଲୁହ ଭରିଦେଇଥିଲା। ଏହା ବ୍ୟତୀତ ଲୈଙ୍ଗିକ ସମାନତା, ମାନସିକ ସ୍ୱାସ୍ଥ୍ୟ ଓ ଶରୀରର ସକାରାତ୍ମକତା ପରି ମୁଦ୍ଦାଗୁଡ଼ିକ ପାଇଁ ସେ ସୋସିଆଲ୍ ମିଡିଆର ଉପଯୋଗ କରିଥାନ୍ତି। ସୌନ୍ଦର୍ଯ୍ୟ ମାନକଗୁଡ଼ିକ ସହିତ ସମ୍ମୁଖୀନ ହେବା ପାଇଁ ସ୍ଲାମ୍ ଓ ନାରୀବାଦୀ କବିତାର ସେ ବ୍ୟବହାର କରନ୍ତି। ସ୍ଲାମ୍ କବିତା ଏକ ପ୍ରକାରର ପ୍ରତିଯୋଗିତା ଯେଉଁଠାରେ ଲୋକମାନେ କୌଣସି ପ୍ରପ୍ସ, ବେଶଭୂଷା ବା ସଙ୍ଗୀତର ସାହାଯ୍ୟ ନନେଇ ନିଜ କବିତାଗୁଡ଼ିକୁ ପଢ଼ିଥାନ୍ତି। ସ୍ଲାମ୍ କବିତା ଯେକୌଣସି ବିଷୟବସ୍ତୁ ଉପରେ ରଚନା କରାଯାଇଥାଏ। ତେବେ ଅରନ୍ୟାଙ୍କର ପ୍ରଥମ ରିଲିଜ ହୋଇଥିବା ରଚନା ହେଉଛି 'ଏ ବ୍ରାଉନ୍ ଗାର୍ଲସ୍ ଗାଇଡ୍ ଟୁ ଜେଣ୍ଡର୍' ଯାହା ସୋସିଆଲ୍ ମିଡିଆରେ ହଲ୍‌ଚଲ୍ ସୃଷ୍ଟି କରିଦେଇଥିଲା। ଏହାକୁ ଅପ୍‌ଲୋଡ୍ କରିବାର ଦୁଇ ଦିନ ଭିତରେ ଲୋକମାନେ ୧ ମିଲିଅନ ଥର ଦେଖିଥିଲେ। ସେ ଫିଲ୍ମ 'ପ୍ୟାଡ୍‌ମ୍ୟାନ୍' ପାଇଁ ଅକ୍ଷୟ କୁମାରଙ୍କ ସହିତ ମିଶି ପ୍ରଥମ ଥର ବଲିଉଡ୍‌ରେ କୁହାଯାଇଥିବା ଶବ୍ଦଗୁଡ଼ିକୁ ଏକୀକୃତ କରିଥିଲେ। ତାଙ୍କୁ ବିଭିନ୍ନ କବି ଓ ସଂସ୍ଥାଗୁଡ଼ିକ ଦ୍ୱାରା ଆମନ୍ତ୍ରିତ କରି ସମ୍ମାନ ଦିଆଯାଇଛି। ସେ 'ସିରୋଜ୍ ସମିଟ୍ ୨୦୧୮'ର ମଧ୍ୟ ଅଂଶୀଦାର। ଏହା ମହିଳାମାନଙ୍କର ଏକ ସାମୁଦାୟିକ ମଞ୍ଚ। ଏହି ମଞ୍ଚ ମହିଳାମାନଙ୍କୁ ନିଜର କାହାଣୀକୁ ସେୟାର୍ କରିବାର ସୁଯୋଗ ଦିଏ ଓ ଏଥିରୁ ଅନ୍ୟ ମହିଳାମାନେ ପ୍ରେରଣା ପାଇଥାନ୍ତି।





ଅରନ୍ୟା ତାଙ୍କର ସାଙ୍ଗ ପ୍ରାଚୀ ମଶରୁଙ୍କ ସହିତ ମିଶି 'ମୋର୍ ଦାନ୍ ମାଇକ୍ସ' ନାମକ ସଂସ୍ଥାର ସ୍ଥାପନା କରିଛନ୍ତି। ଏହି ସଂସ୍ଥା କଳା (କବିତା, ସଙ୍ଗୀତ, କମେଡି ଆଦି) ପାଇଁ ରଚନାତ୍ମକ ମଞ୍ଚ ପ୍ରଦାନ କରିଥାଏ। ମଶରୁ ଭିଲେ ପାର୍ଲେର ଏକ ସ୍କୁଲ୍‌ରେ ପଢୁଛନ୍ତି କିନ୍ତୁ ଏମାନେ ପରସ୍ପର ସହିତ ପରିଚିତ ହୋଇଥିଲେ ଅନ୍‌ଲାଇନ୍ ମାଧ୍ୟମରେ। ଏମାନେ କାନାଡିଆନ୍ ର୍ୟାପର୍ ଡ୍ରାକ୍‌ଙ୍କ ପ୍ରତି ନିଜର ଭଲ ପାଇବା କାରଣରୁ ପରସ୍ପର ସହିତ ସମ୍ପର୍କରେ ଆସିଥିଲେ। ଅରନ୍ୟା ବ୍ଲାଇଣ୍ଡ୍ ପୋଏଟ୍ରି ସେସନ୍ସର କ୍ୟୁରେଟର୍ ମଧ୍ୟ ଅଛନ୍ତି। ଏହା କବିତାର ରାତିର ଏକ ଶୃଙ୍ଖଳା। ବ୍ଲାଇଣ୍ଡ୍ ପୋଏଟ୍ରି ନାଇଟ୍ ଏକ ଅନ୍ଧାର କୋଠରିରେ ଅନୁଷ୍ଠିତ ହୁଏ ଯାହାର କବି ଜଣେ ଅଜ୍ଞାତ ବ୍ୟକ୍ତି ହୋଇଥାନ୍ତି। ଏହା ଖୁବ୍ ଭଲ ଭାବରେ କାମ କରେ କାରଣ କୌଣସି କାମକୁ ରୂପ ବା ବୟସର ଆଧାରରେ ଅଙ୍କାଯାଏ ନାହିଁ। ସେଠାରେ ଦର୍ଶକମାନଙ୍କୁ ନିଜର ପ୍ରଶଂସାକୁ ଦର୍ଶେଇବା ପାଇଁ ଚମକଥିବା ବାଡ଼ି ଦିଆଯାଇଥାଏ। ସେ ସହରର ଅନ୍ୟ କବିତା କାର୍ଯ୍ୟକ୍ରମଗୁଡ଼ିକର ମଧ୍ୟ କ୍ୟୁରେଟର୍ ଅଛନ୍ତି। 'ଥ୍ରୋବ୍ୟାକ୍ ଥର୍ସଡେ' ନାମକ ଏହି କାର୍ଯ୍ୟକ୍ରମରେ କବି ନିଜର ପ୍ରଥମ ରଚନା ସହିତ ସଦ୍ୟ ରଚିତ ରଚନାଗୁଡ଼ିକୁ ମଧ୍ୟ ପଢ଼ିଥାନ୍ତି। ଏହି କବିତାଗୁଡ଼ିକର ବିଚାର ଓ ଲେଖନ କୌଶଳର ବିକାଶକୁ କ୍ୟୁରେଟ୍ ଓ ମୂଲ୍ୟାଙ୍କନ କରିଥାନ୍ତି ଅରଣ୍ୟା। ସେ ଆଜ୍ ତକ୍ ଓ ଇଣ୍ଡିଆ ଟୁଡେ ପରି ମିଡିଆର ସହଯୋଗରେ ଭିଡେଲ୍ ଦ୍ୱାରା ଲୈଙ୍ଗିକ ସମାନତା ପାଇଁ ଏକ କବିତା, ନିଜର ଅଧିକାରଗୁଡ଼ିକୁ ଜାଣିବା ପାଇଁ ସମର୍ଥନ ଓ ପ୍ରସ୍ତୁତି ଦେଇଛନ୍ତି। ଏମ୍ମା ୱାଟ୍‌ସନ (ହଲିଉଡ୍ ଅଭିନେତ୍ରୀ)ଙ୍କ ସହିତ ମଞ୍ଚ ସେୟାର୍ କରିବା, ଜି୭ ପାଇଁ ଲୈଙ୍ଗିକ ସମାନତା ପରାମର୍ଶଦାତା ପରିଷଦର ସବୁଠାରୁ କମ୍ ବୟସର ସଦସ୍ୟା ପଦରେ ରହିଛନ୍ତି ଅରନ୍ୟା। ଅରନ୍ୟା ତାଙ୍କର ପ୍ରଥମ ଟେଡ୍‌ଏକ୍ସ ଟକ୍ ଆଇସିଟି, ମୁମ୍ବାଇଠାରେ ଦେଇଥିଲେ।



କବି, ନାରୀବାଦୀ, ଯୁବନେତ୍ରୀ, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତା ଭାବରେ ଅରନ୍ୟାଙ୍କର ପରିଚୟ ରହିଛି। ଏହା ହେଉଛି ତାଙ୍କର ଶାନ୍‌ଦାର କ୍ୟାରିୟର୍‌ର ଏକ ଦିଗ। ଅରନ୍ୟା ତାଙ୍କର ପିଲାଦିନରୁ ନାରୀବାଦୀ ସମ୍ପର୍କରେ ପଢ଼ିବା ଓ ଲେଖିବା ଆରମ୍ଭ କରିଦେଇଥିଲେ। ନାରୀବାଦୀର ଅବଧାରଣା ସହିତ ସେ ତାଙ୍କ ଭାଇ ଅଙ୍କୁରକୁ ମଧ୍ୟ ପରିଚିତ କରାଇଥିଲେ। ତାଙ୍କ ଭାଇ ଜଣେ ର୍ୟାପର୍ ଯିଏ ନାରୀବାଦୀର ଅବଧାରଣାକୁ ସଠିକ୍ ଭାବରେ ବୁଝିଛନ୍ତି ଓ ଏହି ଦିଗରେ ତାଙ୍କୁ ଅଧିକ ପଢ଼ିବା ପାଇଁ ପ୍ରୋତ୍ସାହନ ଦେଇଛନ୍ତି ଅରନ୍ୟା। ଅରନ୍ୟାଙ୍କର ପ୍ରଗତିକୁ ଦେଖିବା ପରେ ତାଙ୍କୁ ମିସେଲ୍ ଓବାମା ଓ ଆସ୍ଲେ ଗ୍ରାହମଙ୍କ ସହିତ ସେହି ଦଶ ଜଣ ମହିଳାଙ୍କ ସୂଚୀରେ ସାମିଲ କରାଯାଇଥିଲା।

# ଶ୍ୟାମାକାଳୀ ପୂଜା

ଦୀପାବଳିର ପାଞ୍ଚ ଦିନ ମଧ୍ୟରୁ ପ୍ରଥମ ଦିନଟିକୁ ଲୋକମାନେ ଧନତେରସ୍ ଭାବରେ ପାଳନ କରନ୍ତି। ଦ୍ୱିତୀୟ ଦିନଟିକୁ ନରକ ଚତୁର୍ଦ୍ଦଶୀ ବା ଛୋଟ ଦୀପାବଳି ଭାବରେ ପାଳନ କରାଯାଏ। ଭଗବାନ ଶ୍ରୀକୃଷ୍ଣ ଏହି ଦିନ ନରକାସୁରର ବଧ କରିଥିଲେ। ତୃତୀୟ ଦିନଟି ଦୀପାବଳି ପର୍ବର ମୁଖ୍ୟ ଦିନ। ସେଦିନ ମାତା ଲକ୍ଷ୍ମୀ, ମାତା ସରସ୍ୱତୀ ଓ ଗଣେଶ ଭଗବାନଙ୍କୁ ଲୋକମାନେ ପୂଜା କରି ଆବାହନ କରନ୍ତି। ଚତୁର୍ଥ ଦିନରେ ଗୋବର୍ଦ୍ଧନ ପୂଜା କରାଯାଏ। ମାନ୍ୟତା ଅନୁସାରେ ଏହି ଦିନ ଭଗବାନ ଶ୍ରୀକୃଷ୍ଣ ଇନ୍ଦ୍ର ଦେବତାଙ୍କ କ୍ରୋଧର ଫଳସ୍ୱରୂପ ହୋଇଥିବା ମୂଷଳଧାରା ବର୍ଷାରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଗୋବର୍ଦ୍ଧନ ପର୍ବତକୁ ତାଙ୍କର ଛୋଟ ଆଙ୍ଗୁଳି ସାହାଯ୍ୟରେ ଉଠାଇ ଧରିଥିଲେ। ସେଦିନ ମହିଳାମାନେ ଘର ବାହାରେ ଗୋବର ପୂଜା କରନ୍ତି। ଦୀପାବଳି ପର୍ବର ଶେଷ ଦିନଟି ହେଉଛି ଭାଇଦୁଜ। ସେଦିନ ଭଉଣୀ ତା'ଭାଇ ହାତରେ ରକ୍ଷା ସୂତ୍ର ବାନ୍ଧିଥାଏ ଓ ଟିକା ଲଗାଇଥାଏ। ଦୀପାବଳି ଅମାବାସ୍ୟା ଦିନ ପୂଜା ପାଆନ୍ତି ମା'କାଳୀ। କଳିଯୁଗରେ ମା'ଦୁର୍ଗା, କାଳିକା, ଭୈରବ, ଶନିଦେବ ଓ ଭଗବାନ ହନୁମାନଙ୍କୁ ଜାଗ୍ରତ ଦେବାଦେବୀ ଭାବରେ ପୂଜା କରାଯାଉଛି। ଭଗବାନ ଶଙ୍କରଙ୍କର ପ୍ରଥମ ପତ୍ନୀ ଥିଲେ ଦକ୍ଷ-ପ୍ରସୁତି କନ୍ୟା ସତୀ। ଦ୍ୱିତୀୟ ଥିଲେ ହିମାଳୟ ପୁତ୍ରୀ ପାର୍ବତୀ। ତୃତୀୟ ଥିଲେ ଉମା ଓ ଚତୁର୍ଥ ଥିଲେ ମା' କାଳୀ। କାଳିକାଙ୍କ ଉପାସନା ଜୀବନରେ ସୁଖ, ଶାନ୍ତି ପ୍ରଦାନ କରିଥାଏ। ସେ ହେଉଛନ୍ତି ଶକ୍ତି, ବିଦ୍ୟାଦାତ୍ରୀ। ଦଶଟି ମହାବିଦ୍ୟା ମଧ୍ୟରୁ ସାଧକ ମହାକାଳୀଙ୍କ ସାଧନାକୁ ସବୁଠାରୁ ଶକ୍ତିଶାଳୀ ଓ ପ୍ରଭାବଶାଳୀ ମାନନ୍ତି ଯାହା ଯେକୌଣସି କାର୍ଯ୍ୟକୁ ତୁରନ୍ତ ପରିଣାମ ଦେଇଥାଏ। ସାଧନାକୁ ସଠିକ୍ ଭାବରେ କରିପାରିଲେ ସାଧକମାନଙ୍କୁ ଅଷ୍ଟସିଦ୍ଧି ପ୍ରାପ୍ତ ହୁଏ। ମା'କାଳୀଙ୍କର ପୂଜା ବା ସାଧନା ପାଇଁ କୌଣସି ଗୁରୁ ବା ଜ୍ଞାନୀ ବ୍ୟକ୍ତିଙ୍କର ସାହାଯ୍ୟ ନିଆଯାଏ। ଦଶଟି ମହାବିଦ୍ୟା ମଧ୍ୟରୁ ଅନ୍ୟତମ ମା'କାଳୀଙ୍କର ଚାରୋଟି ରୂପ ରହିଛି- ଦକ୍ଷିଣ କାଳୀ, ଶ୍ମଶାନ କାଳୀ, ମାତୃ କାଳୀ ଓ ମହାକାଳୀ। ମା' କାଳୀଙ୍କର ସାଧନାର ଅନେକ ରୂପ ରହିଛି କିନ୍ତୁ ଭକ୍ତମାନେ କେବଳ ସାତ୍ତ୍ୱିକ ଭକ୍ତି କରିବା ଉଚିତ। ଶ୍ମଶାନ କାଳୀ, କାମକଳା କାଳୀ, ଗୁହ୍ୟ କାଳୀ, ଅଷ୍ଟ କାଳୀ, ଦକ୍ଷିଣ କାଳୀ, ସିଦ୍ଧ କାଳୀ, ଭଦ୍ର କାଳୀ ଆଦି କେତେକ ନାମରେ ମା'ଙ୍କର ସାଧନା କରାଯାଏ। ପୂରା ଶ୍ରଦ୍ଧାପୂର୍ବକ ମହାକାଳୀଙ୍କର ପୂଜା ଆରାଧନା କରିପାରିଲେ ସମସ୍ତ ମନୋକାମନା ପୂର୍ଣ୍ଣ ହୋଇଥାଏ ଓ ମା'ଙ୍କ ଆଶୀର୍ବାଦରୁ ଜୀବନରେ ପରିବର୍ତ୍ତନ ହୋଇଥାଏ।



## ଖାଦ୍ୟଶାଳ

# ରସମଲାଇ ମୋଦକ

***ମିଠେଇ ଓ ମିଠାଯୁକ୍ତ ଅନ୍ୟ ଖାଦ୍ୟପଦାର୍ଥ ବିନା ଦୀପାବଳି ପରି ବଡ଼ ପର୍ବ ଅସମ୍ପୂର୍ଣ୍ଣ ହେବା ପରି ମନେହୁଏ। ତେଣୁ ପାଞ୍ଚ ଦିନ ଧରି ଚାଲୁଥିବା ଏହି ପର୍ବର ଆରମ୍ଭ ହେବା ଦିନରୁ ସବୁ ପ୍ରକାରର ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଏହା ଏପରି ଏକ ପର୍ବ ଯେଉଁଥିରେ ଲୋକମାନେ କେବଳ ନିଜ ପରିବାର ସହିତ ନୁହେଁ ନିଜର ସାଙ୍ଗସାଥି ଓ ସମ୍ପର୍କୀୟମାନଙ୍କ ସହିତ ମିଶି ଖୁସି ବାଣ୍ଟିଥାନ୍ତି। ଦୀପାବଳି ପର୍ବରେ ପୂଜାପାଠର ମହତ୍ତ୍ୱ ଅଧିକ ଥାଏ। ତେଣୁ ରସମଲାଇ ମୋଦକ ତିଆରି କରି ପ୍ରସାଦ ଲଗାଇପାରିବେ।***




ଆବଶ୍ୟକ ସାମଗ୍ରୀ- ପନିର୍-୨୫୦ ଗ୍ରାମ, ମିଲ୍କ ପାଉଡର୍-ଅଧା କପ୍, ଚିନି ପାଉଡର୍-ଅଧା କପ୍, କେଶରମିଶା କ୍ଷୀର- ୨ ଚାମଚ, ଦେଶୀ ଘିଅ-ଅଧା ଚାମଚ, କଟାଯାଇଥିବା ପିସ୍ତା, ମଲାଇ ଏସେନ୍ସ।

ପ୍ରଣାଳୀ-ପନିର୍‌କୁ ଖଣ୍ଡ ଖଣ୍ଡ କରି ପେଷ୍ଟ କରିବେ। ଏକ ନନ୍‌ଷ୍ଟିକ୍ ପ୍ୟାନ୍‌ରେ ଘିଅ ଗରମ କରି ପେଷ୍ଟ ହୋଇଥିବା ପନିର୍ ଓ ମିଲ୍କ ପାଉଡର୍ ମିଶାଇ ଚଳାନ୍ତୁ। ପେଷା ଯାଇଥିବା ଚିନି ମିଶାଇ ମଧ୍ୟମ ଆଞ୍ଚରେ ଗ୍ୟାସ୍‌ର ଆଞ୍ଚକୁ ରଖି ଲଗାତର ଚଲେଇବା ସହିତ ଏହାକୁ ଭଲ ଭାବରେ ଭାଜିନିଅନ୍ତୁ। ଏହାପରେ କେଶରମିଶା କ୍ଷୀର ଢ଼ାଳି ଦୁଇ ବୁନ୍ଦ ମଲାଇ ଏସେନ୍ସ ପକାଇବେ। ଲଗାତର ଏହି ମିଶ୍ରଣକୁ ଚଲେଇବା ସହିତ ଶୁଖିଲା କରିବା ପର୍ଯ୍ୟନ୍ତ ଅପେକ୍ଷା କରିବେ। ମୋଦକ ତିଆରି ଛାଞ୍ଚକୁ ହାଲୁକା ଗ୍ରୀସ୍ କରି କଟାଯାଇଥିବା ପିସ୍ତାକୁ ମିଶ୍ରଣରେ ମିଶାଇ ଅଳ୍ପ ଗରମ ଥିବାବେଳେ ମୋଦକ ତିଆରି କରନ୍ତୁ। ଏହି ମୋଦକକୁ ଦୀପାବଳି ଦିନ ପ୍ରସାଦ ଭାବରେ ଅର୍ପଣ କରି ପରିବାର ସହିତ ବାଣ୍ଟି ଖାଆନ୍ତୁ।

# ଦୀପାବଳି ପାର୍ଟି ପାଇଁ...

ଆଲୋକ ଓ ଉତ୍ସାହର ପର୍ବ- ଦୀପାବଳି। ଏହି ଦିନ ମହିଳାମାନେ ସଜହୋଇ ପୂଜାପାଠ କରିବା ସହିତ ନିଜ ଘରକୁ ବିଭିନ୍ନ ପ୍ରକାରର ରଙ୍ଗୋଲି, ଆଲୋକମାଳା, ଦୀପ ଆଦି ଦ୍ୱାରା ସଜାଇ ଥାଆନ୍ତି। ତେବେ ବଡ଼ ବଡ଼ ସହରଗୁଡ଼ିକରେ ଦୀପାବଳି ଦିନ ପାର୍ଟି ଆଦିର ଆୟୋଜନ କରିବାର ଟ୍ରେଣ୍ଡ୍ ଦ୍ରୁତଗତିରେ ବୃଦ୍ଧିପାଇ ଚାଲିଛି। ଦୀପାବଳିର ଏକ ଦିନ ପୂର୍ବରୁ କିମ୍ବା ଦୀପାବଳି ଦିନ ସାଙ୍ଗସାଥିଙ୍କ ସହିତ ମହିଳାମାନେ ପାର୍ଟି ଆଦିର ଆୟୋଜନ କରିଥାନ୍ତି ଓ ଏହା ସହିତ ମଉଜମସ୍ତି କରିଥାନ୍ତି। ଏପରି ପାର୍ଟିଗୁଡ଼ିକରେ ଯଦି ଆପଣ ସାମିଲ ହେବାକୁ ଯାଉଛନ୍ତି ତେବେ ଇଭେଣ୍ଟ୍ ପାଇଁ କେତେକ ଟ୍ରେଣ୍ଡି ଷ୍ଟାଇଲ୍‌କୁ ଫଲୋ କରିବାକୁ ଭୁଲନ୍ତୁ ନାହିଁ। ଏଠାରେ କିଛି ଶାନ୍‌ଦାର ସେଲିବ୍ରିଟି ଷ୍ଟାଇଲ୍ ଆଇଡିଆଜ୍ ବିଷୟରେ ସେୟାର୍ କରାଯାଉଛି।





## ଫ୍ୟାସନ୍

**ଏଥିନିକ୍ ଆଉଟ୍‌ଫିଟ୍-**
ଦୀପାବଳିରେ ଏଥିନିକ୍ ଓ ଫ୍ୟୁଜନ୍ ୱିଅର୍‌ର ଚଳନ ଦେଖିବାକୁ ମିଳେ। ସେଲିବ୍ରିଟିଙ୍କ ମଧ୍ୟରେ ଅନନ୍ୟା ପାଣ୍ଡେ, ସାରା ଅଲୀ ଖାନଙ୍କ ପରି ଅଭିନେତ୍ରୀମାନେ ପିନ୍ଧିଥିବା ସୁନ୍ଦର ସୁନ୍ଦର ଲେହେଙ୍ଗା, ଶରାରା ଆଦି ଖୁବ୍ ଟ୍ରେଣ୍ଡ୍‌ରେ ରହିଛି। ତେଣୁ ନୂଆ ଷ୍ଟାଇଲ୍‌ର ଶରାରା ଓ ଘେରଦାର କୁର୍ତ୍ତା ସହିତ ସିଲ୍‌କ ବା ଶିଫନ୍‌ର ଦୁପଟ୍ଟାର କମ୍ବିନେସନ୍ ଦୀପାବଳି ଲୁକ୍‌କୁ ଆହୁରି ଆକର୍ଷଣୀୟ କରିବ।

**ଫ୍ୟୁଜନ୍-**
ଦୀପାବଳିରେ କିଛି ନୂଆ ଟ୍ରାଏ କରିବାକୁ ଚାହୁଁଥିଲେ ଫ୍ୟୁଜନ୍ ୱିଅର୍ ପିନ୍ଧନ୍ତୁ। ନିକଟରେ ସୋନମ୍ କପୁରଙ୍କ ଇଣ୍ଡୋ-ୱେଷ୍ଟର୍ଣ୍ଣ ଷ୍ଟାଇଲ୍ ବେଶ୍ ଲୋକପ୍ରିୟ ହୋଇଥିଲା। ଏଥିରେ ଜ୍ୟାକେଟ୍ କୁର୍ତ୍ତା ବା ଧୋତି ପ୍ୟାଣ୍ଟ୍ ସହିତ ସେ ବେଲ୍ଟେଡ୍ କୁର୍ତ୍ତାକୁ ଷ୍ଟାଇଲ୍ କରିଥିଲେ। ଏହା ଆଧୁନିକ ଲୁକ୍ ଦେବା ସହିତ ଫ୍ୟାସନ୍ ସେନ୍ସକୁ ଆହୁରି ବୃଦ୍ଧି କରେଇବ।

**ଶାଢ଼ି-**ଶାଢ଼ି ହେଉଛି ଏକ କ୍ଲାସିକ୍ ପସନ୍ଦ ଯାହାକୁ ଦୀପାବଳିର ପାର୍ଟିରେ ପିନ୍ଧିପାରିବେ। ଏହା ଏବେ ଟ୍ରେଣ୍ଡ୍‌ରେ ରହିଛି। ବନାରସୀ ପରି ଦାମୀ ଶାଢ଼ିକୁ ମଡର୍ଣ୍ଣ ବ୍ଲାଉଜ୍ ସହିତ ଷ୍ଟାଇଲ୍ କରନ୍ତୁ। ଏହା ସହିତ ବଡ଼ ବଡ଼ ଝୁମ୍‌କା ଓ ବ୍ୟାକ୍ ବନ୍ ହେୟାର୍ ଷ୍ଟାଇଲ୍ ଆପଣଙ୍କ ଲୁକ୍‌କୁ ଆକର୍ଷଣୀୟ କରିବ।

**ଶିମରୀ ଓ ଗ୍ଲିଟରୀ ଲୁକ୍-**
ଏହି ଦୁଇ ପ୍ରକାରର ଡ୍ରେସେସ୍ ପିନ୍ଧିପାରିବେ ଦୀପାବଳି ପାର୍ଟିରେ। କିୟାରା ଆଡ୍‌ଭାନୀ ଓ ଜାହ୍ନବୀ କପୁରଙ୍କୁ ଏହି ପ୍ରକାରର ଡ୍ରେସ୍‌ରେ ଅନେକ ଥର ଦେଖିବାକୁ ମିଳିଛି। ଗୋଲ୍ଡେନ୍ ବା ସିଲ୍‌ଭର ଶିମର ଶାଢ଼ି ବା ଗାଉନ୍ ଆପଣଙ୍କ ଲୁକ୍‌କୁ ଏଲିଗାଣ୍ଟ୍ ଟଚ୍ ଦେବ। ଏହା ସହିତ ସଟଲ୍ ମେକ୍‌ଅପ୍ ଓ ହାଇ ହିଲ୍ସ ଆପଣଙ୍କ ଲୁକ୍‌କୁ ପୂରା କରିବ।

ଏସବୁ ଆଉଟ୍‌ଫିଟ୍ ସହିତ ପୋଲ୍‌କି, ପର୍ଲ ବା କୁନ୍ଦନ ଜ୍ୱେଲେରୀକୁ ମ୍ୟାଚ୍ କରି ପିନ୍ଧନ୍ତୁ। ମେଟାଲିକ୍ ବ୍ୟାଗ୍ ଓ ପାରମ୍ପରିକ ଫୁଟ୍‌ୱିଅର୍ ପରି କୋହ୍ଲାପୁରୀ ବା ପଞ୍ଜାବୀ ଜୋତି ଫ୍ୟାସନ୍ ଗେମ୍ସକୁ ଆହୁରି ଉନ୍ନତମାନର କରିବ।



## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** – ଆଜି ପୁଣି ଥରେ ପ୍ରେମରେ ପଡ଼ିଯିବେ। ଖୁବ୍ ଭଲ ବ୍ୟବସାୟିକ ପରିଣାମ ମିଳିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଆଜି ଗମ୍ଭୀର ସମସ୍ୟା ଆସିପାରେ। ଆର୍ଥିକ ଜୀବନ ଖୁବ୍ ବଢ଼ିଆ ରହିବ।

**ବୃଷ** – କୌଣସି ଖାସ୍ ଲୋକ ସହିତ ଆଜି ସାକ୍ଷାତ ହୋଇପାରେ। ଦିନଟିର ଦ୍ୱିତୀୟ ଭାଗଟି ପ୍ରପୋଜ୍ କରିବା ପାଇଁ ଶୁଭ। ପେସାଗତ ଜୀବନରେ ବ୍ୟସ୍ତତା ରହିବ। କିଛି ଅଧିକାରୀ ନୂଆ କାର୍ଯ୍ୟାଳୟକୁ ଯାଇପାରନ୍ତି।

**ମିଥୁନ** – ଖୁସି ରହିବା ପାଇଁ ସମସ୍ୟାଗୁଡ଼ିକୁ ଦୂର କରିବେ। ବ୍ୟବସାୟିକ ଦୃଷ୍ଟିରୁ ଦିନଟି ସକାରାତ୍ମକ। ଆର୍ଥିକ ପକ୍ଷରେ ସୁଧାର ମିଳିବ। ସ୍ୱାସ୍ଥ୍ୟରେ ସୁଧାର ହେବ। ବରିଷ୍ଠ ଲୋକମାନେ ଧନର ବିଭାଜନ କରିବେ।

**କର୍କଟ** – ଆଗକୁ ବଢ଼ିବାର ସମୟ। ବ୍ୟକ୍ତିଗତ ଓ ବ୍ୟବସାୟିକ ଜୀବନରେ ବଡ଼ ପଦକ୍ଷେପ ଉଠାଇ ପାରନ୍ତି। ଧ୍ୟାନ କେନ୍ଦ୍ରିତ ରଖିବେ। ଆଜିର ତାରକା ଆପଣଙ୍କ ପକ୍ଷରେ ଅଛନ୍ତି। ଆର୍ଥିକ ସ୍ଥିରତା ରହିବ କିନ୍ତୁ ସତର୍କ ରହିବେ।

**ସିଂହ** – ପ୍ରେମ ଜୀବନରେ ରୋମାନ୍ସ ରହିବ। ସାଥୀ ପାଇଁ ସମୟ ବାହାର କରିବେ। ଲକ୍ଷ୍ୟ ପ୍ରାପ୍ତି ପାଇଁ ନୂଆ ବିଚାର ଆଣନ୍ତୁ। ପ୍ରୟାସ ଜାରି ରହୁ। ନୂଆ ବ୍ୟାପାରର ଆରମ୍ଭ କରିବା ପାଇଁ ସଠିକ୍ ସମୟ।

**କନ୍ୟା** – ସମ୍ପର୍କର ସବୁ ମୁଦ୍ଦାକୁ ସାବଧାନତାର ସହିତ ସମ୍ଭାଳିବେ। ସମ୍ବେଦନଶୀଳ ଜାତକରେ ସମ୍ପର୍କର ତାଳମେଳ ରହିବ। ନୂଆ ପ୍ରେମ ସମ୍ବନ୍ଧ ସୃଷ୍ଟି ହେବ। ଗ୍ରାହକମାନଙ୍କୁ ଧୈର୍ଯ୍ୟର ସହିତ ଡିଲ୍ କରିବେ। ଭାବନାତ୍ମକ ନିର୍ଣ୍ଣୟ ନେବା ଅନୁଚିତ।

**ତୁଳା** – ପରିସ୍ଥିତି ଅନୁସାରେ ଢ଼ଳିବାର ବିଶେଷ ଗୁଣ ରହିଛି। ଚିନ୍ତାକରି କାମ କରିଲେ ସଫଳତା ହାସଲ ହେବ। କ୍ୟାରିୟର୍, ଫାଇନାନ୍ସ ବା ଲଭ୍ ଲାଇଫ୍‌ରେ ବାଦବିବାଦ ନକରିଲେ ଭଲ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ।

**ବିଛା** – ଆତ୍ମବିଶ୍ୱାସ ଯଦି ରହିଛି ମନୋବଳ ପ୍ରଭାବିତ ହେବନାହିଁ। ପ୍ରେମ ଜୀବନ ଆନନ୍ଦମୟ ରହିବ। ମନଖୋଲା କଥାବାର୍ତ୍ତା ସମସ୍ୟାର ସମାଧାନ କରିବ। ଆଧିକାରିକ ଦାୟିତ୍ୱରେ ବ୍ୟସ୍ତ ରହିବେ। ବିତ୍ତୀୟ ସମସ୍ୟା ସ୍ଥାୟୀ ନୁହେଁ।

**ଧନୁ** – ଦୂରରେ ରହୁଥିବା ଲୋକମାନଙ୍କୁ ସାଥୀ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ନୂଆ ପ୍ରେମ ଆରମ୍ଭ ହୋଇପାରେ। ପ୍ରପୋଜ୍ କରିବା ପାଇଁ ସଂକୋଚ ନକଲେ ଭଲ। ଧନ ସମ୍ବନ୍ଧୀୟ ବିବାଦର ସମାଧାନ ହେବ।

**ମକର** – ଆର୍ଥିକ ଭାବରେ ସୁଖୀ ଓ ସମୃଦ୍ଧ ରହିବେ। ସ୍ୱାସ୍ଥ୍ୟ ଭଲ ରହିବ। ବେକାର କଥା ଉପରେ ଚର୍ଚ୍ଚା ନକଲେ ଭଲ। ଆଜି ପେସାଗତ ଜୀବନ ପାଇଁ ଦିନଟି ଉତ୍ତମ। ସବୁ କାର୍ଯ୍ୟ ପୂରା କରିବେ। ରିୟଲ୍ ଇଷ୍ଟେଟ୍‌ରେ ନିବେଶ କରିପାରନ୍ତି।

**କୁମ୍ଭ** – ପୁରୁଣା ବିବାଦର ସମାଧାନ କରିବେ। ବିବାହିତଙ୍କୁ ଏପରି ସମସ୍ୟାରୁ ବଞ୍ଚିବାକୁ ହେବ। ସମ୍ପର୍କରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ବିଦେଶ ଯିବାର ଯୋଜନାରେ ସଫଳ ହେବେ। ବ୍ୟବସାୟୀଙ୍କୁ ଧନ ଜୁଟେଇବାରେ ସମସ୍ୟା ହେବ ନାହିଁ।

**ମୀନ** – ଆତ୍ମବିଶ୍ୱାସରେ ଭରି ରହିବେ।ଜୀବନସାଥିର ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ସମ୍ପତ୍ତି ଆୟର ସାଧନ ହେବେ। ଭାଇ-ଭଉଣୀଙ୍କ ସାନ୍ନିଧ୍ୟ ଓ ସହଯୋଗ ପାଇବେ। ଆତ୍ମସଂଯମ ରହିବେ। ପରିବାରରେ ଧାର୍ମିକ କାର୍ଯ୍ୟ ହେବ।

ନିତିଦିନ NITIDIN



# ଭତ୍ତା ଓ ରାସନକାର୍ଡ ହିତାଧିକାରୀ ଚିହ୍ନଟ ପାଇଁ ନୂତନ ସର୍ଭେ କରିବାକୁ ଦାବି

**କଣ୍ଟିଲୋ,୩୦।୧୦/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରମୁଖ ପର୍ଯ୍ୟଟନସ୍ଥଳ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ ଗ୍ରାମ ପଞ୍ଚାୟତରେ ବର୍ତ୍ତମାନ ଆଜିକା ଦିନରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ଦିଆଯାଇଥିବା ବିଭିନ୍ନ ଭତ୍ତା ତଥା ରାସନ ବଣ୍ଟନରେ ଘୋର ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ସୂଚନାରୁ ଜଣାପଡ଼ିଛି ଯେ, କଣ୍ଟିଲୋ ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ବିଧବା, ବାର୍ଦ୍ଧକ୍ୟ, ଡିପି, ଏଡିପି, ଅବିବାହିତ ମହିଳା ୪୦ବର୍ଷରୁ ଊର୍ଦ୍ଧ୍ୱ, ଛାଡ଼ପତ୍ର ମହିଳା ଓ ଏମ୍‌ଡିପିଓ୍ୱାଇ ବରିଷ୍ଠ ୮୦ବର୍ଷରୁ ଊର୍ଦ୍ଧ୍ୱ ପ୍ରାୟ ୮୦୦ ହିତାଧିକାରୀ ବ୍ୟାଙ୍କମାନଙ୍କରୁ ମାସିକିଆ ଭତ୍ତା ପାଉଛନ୍ତି। ପଞ୍ଚାୟତରୁ ୧୫୦୦ରୁ ଊର୍ଦ୍ଧ୍ୱ ରାସନ୍‌କାର୍ଡ ହିତାଧିକାରୀ ସେମାନଙ୍କର ମାସିକିଆ ରାସନ ନେଉଥିବା ଜଣାଯାଇଛି। ହେଲେ ନିହାତି ଯୋଗ୍ୟ ହିତାଧିକାରୀମାନେ ଏହି ଉଭୟ ଯୋଜନାରୁ ବାଦ୍ ପଡ଼ିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଯୋଜନାରେ ସାମିଲ୍ ପାଇଁ କେଉଁମାନେ ଯୋଗ୍ୟ ଆଉ କେଉଁମାନେ ଅଯୋଗ୍ୟ ହିତାଧିକାରୀ ତାହା ଚିହ୍ନଟ କରିବା ପାଇଁ ଦାବି ହୋଇଛି। ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟକରି ସେମାନଙ୍କର ହକ୍ ତଥା ନ୍ୟାଯ୍ୟ ଅଧିକାର ଦେବା ପାଇଁ ସେମାନେ ଦାବି କରିଛନ୍ତି। ତେଣୁ ଯଥାଶୀଘ୍ର ଯୋଗ୍ୟ ହିତାଧୀକାରୀମାନଙ୍କୁ ଚିହ୍ନଟ କରିବା ଏବଂ ଅଯୋଗ୍ୟ ହିତାଧୀକାରୀମାନଙ୍କୁ ତାଲିକାରୁ ବାଦ୍ କରିବା ସହିତ ଯେଉଁ ଅସାଧୁ ଅଧିକାରୀମାନେ ସରକାରଙ୍କ ଉଦ୍ଦିଷ୍ଟ ନୀତି ନିୟମକୁ ଭ୍ରୁକ୍ଷେପ ନକରି ନିଜର ସ୍ୱାର୍ଥ ପାଇଁ ଅଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ଯୋଜନାଗୁଡିକରେ ସାମିଲ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବର୍ତ୍ତମାନ ଏକ ନୂତନ ସର୍ଭେ ଆରମ୍ଭ କରିବାକୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସାଧାରଣ ଜନତା ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ମାଧ୍ୟମରେ ଦାବି କରିଛନ୍ତି।

# ତୁଳସୀପୁର ପଞ୍ଚାୟତ ଜୟଦୁର୍ଗା କଲ୍ୟାଣମଣ୍ଡପର ବିବାଦ ସମାଧାନ

**ଚାରିଛକ,୩୦।୧୦/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁରଠାରେ ଥିବା ପଞ୍ଚାୟତ ଜୟଦୁର୍ଗା କଲ୍ୟାଣମଣ୍ଡପକୁ ନେଇ ଲାଗିଥିବା ବିବାଦର ସମାଧାନ ହୋଇଛି। ପ୍ରକାଶ ଯେ ତୁଳସୀପୁର ଗ୍ରାମବାସୀଙ୍କ ସଂପତ୍ତି ଉପରେ ସରକାରଙ୍କ ତରଫରୁ ଗତ ୭ବର୍ଷ ତଳେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଥିଲା। ସେତେବେଳେ କଲ୍ୟାଣମଣ୍ଡପରୁ ଯାହା ଆୟ ହେବ ପଞ୍ଚାୟତର ୮୦ଭାଗ ଓ ଗ୍ରାମ କମିଟିକୁ ୨୦ଭାଗ ଅର୍ଥ ପ୍ରଦାନ କରାଯିବ ବୋଲି ଏକ ଚୁକ୍ତିନାମା ହୋଇଥିଲା। ମାତ୍ର ଚୁକ୍ତି ମୁତାବକ ଅର୍ଥ ନମିଳିବାରୁ ଗତ ୯ ତାରିଖ ଦିନ ତୁଳସୀପୁର ଗ୍ରାମବାସୀମାନେ କଲ୍ୟାଣ ମଣ୍ଡପକୁ ତାଲା ପକାଇ ଦେଇଥିଲେ। ଗତକାଲି ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଜିପିଓ ଗୁଣନିଧି ମିଶ୍ର, ପିଇଓ ଦେବେନ୍ଦ୍ର ସ୍ୱାଇଁ ଓ ଗ୍ରାମ୍ୟ କମିଟି ସଭାପତି ବନବିହାରୀ ଦାଶଙ୍କ ସମେତ କମିଟିର ସଦସ୍ୟମାନେ ବସି ଚୁକ୍ତି ମୁତାବକ ଯାହା କଲ୍ୟାଣ ମଣ୍ଡପରୁ ଆୟ ହେବ ୮୦ଭାଗ ଅର୍ଥ ପଞ୍ଚାୟତ ଏବଂ ୨୦ଭାଗ ଅର୍ଥ ଗ୍ରାମ୍ୟ କମିଟି ନେବାକୁ ସ୍ଥିର ହେବା ପରେ ଦୀର୍ଘଦିନର ବିବାଦ ସମାଧାନ ହୋଇଥିବାରୁ ଗ୍ରାମ୍ୟ କମିଟି ସଭାପତି ଶ୍ରୀ ଦାଶ ବିଡିଓ, ଜିପିଓ, ପିଇଓ ଓ ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପାଇକ ଜାତିର ଅବଦାନ ଶୀର୍ଷକ ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚିତ



**ବେଗୁନିଆ,୩୦।୧୦/ଏନ୍‌ଏନ୍‌ଏସ୍:** ବେଗୁନିଆ ବ୍ଲକ ଅଟ୍ରି ସ୍ଥିତ ହଟକେଶ୍ୱରଙ୍କ ପୀଠରେ ଖୋର୍ଦ୍ଧାକୁ ପାଇକ ଜାତିର ଅବଦାନ ଶୀର୍ଷକ ଆଲୋଚନା ଚକ୍ର ଓ ସତ୍ୟରଞ୍ଜନ ମିଶ୍ରଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଆୟୋଜିତ ସଭାରେ ଉତ୍କଳ ବିଶ୍ୱ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପ୍ରଫେସର ପରେଶ୍ୱର୍ ସାହୁ, ଡ଼ା ଅମରେନ୍ଦ୍ର ନାଥ ମହାପାତ୍ର, କବି ଲକ୍ଷ୍ମୀଧର ମହାପାତ୍ର, ଯୋଗିନାଥ ବଳିଆରସିଂହ, ସତ୍ୟବାନ୍ ଶ୍ରୀଚନ୍ଦନ ଜନ୍ମେଶ୍ୱର ମଙ୍ଗରାଜ ସମେତ ବହୁ ଅତିଥି ଓ ବକ୍ତା ଯୋଗଦେଇ ପାଇକମାନଙ୍କ ଖୋର୍ଦ୍ଧା ସମରକଳା ଓ ଐତିହ୍ୟ ପ୍ରତି ଅବଦାନ ତଥା ବିରତ୍ୱ କାହାଣୀ ସମ୍ପର୍କରେ ଆଲୋଚନା କରିଥିଲେ। ଅଟ୍ରି ଗଡମାଣତିର, ଭୋଗଡା, ପାନଗର ସିଂହ କଣ୍ଡାମାଳି ଖୋର୍ଦ୍ଧାର ପାଇକପୁଅ ସମରକଳା ପ୍ରଦର୍ଶନ କରିଥିଲେ। ପୁରୀ, ଡେଲାଙ୍ଗ, କୋଣାର୍କ, ସାନପୁଟ, କାଇପଦର, ତପାଙ୍ଗରୁ ବହୁ ପାଇକ ଦାୟଦ ଓ କବି ସାହିତ୍ୟିକ ଐତିହାସିକ ଉପସ୍ଥିତ ରହି ଏ ମାଟିର ମହିମା ଗାନ କରିଥିଲେ। ପାଞ୍ଚଜଣ ଦଳବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶାନ୍ତି ପାଠ କରିଥିଲେ ଲକ୍ଷ୍ମୀଧର ମହାପାତ୍ର।

## ରାଧାକାନ୍ତ ବାଳିକା ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

# 'ଛାତ୍ରଛାତ୍ରୀ ଚାହିଁଲେ ବିଦ୍ୟାଳୟ ସ୍ୱର୍ଗ ପାଲଟିବ'



**ଓଡ଼ଗାଁ,୩୦।୧୦/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜଳନ୍ଧର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ ସଭାପତିତ୍ୱ କରିଥିବାବେଳେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଘର ସଜାଡିବାକୁ ହେଲେ ଛାତ୍ରୀମାନେ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି କହିଥିଲେ। ସେମାନେ ଚାହିଁଲେ ବିଦ୍ୟାଳୟ ସ୍ୱର୍ଗ ପାଲଟିବ ଓ ପାଠପଢ଼ା ସହିତ ନୃତ୍ୟ ସଙ୍ଗୀତ ପ୍ରତି ରୁଚି ରଖିବାକୁ ପରାମର୍ଶ ଦେଇଥିଲେ। ନିଜ ପିଲା ଭଳି ଛାତ୍ରୀଙ୍କୁ ଠିକ୍ ବାଟରେ ନେଲେ ବିଦ୍ୟାଳୟ ଅଗ୍ରଗତି ହୋଇପାରିବ ବୋଲି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଆଜିର ଏହି ସମାରୋହ ହଜିଯାଇଥିବା ବନ୍ଧୁଙ୍କୁ ପାଇବାର ଏକ ମିଳନ। କିଛି ଛାତ୍ରୀ କର୍ମ ଜଞ୍ଜାଳ ଭିତରେ ରହି ଏହି ସ୍ମୃତିକୁ ଭୁଲିବାକୁ ବସିଛନ୍ତି। କିନ୍ତୁ ସମାରୋହ ମାଧ୍ୟମରେ ନିଜ ନିଜ ବନ୍ଧୁତ୍ୱକୁ ଖୋଜିପାଇବାର ଏହା ଏକ ସୁଯୋଗ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଶ୍ରୀ ଜୀନୁ, ଏନ୍‌ଏସି ଅଧିକାରୀ ଦୁଃଶାସନ ସ୍ୱାଇଁ, ସମାଜସେବୀ କସ୍ତୁରୀ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବସିରିନ ବିବି, ମୋ'ସ୍କୁଲ ସଭାପତି ଅଳକା ପଟ୍ଟନାୟକ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ସୌଦାମିନୀ ମହାପାତ୍ର, ପୁରାତନ ଛାତ୍ରୀ ତଥା ସମାଜସେବୀ ପ୍ରଭାସିନୀ ନନ୍ଦ, ବିଦ୍ୟାଳୟ ସଭାପତି ବରେନ୍ଦ୍ର କୁମାର ନନ୍ଦ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଜଳନ୍ଧର ରଥ ବିବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟ କିପରି ନିର୍ମାଣ ହୋଇଥିଲା ଓ କ'ଣ ଅସୁବିଧା ରହିଛି ତାହା ସୂଚିତ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସ୍ମରଣିକା 'ଆଦ୍ୟାସା' ଏବଂ ପଣ୍ଡିତ ଖଗେଶ୍ୱର ହୋତାଙ୍କ ରଚିତ 'ଆଧ୍ୟାତ୍ମିକ ପୀୟୂଷ' ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିବାବେଳେ ସେମାନଙ୍କୁ ଓ ବିଦ୍ୟାଳୟ ପାଇଁ ସଫଳତା ଆଣିଥିବା ପୁରାତନ ଛାତ୍ରୀ ଏବଂ ସ୍ଥାନୀୟ ସାମ୍ବାଦିକଙ୍କୁ ଅତିଥିଙ୍କ ଦ୍ୱାରା ଉପଢ଼ୌକନ ଓ ପ୍ରଶଂସାପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଠିକ୍ ସେହିପରି ବିଦ୍ୟାଳୟ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଧାକାନ୍ତ ମଠମହନ୍ତ ପଦ୍ମଚରଣ ଦାସଙ୍କ ଉତ୍ତରାଧିକାରୀ ତ୍ରିପତି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଏହି ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମକୁ କମ୍ ସମୟ ମଧ୍ୟରେ ଅକ୍ଲାନ୍ତ ପରିଶ୍ରମ ଓ ଚେଷ୍ଟାବଳରେ ସଫଳ କରାଇଥିବା ପ୍ରଧାନଶିକ୍ଷକ ଜଳନ୍ଧର ରଥଙ୍କୁ ମୁଖ୍ୟଅତିଥିଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚପ୍ରଶଂସା କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା ଓ କଳାଶିକ୍ଷକ ଏକଲବ୍ୟ ଦାସ ମଞ୍ଚ ପରିଚାଳନା କରିଥିଲେ।

# ଅବସରର ୭ବର୍ଷ ପରେ ମଧ୍ୟ ମିଳିଲାନି ପେନ୍‌ସନ୍: ଚିନ୍ତାରେ ପ୍ରଧାନଶିକ୍ଷକ

**ଚୌଦ୍ୱାର,୩୦।୧୦/ଏନ୍‌ଏନ୍‌ଏସ୍:** ବିଗତ ବର୍ଷମାନଙ୍କରେ ସରକାରୀ ଦପ୍ତରଗୁଡିକରେ କିରାଣି ଓ ବାବୁମାନଙ୍କ କାମ କିପରି ଚାଲିଥିଲା ତା'ର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜଣେ ପ୍ରଧାନଶିକ୍ଷକଙ୍କ କ୍ଷେତ୍ରରେ। ବିଦ୍ୟାଳୟରୁ ଅବ୍ୟାହତି ନେବାର ୭ବର୍ଷ ବିତିଯାଇଥିଲେ ମଧ୍ୟ ସରକାରୀ ଦପ୍ତରର ନାଲିଫିତା ବନ୍ଧା ଫାଇଲ ଭିତରେ ଅବସରକାଳୀନ ପ୍ରାପ୍ୟ ଓ ମାସିକ ଭତ୍ତା ମିଳିବାର ଆଶା କ୍ରମଶଃ କ୍ଷୀଣ ହେବାରେ ଲାଗିଛି। ମାସିକ ଭତ୍ତା ପାଇବା ଆଶାରେ ଦିନ ଗଡ଼ିବା ସହିତ ରୋଗାଗ୍ରସ୍ତ ହୋଇପଡ଼ିଛନ୍ତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକାର ମହାନ୍ତି। ହୃଦ୍‌ରୋଗ ଓ ପକ୍ଷାଘାତ ଭଳି ରୋଗରେ ପୀଡ଼ିତ ହେବା ପରେ ଆଉ ସରକାରୀ ଦପ୍ତରକୁ ଯାଇ ପ୍ରାପ୍ୟଗୁଡିକର କଥା ବୁଝିବା ସମ୍ଭବ ନୁହେଁ ବୋଲି କହିଛନ୍ତି। ଚୌଦ୍ୱାର ଥାନା ଅନ୍ତର୍ଗତ ଆଗ୍ରାହାଟ ପଞ୍ଚାୟତର ବାଟବୁଢ଼ୀ କଲୋନୀରେ ରୁହନ୍ତି ନିରାକର ମହାନ୍ତି। ଦୀର୍ଘବର୍ଷ ଧରି ଚୌଦ୍ୱାରସ୍ଥିତ ଓଟିଏମ୍ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରିବା ପରେ ପଦୋନ୍ନତି ପାଇଥିଲେ। ବଡ଼ମ୍ବା ବ୍ଲକ୍ ସ୍ଥିତ ରଗଡ଼ିପଡ଼ା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ୨୦୧୪ ଜୁନ୍‌ରେ ଯୋଗଦେଇଥିଲେ। ୩ବର୍ଷ ପ୍ରଧାନଶିକ୍ଷକ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପରେ ୨୦୧୭ରେ ସେ ଅବସର ନେଇଥିଲେ। ତାଙ୍କର ଅବସରକାଳୀନ ସମସ୍ତ ପ୍ରାପ୍ୟ ପାଇବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ଦୁଇଟି ଦପ୍ତରର ବାବୁମାନେ ତାଙ୍କୁ କୌଣସି ପ୍ରକାର ସାହାଯ୍ୟ ସହଯୋଗ କରିନଥିଲେ କିମ୍ବା ଫାଇଲ୍ କାହିଁକି ଏବଂ କେଉଁ ସ୍ଥାନରେ ଅଟକିଛି ତା'ର କାରଣ ଜଣାଇ ନଥିଲେ। ଇତିମଧ୍ୟରେ ୭ବର୍ଷ ବିତିଗଲା। ପରବର୍ତ୍ତୀ ସମୟରେ ସେ ନିଜେ ରୋଗାଗ୍ରସ୍ତ ହେବା ସହିତ ପତ୍ନୀ ମଧ୍ୟ ରୋଗାଗ୍ରସ୍ତ ହୋଇପଡ଼ିଥିଲେ। ଆଉ କୌଣସି କାର୍ଯ୍ୟାଳୟକୁ ଯାଇ ଅବସର ପ୍ରାପ୍ୟଗୁଡ଼ିକର ସ୍ଥିତି ବୁଝିବାକୁ ଆଉ ସମ୍ଭବ ହୋଇପାରି ନାହିଁ। ଏହା ମଧ୍ୟରେ ସରକାର ବଦଳିଛି। ଶିକ୍ଷକ ନିରାକାର ଆଶା ରଖିଛନ୍ତି ଏବର ସରକାର ନିଶ୍ଚିନ୍ତ ତାଙ୍କ ଦୁଃଖ ଶୁଣିବେ। ଅବସରକାଳୀନ ପ୍ରାପ୍ୟ ଓ ମାସିକ ଭତ୍ତା ପାଇଲେ ନିଜର ଚିକିତ୍ସା କରିବା ସହିତ ପତ୍ନୀଙ୍କ ଚିକିତ୍ସା କରିପାରିବେ ବୋଲି ସେ କହିଛନ୍ତି।



# ଘର କବାଟ ଭାଙ୍ଗି ଅଳଙ୍କାର ଲୁଟ୍

**କିଶୋରନଗର,୩୦।୧୦/ଏନ୍‌ଏନ୍‌ଏସ୍:** ନେଇ ଆଣି ଥୋଇ ପାରିଲେ ଚୋରି ବିଦ୍ୟା ଭଲ, ଯାହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ଏହି ଥାନାର ଗୁଆଲି ଗ୍ରାମରେ। ତେବେ ସୋମବାର ବିଳମ୍ବିତ ରାତିରେ ପ୍ରଶାନ୍ତ ପରିଡ଼ା, ଉଷାରାଣୀ ପରିଡ଼ା, ଗିରିଧାରୀ ପରିଡ଼ା, ସୁଲଭ ପରିଡ଼ାଙ୍କ ଘର କବାଟ ଭାଙ୍ଗି ସୁନା ଅଳଙ୍କାର ସହ ଟଙ୍କା ପଇସା ଚୋରି ହେବା ସହିତ ଘରେ କଳକାନା ବୁଲାଇଥିବା ଥାନାରେ ଅଭିଯୋଗ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ ଅତୀତରେ ବହୁ ଛେଳି ମେଣ୍ଢା ଆଦି ଚୋରି ଘଟଣାରେ ପୁଲିସ ହାତ ଏ ପର୍ଯ୍ୟନ୍ତ ଖାଲି ପଡ଼ିଥିବା ବେଳେ ସୋମବାର ଏହି ବଡ଼ ଧରଣର ଚୋରି ଘଟଣା ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ଅଚଳ: ଗ୍ରାହକ ହୀନସ୍ତା




**ମାହାଙ୍ଗା,୩୦।୧୦/ଏନ୍‌ଏନ୍‌ଏସ୍:** ସାଧାରଣତଃ ସୁବିଧାରେ ଟଙ୍କା ଉଠାଣ ପାଇଁ ବ୍ୟାଙ୍କ ପକ୍ଷରୁ ଏଟିଏମ୍ ଖୋଲାଯାଇଛି। କିନ୍ତୁ ଅନେକ ସମୟରେ ଏହି ଏଟିଏମ୍ ଅଚଳ ହେତୁ ଜନସାଧାରଣମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ମଉଦା ପଞ୍ଚାୟତ ଚଷାଖଣ୍ଡ ଷ୍ଟେଟ ବ୍ୟାଙ୍କ ଏଟିଏମରେ। ଆଜକୁ ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏଟିଏମ ଅଚଳ ଯୋଗୁ ଜନସାଧାରଣମାନେ ଟଙ୍କା ଉଠାଇପାରୁ ନାହାନ୍ତି। ଯାହାଫଳରେ ଜନସାଧାରଣମାନେ ଜରୁରୀ ସମୟରେ ଟଙ୍କା ଉଠାଇ ନ ପାରି ଲୋକମାନେ ବହୁ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି। ସ୍ଥାନୀୟ ଜନସାଧାରଣ ବ୍ୟାଙ୍କରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏହି ଏଟିଏମ ଅଚଳ ସଂପର୍କରେ ବ୍ୟାଙ୍କ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯେଗ ହୋଇଛି। ତେଣୁ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଏଟିଏମ୍‌ଟିକୁ ସଚଳ କରିବାକୁ ସ୍ଥାନୀୟ ଅଞ୍ଚଳର ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ବେହେରା, ଶିକ୍ଷାବିତ୍ ଭାବଗ୍ରାହୀ ମିଶ୍ର, ସରପଞ୍ଚଙ୍କ ପ୍ରତିନିଧି ରୁଷିକୁମାର ରାଉତ, ଆଇନଜୀବୀ ଗୋପାଳକୃଷ୍ଣ ମହାନ୍ତି, ବିଶ୍ୱଜିତ କିଶୋର ଦାସ, ଶଶିଭୂଷଣ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

# କେନାଲବନ୍ଧରେ ଘାଇ ଆଶଙ୍କା, ଚିନ୍ତାରେ ଚାଷୀ

**ନିଶ୍ଚିନ୍ତକୋଇଲି,୩୦।୧୦/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳସଂପଦ ବିଭାଗ ଅଧିକାରୀଙ୍କ ଅଧୀନରେ ଥିବା ୮-ଏ କେନାଲ ବନ୍ଧ ରାସ୍ତାରେ ଘାଇ ହେବା ଆଶଙ୍କାକୁ ନେଇ ଚାଷୀଙ୍କ ମହଲରେ ଚିନ୍ତା ବ୍ୟକ୍ତ କରାଯାଇଛି। ଖବର ନେବାରେ ଜଣାଯାଇଛି ଯେ କେନ୍ଦୁପାଟଣା ଜଳସଂପଦ ବିଭାଗ ଅଧିନରେ ଥିବା ୮ନମ୍ବର କେନାଲରୁ କେନ୍ଦୁପାଟଣାଠାରୁ ବାହାରିଥିବା ୮-ଏ କେନାଲଟି କେନ୍ଦୁପାଟଣା, ବରାଦୋ, ପାଟପୁର, ଜିଗ୍ନିପୁର, ଫଗୋଳ, ଜୟରାମପୁର, ରାମକୃଷ୍ଣପୁର ଗ୍ରାମ ଦେଇ ମାହାଙ୍ଗା ପର୍ଯ୍ୟନ୍ତ ଯାଇଛି। ବର୍ତ୍ତମାନ ଏହି କେନାଲର ଜିଗ୍ନିପୁର ପଞ୍ଚାୟତ ଅଫିସଠାରୁ ଜିଗ୍ନିପୁର ମନ୍ଦିର ଛକ ପର୍ଯ୍ୟନ୍ତ ମଝି ରାସ୍ତାରେ ଏକ ବିଶାଳ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତ ସୃଷ୍ଟି ହେବା ଯୋଗୁ ଏହି କେନାଲବନ୍ଧ ରାସ୍ତା ଦେଇ ଯାଉଥିବା ବହୁ ଗାଡି ବର୍ତ୍ତମାନ ଅନ୍ୟବାଟ ଦେଇ ବୁଲିଯାଉଛନ୍ତି। ବହୁ ଜରୁରୀକାଳିନ ଗାଡି ଏହି ବାଟ ଦେଇ ଆସିଲା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ପୁନର୍ବାର ବୁଲିକି ଯିବାକୁ ପଡୁଛି। ଗର୍ତ୍ତ ସୃଷ୍ଟି ଯୋଗୁ କେନାଲର ସବୁତକ ଜଳ ଚାଷ ଜମିରେ ମାଡିଯିବାର ଆଶଙ୍କା ଥିବାରୁ ଚାଷୀଙ୍କ ମନରେ ଛନକା ପଶିଛି। ଜଳସଂପଦ ବିଭାଗର ଅଧିକାରୀମାନେ ଏହି ଗର୍ତ୍ତକୁ ବନ୍ଦ୍ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ହେଁ କୌଣସି କର୍ମଚାରୀଙ୍କ ଦେଖା ନପାଇ ଫେରିଆସିଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏହି କେନାଲ ଦାୟିତ୍ୱରେ ଥିବା ଯନ୍ତ୍ରୀ ପଞ୍ଚାୟତ ଅଫିସ ପାଖରୁ ମନ୍ଦିର ପର୍ଯ୍ୟନ୍ତ ୮-ଏ କେନାଲର ବାମପାର୍ଶ୍ୱ ବନ୍ଧକୁ ତୁରନ୍ତ ମରାମତି କରିବାକୁ ଚାଷୀଙ୍କ ମହଲରେ ଦାବି ହେଉଛି। ବହୁ ପରିଶ୍ରମ କରି ଚାଷୀମାନେ ଚଳିତବର୍ଷ କରିଥିବା ଧାନ ଫସଲ ସଂପୂର୍ଣ୍ଣ ଉଜୁଡିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳଲାଇନ୍‌ର ଅଟ୍ରିରେ ନୂତନ ପାସେଞ୍ଜର ହଲ୍ଟ ଉଦ୍‌ଘାଟିତ





**ଜଟଣୀ,୩୦।୧୦/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ଅଟ୍ରି ଠାରେ ଆନୁଷ୍ଠାନିକ ଭାବେ ଏକ ନୂତନ ପାସେଞ୍ଜର ହଲ୍ଟ ଯାତ୍ରୀମାନଙ୍କୁ ସମର୍ପିତ କରାଯାଇଛି ଯାହା ଏହି ଅଞ୍ଚଳର ପରିବହନ ଭିତ୍ତିଭୂମିରେ ଏକ ଉଲ୍ଲେଖନୀୟ ଉନ୍ନତି ଘଟାଇଛି। ଅଟ୍ରି ପାସେଞ୍ଜର ହଲ୍ଟ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବେଗୁନିଆର ବିଧାୟକ ପ୍ରଦିପ କୁମାର ସାହୁ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍‌ଏସ୍ ବଜଓ୍ୱାଙ୍କ ଉପସ୍ଥିତ ଥିଲେ। ଅଟ୍ରି ଏହାର ଉଷ୍ମ ପ୍ରସବଣ ଝରଣା ଜଳ ପାଇଁ ପ୍ରସିଦ୍ଧ ଏବଂ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ଅଛି ଯାହା ଏହି ନୂତନ ହଲ୍ଟକୁ ଉଭୟ ସ୍ଥାନୀୟ ବାସିନ୍ଦା ଏବଂ ପରିଦର୍ଶକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ସୁବିଧା ପ୍ରଦାନ କରିବ। ଅଟ୍ରି ପାସେଞ୍ଜର ହଲ୍ଟ ଠାରେ ଦଶପଲ୍ଲା-ଭୁବନେଶ୍ୱର ମେମୁ ପ୍ରଥମ ଟ୍ରେନ ଭାବେ ରହଣି ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ଷଡ଼ଙ୍ଗୀ ରେଳମନ୍ତ୍ରୀଙ୍କୁ ଉପସ୍ଥାପନ କରିଥିବା ଅଞ୍ଚଳର ଜନସାଧାରଣଙ୍କ ଦାବି ତଥା ଆକାଂକ୍ଷା ପୂରଣ ହୋଇଥିବାରୁ ସେ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଅଟ୍ରି ପାସେଞ୍ଜର ହଲ୍ଟ ନିର୍ମାଣ କ୍ଷେତ୍ରରେ ପ୍ରାୟ ୫୮ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ଯେଉଁଥିରେ ୪୬୭ମିଟର ଦୈର୍ଘ୍ୟ ପ୍ଲାଟ୍‌ଫର୍ମ, ଛଅଗୋଟି ଛୋଟ ଯାତ୍ରୀ ଆଶ୍ରୟସ୍ଥଳୀ ଏବଂ ୩୦ଜଣଙ୍କ ବସିବା କ୍ଷମତା ବିଶିଷ୍ଟ ଛଅଗୋଟି ବେଞ୍ଚ ଉପଲବ୍ଧ ଅଛି। ଏହା ସହିତ ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ଭ୍ରମଣ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ୧୪ଟି ଲାଇଟ ପୋଷ୍ଟ, ଏକ ନଳକୂଅ ଏବଂ ଏକ ବୁକିଂ କାଉଣ୍ଟର ସୁବିଧାଗୁଡିକ ଅନ୍ତର୍ଭୁକ୍ତ ଅଛି। ସେହିପରି ତୁରନ୍ତ ଅଟ୍ରି ପାସେଞ୍ଜର ହଲ୍ଟ ଠାରେ ତିନି ଗୋଟି ଟ୍ରେନ ରହଣି ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନ୍ ଗୁଡିକ ହେଉଛି ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଏବଂ ପୁରୀ-ଦଶପଲ୍ଲା-ପୁରୀ ମେମୁ ପାସେଞ୍ଜର ଟ୍ରେନ। ଭଦ୍ରକରୁ ଛାଡୁଥିବା ୦୮୫୫୫/୦୮୫୫୬ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ ଅଟ୍ରିରେ ପୂର୍ବାହ୍ନ ୧୦ଘ.୩୬ମି.ରେ ପହଞ୍ଚି ପୂର୍ବାହ୍ନ ୧୦ଘ.୩୭ମି.ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଦଶପଲ୍ଲା ଠାରୁ ଏହି ଟ୍ରେନ ଅଟ୍ରି ଠାରେ ସନ୍ଧ୍ୟା ୫ଘ.୫୫ମି.ରେ ପହଞ୍ଚି ସନ୍ଧ୍ୟା ୫ଘ.୫୬ମି.ରେ ଭଦ୍ରକ ଅଭିମୁଖେ ଯାତ୍ରା କରିବ। ଭୁବନେଶ୍ୱରରୁ ଛାଡୁଥିବା ୦୮୪୨୯/୦୮୪୩୦ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ମେମୁ ଅଟ୍ରିରେ ପୂର୍ବାହ୍ନ ୧୦ଘ.୫୧ମି.ରେ ପହଞ୍ଚି ପୂର୍ବାହ୍ନ ୧୦ଘ.୫୨ମି.ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ ଅଟ୍ରିଠାରେ ସନ୍ଧ୍ୟା ୫ଘ.୧୪ମି.ରେ ପହଞ୍ଚି ସନ୍ଧ୍ୟା ୫ଘ.୧୫ମି.ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ପୁରୀରୁ ଛାଡୁଥିବା ୦୮୪୨୩/୦୮୪୨୪ ପୁରୀ-ଦଶପଲ୍ଲା-ପୁରୀ ମେମୁ ଅଟ୍ରି ଠାରେ ସନ୍ଧ୍ୟା ୭ଘ.୪୦ମି.ରେ ପହଞ୍ଚି ସନ୍ଧ୍ୟା ୭ଘ.୪୧ମି.ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ ଅଟ୍ରିଠାରେ ସକାଳ ୭ଘ.୫୨ମି.ରେ ପହଞ୍ଚି ସକାଳ ୭ଘ.୫୩ମି.ରେ ପୁରୀ ଅଭିମୁଖେ ଯାତ୍ରା କରିବ।

# ପ୍ରିମିୟର୍ ଲିଗ୍ କ୍ରିକେଟ୍: ଦିପୁ କିଙ୍ଗସ୍, ଦି ରୟାଲ କିଙ୍ଗ୍ ଓ ବିକାଶ ୱାରିଅର୍ ବିଜୟୀ

**କଣ୍ଟିଲୋ,୩୦।୧୦/ଏନ୍‌ଏନ୍‌ଏସ୍:** କଣ୍ଟିଲୋ କ୍ରିକେଟ ଲିଗ୍ ମ୍ୟାଚ୍‌ରେ ଆଜି ତିନୋଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଆଜିର ପ୍ରଥମ ମ୍ୟାଚ୍‌ଟିରେ ଦିପୁ କିଙ୍ଗସ୍ ଟସ୍ ଜିତି ପ୍ରଥମେ ନିର୍ଦ୍ଧାରିତ ୧୦ ଓଭରରେ ୪ ୱିକେଟ ବିନିମୟରେ ୮୯ରନ୍ କରିଥିବା ବେଳେ ବିକାଶ ୱାରିଅର୍ ସେହି ୧୦ଓଭରରେ ୫ୱିକେଟ ହରାଇ ମୋଟ ୭୦ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଦିପୁ କିଙ୍ଗସ୍ ୧୯ରନ୍‌ରେ ବିଜୟୀ ଘୋଷିତ ହୋଇଥିଲା। ଦିପୁ କିଙ୍ଗସ୍ ଦଳର ବବୁଲ କୁମାର ରାଉତ୍ ଆଜିର ଶ୍ରେଷ୍ଠ ଖେଳାଳି ଭାବେ ଘୋଷିତ ହୋଇଥିବା ବେଳେ ପ୍ରତୀକ ସାହୁ ଓ ସମୀର ଦଳେଇ ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ରାଜା ସୁପର ଷ୍ଟ୍ରାଇକର ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ୱିକେଟ ହରାଇ ୬୨ରନ୍ କରିଥିବା ବେଳେ ଦି ରୟାଲ କିଙ୍ଗସ୍ ୪ ଓଭରରେ କୌଣସି ୱିକେଟ ନ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଦି ରୟାଲ କିଙ୍ଗସ୍‌ର ଅନିଲ କୁମାର ବେହେରା ଶ୍ରେଷ୍ଠ ଖେଳାଳି ଭାବେ ଚୟନ ହୋଇଥିବା ବେଳେ ବିକାଶ ସାହୁ ଓ ଚନ୍ଦନ ବେହେରା ଏହି ମ୍ୟାଚକୁ ପରିଚାଳନା କରିଥିଲେ। ତୃତୀୟ ମ୍ୟାଚ୍‌ରେ ବିକାଶ ୱାରିଅର୍ ଟସ୍ ଜିତି ଅଶୋକ କିଙ୍ଗକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିବା ପରେ ଅଶୋକ କିଙ୍ଗ ୧୦ ଓଭରରେ ୫ ୱିକେଟ ହରାଇ ୧୦୩ରନ୍ ସଂଗ୍ରହ କରିଥିଲା। ଜବାବରେ ବିକାଶ ୱାରିଅର୍ ୧୦ଓଭରରେ ୩ ୱିକେଟ ହରାଇ ୧୦୪ରନ୍ କରି ୭ ୱିକେଟରେ ବିଜୟୀ ଘୋଷିତ ହୋଇଥିଲା। ଜ୍ୟୋତିରଞ୍ଜନ ବରାଳ ବିକାଶ ୱାରିଅର ପକ୍ଷରୁ ଆଜିର ଶ୍ରେଷ୍ଠ ଖେଳାଳି ଭାବେ ଘୋଷିତ ହୋଇଥିବା ବେଳେ ଚନ୍ଦନ ବେହେରା ଓ ଅଶୋକ ବାରିକ ଏହି ଖେଳକୁ ପରିଚାଳନା କରିଥିଲେ।

# ପୁଣି ଆର୍‌ସିବିର ନେତୃତ୍ୱ ନେବେ କୋହଲି !




**ବେଙ୍ଗାଲୁରୁ,୩୦।୧୦/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୫ ସିଜନ୍‌ରେ ବିରାଟ କୋହଲି ପୁଣିଥରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ନେତୃତ୍ୱ ନେଇପାରନ୍ତି। ମିଡିଆ ରିପୋର୍ଟ ଅନୁସାରେ କୋହଲି ମ୍ୟାନେଜମେଣ୍ଟ ସହ ଆଲୋଚନା କରିବା ସହିତ ନେତୃତ୍ୱ ନେବାକୁ ପ୍ରସ୍ତୁତ ଅଛନ୍ତି। ତେବେ ଏହାର ଅନ୍ତିମ ନିର୍ଣ୍ଣୟ ମେଗା ଅକ୍ସନ୍ ପରେ ହେବ। କୋହଲି ୯ ସିଜନ୍ ପର୍ଯ୍ୟନ୍ତ ଆର୍‌ସିବିର କ୍ୟାପ୍‌ଟେନ୍ ଥିଲେ। ତେବେ ୨୦୨୧ରେ ସେ ନେତୃତ୍ୱ ଛାଡ଼ିଥିଲେ। ଏହାପରେ ୨୦୨୨ରୁ ଗତ ତିନିଟି ସିଜନ୍‌ରେ ଫାଫ୍ ଡୁପ୍ଲେସିସ୍ ଆର୍‌ସିବିର ନେତୃତ୍ୱ ସମ୍ଭାଳୁଛନ୍ତି। ତେବେ ଆଗାମୀ ସିଜନ୍ ପାଇଁ ୪୦ ବର୍ଷୀୟ ଡୁ ପ୍ଲେସିସ୍‌ଙ୍କ ରିଟେନ୍‌ସନ୍ ସମ୍ଭାବନା କମ୍ ବୋଲି କୁହାଯାଉଛି। ଆଇପିଏଲ୍ ମେଗା ଅକ୍ସନ୍ ପାଇଁ ଖେଳାଳି ରିଟେନ୍‌ସନ୍‌ର ଅନ୍ତିମ ତାରିଖ ଅକ୍ଟୋବର ୩୧ (ଗୁରୁବାର) ରଖାଯାଇଛି। ଆସନ୍ତାକାଲି ସନ୍ଧ୍ୟା ୫ଟା ପୂର୍ବରୁ ସମସ୍ତ ଫ୍ରାଞ୍ଚାଇଜି ନିଜ ନିଜର ରିଟେନ୍ ଖେଳାଳିଙ୍କୁ ନାମ ଆଇପିଏଲ୍ ଆୟୋଜନ କମିଟିକୁ ପଠାଇବେ। ଏହି ଲିଷ୍ଟ ସହିତ କେଉଁ କେଉଁ ଖେଳାଳି କେଉଁ ଫ୍ରାଞ୍ଚାଇଜି ସହ ଖେଳିବେ ତାହା ସ୍ଥିର ହେବ।

ବିରାଟ କୋହଲି ୨୦୧୩ରୁ ୨୦୨୧ ପର୍ଯ୍ୟନ୍ତ ଆର୍‌ସିବି ଟିମ୍‌ର କ୍ୟାପ୍‌ଟେନ୍ ରହିଥିଲେ। ତାଙ୍କ ନେତୃତ୍ୱରେ ଆର୍‌ସିବି ୨୦୧୬ରେ ଫାଇନାଲ୍ ଖେଳିଥିଲା। ତେବେ ଏଥିରେ ଟିମ୍‌କୁ ସନ୍‌ରାଇଜର୍ସ ହାଇଦ୍ରାବାଦଠାରୁ ପରାଜିତ ହେବାକୁ ପଡ଼ିଥିଲା। ମୋଟ ଉପରେ କୋହଲି ୧୪୩ ମ୍ୟାଚ୍‌ରେ ନେତୃତ୍ୱ ନେଇଥିବା ବେଳେ ଏଥିରୁ ଟିମ୍ ୬୬ ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ବେଳେ ୭୦ ମ୍ୟାଚ୍ ହାରିଥିଲା। ଗତ ତିନି ସିଜନ୍‌ରେ ଫାଫ୍ ଡୁପ୍ଲେସିସ୍‌ଙ୍କ ନେତୃତ୍ୱରେ ଟିମ୍ ୨୦୨୨ ଓ ୨୦୨୪ ପ୍ଲେଅଫ୍‌ରେ ସ୍ଥାନ ହାସଲ କରିଥିଲା।

୨୦୦୮ରେ ଆର୍‌ସିବିରେ ଯୋଗଦେଇଥିବା କୋହଲି ଲଗାତାର ଟିମ୍‌ର ସଦସ୍ୟ ରହିଆସିଛନ୍ତି। ୧୭ ବର୍ଷରେ ଆର୍‌ସିବି କେବେ ବି କୋହଲିଙ୍କୁ ରିଲିଜ୍ କରିନାହିଁ। ତାଙ୍କ ନାମରେ ଆଇପିଏଲ୍‌ରେ ସର୍ବାଧିକ ରନ୍ ମଧ୍ୟ ରହିଛି।

# ବଢ଼ିଲା ଆଣ୍ଡ୍ରୁ ମାକ୍‌ଡୋନାଲ୍ଡଙ୍କ କାର୍ଯ୍ୟକାଳ

## ୨୦୨୭ ପର୍ଯ୍ୟନ୍ତ ରହିବେ ଅଷ୍ଟ୍ରେଲିଆର ମୁଖ୍ୟ କୋଚ୍



**ମେଲବୋର୍ଣ୍ଣ,୩୦।୧୦/ଏଜେନ୍ସି:** ଅଷ୍ଟ୍ରେଲିଆ କ୍ରିକେଟ୍ ଟିମ୍‌ର ମୁଖ୍ୟ କୋଚ୍ ଆଣ୍ଡ୍ରୁ ମାକ୍‌ଡୋନାଲ୍ଡଙ୍କ କଣ୍ଟ୍ରାକ୍ଟ ବୃଦ୍ଧି କରାଯାଇଛି। ଅଷ୍ଟ୍ରେଲିଆକୁ ୨୦୨୩ ଦିନିକିଆ ବିଶ୍ୱକପ୍ ଜିତାଇଥିବା କୋଚ୍ ମାକ୍‌ଡୋନାଲ୍ଡ ଆସନ୍ତା ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଟିମ୍ ସହ ରହିବେ। ବୁଧବାର କ୍ରିକେଟ୍ ଅଷ୍ଟ୍ରେଲିଆ ଏହି ଘୋଷଣା କରିଛି। ବୋର୍ଡ କହିଛି, ଆଣ୍ଡ୍ରୁ ମାକ୍‌ଡୋନାଲ୍ଡ ୨୦୨୭ ଶେଷ ପର୍ଯ୍ୟନ୍ତ ଟିମ୍‌ର ମୁଖ୍ୟ କୋଚ୍ ରହିବେ। ୨୦୨୨ରେ ମାକ୍‌ଡୋନାଲ୍ଡ ଅଷ୍ଟ୍ରେଲିଆ ଟିମ୍ ମୁଖ୍ୟ କୋଚ୍ ନିଯୁକ୍ତ ହୋଇଥିଲେ। ଏହାପରେ ଟିମ୍ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍‌ର ଫାଇନାଲ୍, ଦିନିକିଆ ବିଶ୍ୱକପ୍ ଏବଂ ଏହା ପୂର୍ବରୁ ଆଶେସ୍ ସିରିଜ୍ ଜିତିଛି। ଏପରିକି ଟିମ୍ ଏବେ ଟେଷ୍ଟରେ ନମ୍ବର ଏକ ଏବଂ ଟି-୨୦ ଓ ଦିନିକିଆରେ ନମ୍ବର ୨ ର୍‍ୟାଙ୍କିଙ୍ଗ୍‌ରେ ବିରାଜମାନ। ଚୁକ୍ତି ବୃଦ୍ଧି ପରେ ମାକ୍‌ଡୋନାଲ୍ଡ ଏବେ ଆଗାମୀ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ ସାଇକ୍ଲ ପାଇଁ ଟିମ୍‌ର ନେତୃତ୍ୱ କରିବେ ଏବଂ ୨୦୨୭ରେ ଦିନିକିଆ ବିଶ୍ୱକପ୍ ଟାଇଟଲ୍ ଡିଫେଣ୍ଡ କରିବା ସୁଯୋଗ ତାଙ୍କୁ ମିଳିବ। ଏହା ବ୍ୟତୀତ ୨୦୨୬ ଆଇସିସି ଟି-୨୦ ବିଶ୍ୱକପ୍ ଏବଂ ଆସନ୍ତା ବର୍ଷ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ତାଙ୍କ ରାଡାର୍‌ରେ ରହିଛି।

ମାକ୍‌ଡୋନାଲ୍ଡଙ୍କ ଚୁକ୍ତି ବୃଦ୍ଧି ସମ୍ପର୍କରେ କ୍ରିକେଟ୍ ଅଷ୍ଟ୍ରେଲିଆ ସିଇଓ ନିକ୍ ହକ୍‌ଲେ କହିଛନ୍ତି, ଆଣ୍ଡ୍ରୁ ନିଜକୁ ଜଣେ ଉନ୍ନତ ମୁଖ୍ୟ କୋଚ୍ ସାବ୍ୟସ୍ତ କରିଛନ୍ତି। ଅସାଧାରଣ ପରିଣାମ ଦେବା ସହିତ ସେ ଏକ ଶକ୍ତିଶାଳୀ କୋଚିଂ ଟିମ୍, କାର୍ଯ୍ୟପ୍ରଣାଳୀ ଓ ଟିମ୍‌ର ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏକ ଉନ୍ନତ ପରିବେଶ ପ୍ରସ୍ତୁତ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ଆଉ ଦୁଇବର୍ଷ ବୃଦ୍ଧିରେ ଆମେ ବହୁ ଖୁସି।

## ଆଇସିସି ଟେଷ୍ଟ୍ ର୍‍ୟାଙ୍କିଙ୍ଗ୍: କୋହଲି ଓ ରୋହିତଙ୍କୁ ଜୋରଦାର ଝଟ୍‌କା

# ବୁମ୍‌ରାଙ୍କୁ ଶୀର୍ଷରୁ ହଟାଇଲେ ରବାଡା



**ଦୁବାଇ,୩୦।୧୦/ଏଜେନ୍ସି:** ବୁଧବାର ଆଇସିସି ପକ୍ଷରୁ ଜାରୀ ସଦ୍ୟତମ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଷ୍ଟାର୍ ଫାଷ୍ଟ ବୋଲର୍ ଜସ୍‌ପ୍ରୀତ୍ ଶୀର୍ଷସ୍ଥାନ ହରାଇଛନ୍ତି। ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ୍ ମ୍ୟାଚ୍‌ରେ ଜବରଦସ୍ତ ବୋଲି କରି ୯ଟି ୱିକେଟ୍ ହାସଲ କରିଥିବା ସାଉଥ୍ ଆଫ୍ରିକା ପେସର୍ କାଗିସେ ରବାଡା ବୁମ୍‌ରାଙ୍କୁ ଶୀର୍ଷ ସ୍ଥାନରୁ ହଟାଇ ଦେଇଛନ୍ତି। ରବାଡା ତିନିଟି ସ୍ଥାନ ଉପରକୁ ଉଠି ସଦ୍ୟତମ ର୍‍ୟାଙ୍କିଙ୍ଗ୍‌ରେ ନମ୍ବର ଏକ ବୋଲର୍ ହୋଇଛନ୍ତି। ତାଙ୍କ ଖାତାରେ ୮୬୦ ରେଟିଂ ପଏଣ୍ଟ୍ ହୋଇଛି। ଅନ୍ୟପକ୍ଷରେ ବୁମ୍‌ରା (୮୪୬) ତୃତୀୟ ସ୍ଥାନକୁ ଖସିଯାଇଛି। ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ମ୍ୟାଚ୍‌ରେ ଗୋଟିଏ ବି ୱିକେଟ୍ ମିଳିନଥିଲା। ଅଷ୍ଟ୍ରେଲିଆ ଫାଷ୍ଟ୍ ବୋଲର୍ ଜୋଶ୍ ହେଜଲଉଡ୍ (୮୪୭) ଦ୍ୱିତୀୟ, ଭାରତୀୟ ଅଫ୍ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ (୮୩୧) ଚତୁର୍ଥ ଏବଂ କଙ୍ଗାରୁ କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ (୮୨୦) ର୍‍ୟାଙ୍କିଙ୍ଗ୍‌ର ପଞ୍ଚମ ନମ୍ବରରେ ରହିଛନ୍ତି। ରାୱଲପିଣ୍ଡିରେ ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟରେ ଧମାକାଦାର ପ୍ରଦର୍ଶନ କରିବା ପରେ ପାକିସ୍ତାନ ସ୍ପିନର୍ ନୋମାନ୍ ଅଲୀ ବୋଲିଂ ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ପ୍ରବେଶ କରିଛନ୍ତି। ମ୍ୟାଚ୍‌ରେ ୯ ୱିକେଟ୍ ନେଇଥିବା ନୋମାନ୍ ୮ ସ୍ଥାନର ଲମ୍ଫ ପ୍ରଦାନ କରି ନବମ ସ୍ଥାନରେ ପହଞ୍ଚିଛନ୍ତି। ୧୦ ୱିକେଟ୍ ଅକ୍ତିଆର କରିଥିବା ତାଙ୍କ ଟିମ୍ ସାଥୀ ସାଜିଦ୍ ଖାନ୍ ୧୨ ସ୍ଥାନ ଉପରକୁ ଉଠି ୩୮ତମ ସ୍ଥାନରେ ପହଞ୍ଚିଛନ୍ତି। ଭାରତ ବିପକ୍ଷ ପୁଣେ ଟେଷ୍ଟରେ ୧୩ ୱିକେଟ୍ ହାସଲ କରିଥିବା ନ୍ୟୁଜିଲାଣ୍ଡ ସ୍ପିନର୍ ମିଚେଲ୍ ସାଣ୍ଟନର୍ ଟେଷ୍ଟ ବୋଲିଂ ସୂଚୀରେ ୩୦ ସ୍ଥାନର ଲମ୍ଫ ପ୍ରଦାନ ସହ ୪୪ତମ ସ୍ଥାନରେ ପହଞ୍ଚିଛନ୍ତି।

ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ଭାରତର ଷ୍ଟାର୍ ବ୍ୟାଟର୍ ବିରାଟ କୋହଲି ଓ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କୁ ଜୋରଦାର କ୍ଷତି ସହିବାକୁ ପଡ଼ିଛି। କୋହଲି ବ୍ୟାଟିଂ ସୂଚୀରେ ୭ ସ୍ଥାନ ତଳକୁ ଖସସି ୧୪ତମ ସ୍ଥାନରେ ପହଞ୍ଚିଛନ୍ତି। ତାଙ୍କ ଖାତାରେ ୬୮୮ ରେଟିଂ ପଏଣ୍ଟ ରହିଛି। ଅନ୍ୟପକ୍ଷରେ ରୋହିତଙ୍କୁ ୯ଟି ସ୍ଥାନର କ୍ଷତି ହୋଇଛି ଏବଂ ୬୪୯ ରେଟିଂ ପଏଣ୍ଟ ସହ ସେ ୨୪ତମ ସ୍ଥାନକୁ ଖସିଯାଇଛନ୍ତି। ୱିକେଟ୍‌କିପର୍ ବ୍ୟାଟର୍ ଋଷଭ ପନ୍ତ (୭୦୮) ଖରାପ ପ୍ରଦର୍ଶନ ପରେ ପାଞ୍ଚ ସ୍ଥାନ ତଳକୁ ଖସି ୧୧ଶରେ ପହଞ୍ଚିଛନ୍ତି। ବ୍ୟାଟିଂ ସୂଚୀର ଟପ୍-୧୦ ଯଶସ୍ୱୀ ଜୟସ୍ୱାଲ୍ ଜଣେ ଭାରତୀୟ ରହିଛନ୍ତି। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ୩୦ ଏବଂ ୭୭ ରନ୍‌ର ଇନିଂସ୍ କାରଣରୁ ତାଙ୍କୁ ଗୋଟିଏ ସ୍ଥାନର ଲାଭ ହୋଇଛି ଏବଂ ସେ ୭୯୦ ରେଟିଂ ପଏଣ୍ଟ୍ ସହ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଇଂଲଣ୍ଡର ଜୋ ରୁଟ୍ (୯୦୩) ଶୀର୍ଷରେ ଥିବାବେଳେ ଆହତ କାରଣରୁ ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ଖେଳୁନଥିବା ନ୍ୟୁଜିଲାଣ୍ଡର କେନ୍ ୱିଲିଅମ୍‌ସନ୍ (୮୧୩) ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ହ୍ୟାରୀ ବ୍ରୁକ୍ (୭୭୮) ଚତୁର୍ଥ ଏବଂ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ (୭୫୭) ପଞ୍ଚମ ସ୍ଥାନରେ ରହିଛନ୍ତି।

ଟେଷ୍ଟ ଅଲ୍‌ରାଉଣ୍ଡର୍ ଲିଷ୍ଟ୍‌ରେ ଭାରତର ରବୀନ୍ଦ୍ର ଜାଡ଼େଜା ଓ ରବିଚନ୍ଦ୍ରନ୍ ଅଶ୍ୱିନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ବଜାୟ ରହିଛନ୍ତି। ଦୁହେଁ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତ ଅଗ୍ରଣୀ ମଧ୍ୟ ହାସଲ କରିଛନ୍ତି। ବାଂଲାଦେଶ ଷ୍ଟାର୍ ମେହେଦୀ ହସନ୍ ଦୁଇଟି ସ୍ଥାନର ଲାଭ ସହିତ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ସେ ସାଉଥ୍ ଆଫ୍ରିକା ବିପକ୍ଷରେ ବ୍ୟାଟ୍ ଓ ବଲ୍ ଉଭୟରେ ଚମତ୍କାର ପ୍ରଦର୍ଶନ କରିଥିଲେ।

# କ୍ରିକେଟ୍‌ରୁ ମାଥ୍ୟୁ ୱେଡ୍‌ଙ୍କ ସନ୍ନ୍ୟାସ




**ମେଲବର୍ଣ୍ଣ,୩୦।୧୦/ଏଜେନ୍ସି:** ଅଷ୍ଟ୍ରେଲିଆ ୱିକେଟ୍‌କିପର୍ ବ୍ୟାଟର୍ ମାଥ୍ୟୁ ୱେଡ୍ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଏବେ ସେ କଙ୍ଗାରୁ ଟିମ୍‌ର କୋଚିଂ ଷ୍ଟାଫ୍ ସଦସ୍ୟ ହେବେ। ପାକିସ୍ତାନ ବିପକ୍ଷ ଘରୋଇ ଟି-୨୦ ସିରିଜ୍‌ରେ ୱେଡ୍ ୱିକେଟ୍‌କିପିଂ ଓ ଫିଲ୍ଡିଂ କୋଚ୍‌ର ଭୂମିକା ତୁଲାଇବେ। ଆଠମାସ ତଳେ ଚଳିତ ବର୍ଷ ମାର୍ଚ୍ଚରେ ସେ ଶେଫିଲ୍ଡ ଶିଲ୍ଡ ଫାଇନାଲ୍ ଖେଳିବା ପରେ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଅବସର ନେଇଥିଲେ। ମାଥ୍ୟୁ ୱେଡ୍ ଅଷ୍ଟ୍ରେଲିଆ ପାଇଁ ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଟି-୨୦ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ଖେଳିଥିଲେ।


୧୩ ବର୍ଷର କ୍ୟାରିୟର୍‌ରେ ୱେଡ୍ ଅଷ୍ଟ୍ରେଲିଆ ପାଇଁ ୩୬ ଟେଷ୍ଟ, ୯୭ ଦିନିକିଆ ଏବଂ ୯୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ଏବେ ଟାସ୍‌ମାନିଆର ଯୁବ ଏବଂ ଅନ୍ୟ ଏକାଦଶ ଟିମ୍‌କୁ କୋଚିଂ ଦେଉଛନ୍ତି। ଅଷ୍ଟ୍ରେଲିଆ ହାଇପରଫର୍ମାନ୍ସ ଏବଂ କାର୍ଯ୍ୟକାରୀ ଜେନେରାଲ୍ ମ୍ୟାନେଜର ବେନ୍ ଓଲିଭର୍ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର୍‌କୁ ପ୍ରଶଂସା କରିବା ସହିତ କୋଚିଂରେ ୱେଡ୍‌ଙ୍କ ଅନୁଭବର ଲାଭ ଉଠାଇବାକୁ ଉତ୍ସୁକ ବୋଲି କହିଛନ୍ତି। ୨୦୧୧ରେ ଅଷ୍ଟ୍ରେଲିଆ ପାଇଁ ଡେବ୍ୟୁ କରିଥିବା ୩୬ ବର୍ଷୀୟ ମାଥ୍ୟୁ ୱେଡ୍‌ଙ୍କୁ ୨୦୨୧ରୁ ଟେଷ୍ଟ ଏବଂ ଦିନିକିଆ ଖେଳିବାର ସୁଯୋଗ ମିଳିନଥିଲା। ସେ ୨୦୨୧ ଟି-୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିଜୟର ଅନ୍ୟତମ ନାୟକ ଥିଲେ। ପାକିସ୍ତାନ ବିପକ୍ଷ ସେମିଫାଇନାଲ୍‌ରେ ଶାହିନି ଆଫ୍ରିଦିଙ୍କ ଓଭର୍‌ରେ ତିନି ଛକାମାରି ଅଷ୍ଟ୍ରେଲିଆକୁ ଫାଇନାଲ୍‌ରେ ପହଞ୍ଚାଇଥିଲେ। ୱେଡ୍ ଟାସ୍‌ମାନିଆ ପାଇଁ ଘରୋଇ କ୍ରିକେଟ୍‌ରେ ଦୁଇଟି ସିଜନ୍ ପର୍ଯ୍ୟନ୍ତ ଖେଳିବେ। ସେହିପରି ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍)ରେ ମଧ୍ୟ ହୋବାର୍ଟ ହରିକେନ୍ସ ପକ୍ଷରୁ ଖେଳିବା ଜାରୀ ରଖିବେ।

# ସୁମତି ଧର୍ମବର୍ଦ୍ଧନେ ଆଇସିସି ଏସିୟୁ ଅଧ୍ୟକ୍ଷ



**ଦୁବାଇ,୩୦।୧୦/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବୁଧବାର ସୁମତି ଧର୍ମବର୍ଦ୍ଧନେଙ୍କୁ ନିଜ ଭ୍ରଷ୍ଟାଚାର ନିରୋଧୀ ୟୁନିଟ୍ (ଏସିୟୁ)ର ନୂଆ ଅଧ୍ୟକ୍ଷ ନିଯୁକ୍ତ କରିଛି। ସେ ନଭେମ୍ବର ୧ରେ ସାର ରୋନୀ ଫ୍ଲାନାଗନ୍‌ଙ୍କ ସ୍ଥାନରେ ପଦଭାର ସମ୍ଭାଳିବେ। ଫ୍ଲାନାଗନ୍ ଦୀର୍ଘ ୧୪ ବର୍ଷର ପ୍ରଭାବଶାଳୀ କାର୍ଯ୍ୟକାଳ ପରେ ଏହି ପଦରୁ ଅବସର ନେଇଛନ୍ତି। ଧର୍ମବର୍ଦ୍ଧନେ ଶ୍ରୀଲଙ୍କା ଆଟର୍ଣ୍ଣି ଜେନେରାଲ୍ ବିଭାଗରେ ଅତିରିକ୍ତ ସଲିସିଟର ଜେନେରାଲ୍ ଭାବେ କାର୍ଯ୍ୟ କରିବା ସହିତ ବିଭିନ୍ନ ଆଇନଗତ ମାମଲାରେ କ୍ରୀଡ଼ା ମନ୍ତ୍ରଣାଳୟ ସହିତ ଶ୍ରୀଲଙ୍କା ସରକାରଙ୍କ ପ୍ରତିନିଧିତ୍ୱ କରିଛନ୍ତି। ସେହିପରି ବିଶ୍ୱ ସ୍ତରରେ ଖେଳରେ ଭ୍ରଷ୍ଟାଚାରର ଯାଞ୍ଚ ଏବଂ ଏହି ସମସ୍ୟାର ସମାଧାନ ପାଇଁ ଇଣ୍ଟରପୋଲ୍ ଏବଂ ଜାତିସଂଘ କାର୍ଯ୍ୟାଳୟ ବ୍ୟତୀତ ପ୍ରମୁଖ ଅନ୍ତର୍ଜାତୀୟ ସଂଗଠନ ସହିତ କାର୍ଯ୍ୟ କରିଛନ୍ତି। ଧର୍ମବର୍ଦ୍ଧନେ ଶ୍ରୀଲଙ୍କାରେ ଖେଳ ସମ୍ବନ୍ଧୀୟ ଅପରାଧ ନିରୋଧ ଅଧିନିୟମର ଡ୍ରାଫ୍ଟ ପ୍ରସ୍ତୁତ ସହିତ ଏହାକୁ ଲାଗୁ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ, ଯାହା ଦେଶରେ ଭ୍ରଷ୍ଟାଚାର ନିରୋଧୀ ଢାଞ୍ଚାକୁ ମଜଭୁତ କରିଛି। ଧର୍ମସେନାଙ୍କ ନେତୃତ୍ୱ ଉପରେ ଆଇସିସି ସିଇଓ ଗ୍ରେଗ୍ ବାର୍କଲେ ନିଜ ବିଶ୍ୱାସବ୍ୟକ୍ତ କରିଛନ୍ତି।

# ଏଟିପି ଫାଇନାଲ୍ସରେ ବୋପନ୍ନା-ଏବ୍‌ଡେନ୍ ଯୋଡ଼ି



**ନୂଆଦିଲ୍ଲୀ,୩୦।୧୦/ଏଜେନ୍ସି:** ଭାରତର ମହାନ୍ ଡବଲ୍ସ ଖେଳାଳି ରୋହନ ବୋପନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ଯୋଡ଼ିଦାର ମାଥ୍ୟୁ ଏବ୍‌ଡେନ୍ ସମ୍ମାନଜନକ ସିଜନ୍ ଶେଷ ଏଟିପି ଫାଇନାଲ୍ସରେ ସ୍ଥାନ ପକ୍କା କରିଛନ୍ତି। ଭାରତୀୟ ଖେଳାଳିଙ୍କର ଟୁର୍ଣ୍ଣାମେଣ୍ଟରେ ଏହା ଚତୁର୍ଥ ଆବିର୍ଭାବ ହେବ। ରୋଲେକ୍ସ ପ୍ୟାରିସ୍ ମାଷ୍ଟର୍ସରୁ ନାଥାଲିଏଲ୍ ଲାମୋନ୍ସ ଓ ଜ୍ୟାକ୍‌ସନ୍ ୱିଥ୍ରୋ ବିଦରା ନେବାପରେ ଇଣ୍ଡୋ-ଅଷ୍ଟ୍ରେଲୀୟ ଯୋଡ଼ି ସ୍ଥାନ ହାସଲରେ ସଫଳ ହୋଇଛି। ଟୁରିନ୍‌ରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ ବୋପନ୍ନା-ଏବ୍‌ଡେନ୍‌ଙ୍କ ବ୍ୟତୀତ ୱେସ୍‌ଲି କୁଲହଫ୍/ନିକୋଲା ମେକ୍‌ଟିକ୍, କେଭିନ୍ କ୍ରାୱିଏଟ୍‌ଜ/ଟିମ୍ ପୁଏଟ୍‌ଜ, ହାରି ହେଲିଓଭାରା/ହେନ୍‌ରୀ ପାଟେନ୍, ମାର୍ସେଲୋ ଆରେଭାଲୋ/ମାଟ୍ ପାଭିକ୍, ମାର୍ସେଲ୍ ଗ୍ରାନୋଲର୍ସ/ହେରାସିଓ ଜେବାଲୋସ୍, ସିମୋନ ବୋଲେଲି/ଆନ୍ଦ୍ରିଆ ଭାଭାସୋରୀ ଏବଂ ମାକ୍ସ ପୁରସେଲ୍/ଜୋର୍ଡାନ୍ ଥମ୍ପସନ୍ ଭାଗ ନେଉଛନ୍ତି। ନଭେମ୍ବର ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ଇନାଲ୍‌ପି ଏରିନାରେ ଆୟୋଜିତ ହେବାକୁ ଥିବା ଏଟିପି ଫାଇନାଲ୍ସରେ ବିଶ୍ୱର ଶୀର୍ଷ ଆଠ ଡବଲ୍ସ ଟିମ୍ ଭାଗନେବେ। ଏବ୍‌ଡେନ୍‌ଙ୍କ ସହ ସାଥୀହୋଇ ବୋପନ୍ନା ଚଳିତ ସିଜନ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ବୟସ୍କ ଖେଳାଳି ଭାବେ ୪୩ ବର୍ଷ ବୟସରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ। ସେହିପରି ପରେ ଏହି ଯୋଡ଼ି ମିଆମି ଓପନ୍ ଟାଇଟଲ୍ ନିଜ ନାମରେ କରିଥିଲା। ଏହା ବ୍ୟତୀତ ଆଡିଲେଡ୍ ଫାଇନାଲ୍ ଓ ରୋଲାଣ୍ଡ ଗାରୋସ୍ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ଏହା ବୋପନ୍ନା-ଏବ୍‌ଡେନ୍‌ଙ୍କ ଲଗାତାର ଦ୍ୱିତୀୟ ଏଟିପି ଫାଇନାଲ୍। ୨୦୨୩ରେ ଟୁରିନ୍‌ରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ଗ୍ରାନୋଲର୍ସ ଓ ଜେବାଲୋସ୍‌ଙ୍କଠାରୁ ପରାଜିତ ହୋଇଥିଲେ। ପ୍ରଥମ ଏଟିପି ଫାଇନାଲ୍ସ ଟାଇଟଲ୍ ଲକ୍ଷ୍ୟରେ ଥିବା ବୋପନ୍ନାଙ୍କ ପାଇଁ ଏହି ଇଭେଣ୍ଟ ବିଶେଷ ମହତ୍ତ୍ୱ ରଖୁଛି। ଏହା ପୂର୍ବରୁ ୨୦୧୨ରେ ମହେଶ ଭୂପତି ଏବଂ ୨୦୧୫ରେ ଫ୍ଲୋରିନ୍ ମେରଗିଆଙ୍କୁ ସାଥୀକରି ରନର୍ସଅପ୍ ହୋଇଥିଲେ। ବୋପନ୍ନା ୨୦୧୧ରେ ଐସମ୍-ଉଲ୍-ହକ୍ କୁରେଶୀଙ୍କ ସହ ପ୍ରଥମ ଥର ପାଇଁ ଏଟିପି ଫାଇନାଲ୍ସ ଖେଳିଥିଲେ।

## ଚଟଗାଉଁ ଟେଷ୍ଟ: ବାଂଲାଦେଶ ପ୍ରଥମ ଇନିଂସ୍ ସ୍କୋର୍ ୩୮/୪

# ସାଉଥ୍ ଆଫ୍ରିକା ୫୩୭ ରନ୍‌ରେ ଆଗୁଆ



**ଚଟ୍ଟୋଗାଉଁ,୩୦।୧୦/ଏଜେନ୍ସି:** ସାଉଥ୍ ଆଫ୍ରିକା ଓ ବାଂଲାଦେଶ ମଧ୍ୟରେ ଚଟଗାଉଁରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଘରୋଇ ବାଂଲାଦେଶ ଟିମ୍ ୫୩୭ ରନ୍‌ରେ ପଛୁଆ ରହିଛି। ଷ୍ଟମ୍ପସ ବେଳକୁ ଟିମ୍ ପ୍ରଥମ ଇନିଂସ୍‌ରେ ୪ ୱିକେଟ୍ ହରାଇ ୩୮ ରନ୍ କରିଛି। କ୍ୟାପ୍‌ଟେନ୍ ନଜମୁଲ୍ ହସନ୍ ଶାନ୍ତୋ ୪ ଏବଂ ମୋମିନୁଲ୍ ହକ୍ ୬ ରନ୍‌ରେ ଅପରାଜିତ ଫେରିଛନ୍ତି। କାଗିସୋ ରବାଡା ଦୁଇଟି ୱିକେଟ୍ ନେଇଛନ୍ତି। ସାଉଥ୍ ଆଫ୍ରିକା ପକ୍ଷରୁ ପ୍ରଥମ ଇନିଂସ୍‌ରେ ତିନିଜଣ ବ୍ୟାଟର୍ ଶତକ ହାସଲ କରିଛନ୍ତି। ଟୋନି ଡି ଜର୍ଜି ସର୍ବାଧିକ ୧୭୭ ରନ୍ କରିଥିବା ବେଳେ ଟ୍ରିଷ୍ଟନ୍ ଷ୍ଟବ୍ସ ୧୦୬ ଓ ୱିୟାନ୍ ମୁଲ୍‌ଡର ଅପରାଜିତ ୧୦୫ ରନ୍‌ର ଶତକୀୟ ଇନିଂସ୍ ଖେଳିଛନ୍ତି।

ବୁଧବାର ପ୍ରୋଟିୟାଜ୍ ଟିମ୍ ୩୦୭ ରନ୍‌ର ସ୍କୋର୍‌ରୁ ଅସମାପ୍ତ ପ୍ରଥମ ଇନିଂସ୍ ଆଗକୁ ଖେଳିବା ସହିତ ୫୭୫/୬ ସ୍କୋର୍‌ରେ ଇନିଂସ୍ ଘୋଷଣା କରିଥିଲା। ୱିୟାନ୍ ମୁଲ୍ଡର୍ ଓ ସେନୁରାନ ମୁଥୁସାମୀଙ୍କ ମଧ୍ୟରେ ସପ୍ତମ ୱିକେଟ୍ ପାଇଁ ୧୮୬ ବଲ୍‌ରେ ଅପରାଜିତ ୧୫୨ ରନ୍‌ର ଭାଗୀଦାରି ହୋଇଥିଲା। ପ୍ରଥମ ଦିନ ୧୪୬ ବଲ୍‌ରେ ଶତକ ହାସଲ କରିଥିବା ଟୋନି ଡି ଜର୍ଜି ଦ୍ୱିତୀୟ ଦିନ ମଧ୍ୟ ଚମତ୍କାର ବ୍ୟାଟିଂ କରିଥିଲେ। ସେ ୨୬୯ ବଲ୍‌ରେ ୧୨ ଚୌକା ଓ ୪ ଛକା ସହାୟତାରେ ୧୭୭ ରନ୍ କରି ତୈଜୁଲ୍ ଇସ୍ଲାମଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଡେଭିଡ୍ ବେଡିଂହାମ୍ ୭୮ ବଲ୍‌ରେ ୫୯ ରନ୍‌ର ଇନିଂସ୍ ଖେଳିଥିଲେ। ଟୋନି ଡି ଜର୍ଜି, ଟ୍ରିଷ୍ଟନ୍ ଷ୍ଟବ୍ସଙ୍କ ପରେ ଅଲ୍‌ରାଉଣ୍ଡର ୱିୟାନ୍ ମୁଲ୍‌ଡର ଶତକୀୟ ଇନିଂସ୍ ଖେଳିଛନ୍ତି। ସେ ୧୫୦ ବଲ୍‌ରେ ୮ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୧୦୫ ରନ୍ କରିଛନ୍ତି। ସେ ସେନୁରାନ ମୁଥୁସାମୀଙ୍କ ସହ ୧୮୬ ବଲ୍‌ରେ ଅପରାଜିତ ୧୫୨ ରନ୍‌ର ଭାଗୀଦାରି କରିଛନ୍ତି। ମୁଥୁସାମୀ ୭୫ ବଲ୍‌ରେ ୬୮ ରନ୍ କରି ଅପରାଜିତ ରହିଛନ୍ତି। ବାଂଲାଦେଶ ପକ୍ଷରୁ ବାମହାତି ସ୍ପିନର୍ ତୈଜୁଲ୍ ଇସ୍ଲାମ୍ ୫ଟି ୱିକେଟ୍ ନେଇଥିବା ବେଳେ ନାହିଦ ରାଣାଙ୍କୁ ଗୋଟିଏ ସଫଳତା ମିଳିଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra